

ଧୂମ୍-୪ ଛାଡ଼ିଲେ ଅୟାନ
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-117 ♦FRIDAY ♦24 OCTOBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୧୭ ♦ଶୁକ୍ରବାର ♦୨୪ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ପୁଲିସ ଚାକିରି ବେପାର
# ମାମଲା ରୁଜୁ କଲା ସିବିଆଇ
## ମାମଲା ସମ୍ପର୍କିତ ଦସ୍ତାବିଜ୍ ହସ୍ତାନ୍ତର କଲା କ୍ରାଇମ୍‌ବ୍ରାଞ୍ଚ

■ **ଭୁବନେଶ୍ୱର, ୨୩।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କ୍ରମେ ଆଜି ସିବିଆଇ ମାମଲା ରୁଜୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ସିବିଆଇର ଏକ ଦୁଇ ଜଣିଆ ଟିମ୍ କ୍ରାଇମ୍‌ବ୍ରାଞ୍ଚ ଅଫିସ୍ ଯାଇ ମାମଲା ସମ୍ପର୍କିତ ଏକାଧିକ ଦସ୍ତାବିଜ୍ ସଂଗ୍ରହ କରିଛି। ଦସ୍ତାବିଜ୍‌କୁ ପରଖିବା ପରେ ସିବିଆଇ ଆଇନଗତ ପ୍ରସ୍ତୁତି ଆରମ୍ଭ କରିବା ସହ ୧୨ଟି ସ୍ଥାନରେ ଚଢ଼ଉ ପାଇଁ ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର କୋର୍ଟରୁ ଅନୁମତି ନେଇ ସିବିଆଇ ମୁନା ଏବଂ ଅନ୍ୟ ଦଲାଲଙ୍କୁ ଜେଲ୍ ଭିତରେ ପଚରାଉଚରା କରିବ ବୋଲି ସୂଚନା ମିଳିଛି।

**୧୨ଟି ସ୍ଥାନରେ ଚଢ଼ଉ ପାଇଁ ତାଲିକା ପ୍ରସ୍ତୁତ**

ଏହି ମାମଲାରେ ଅଦ୍ୟାବଧି ହୋଇଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗକୁ ଲମ୍ବିଥିବା ଜଣାପଡ଼ିଛି। ଏଥିରେ ସଂଗଠିତ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସଂପୃକ୍ତି ଥିବା ମଧ୍ୟ ସନ୍ଦେହ କରାଯାଉଛି। ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଆଜି ସୁଦ୍ଧା ୧୨୩ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ସେମାନଙ୍କ ମଧ୍ୟରେ ୯ ଜଣ ଦଲାଲ୍ ଅଛନ୍ତି।

## ସନ୍ଦେହ ଘେରରେ ତ୍ରିନାଥ, ସୁନିଲ୍ ଓ ଗୋବିନ୍ଦର ଭୂମିକା

■ **ଭୁବନେଶ୍ୱର, ୨୩।୧୦(ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ଯିବା ପରେ ରାଜ୍ୟ ବାହାରେ ବସିଥିବା ଦଲାଲ୍‌ଙ୍କ ନିଦ ହଜିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଦଲାଲ୍ ମୁନ୍ନା ମହାନ୍ତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆନ୍ଧ୍ର ପ୍ରଦେଶର ଗୋବିନ୍ଦ ରେଡ୍ଡି ନାମକ ଜଣେ ବ୍ୟକ୍ତି ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିବା ସହ ତାଙ୍କର ଜଣେ ଖାସ୍ ସହଯୋଗୀ ଭାବେ ସେ ସବୁ ବୁଝାବୁଝି କରୁଥିଲା। ଏପରିକି ଗୋବିନ୍ଦ ହିଁ ପ୍ରଶ୍ନପତ୍ର ପ୍ରିଣ୍ଟିଂ ସ୍ଥାନରୁ ଆଣିବା ଦାୟିତ୍ୱ ନେଇଥିବା ଜଣାପଡ଼ିଛି। ଘଟଣା ପରେ ଗୋବିନ୍ଦ ଦିଲ୍ଲୀରେ ଡେରା ପକାଇ ସୁପ୍ରିମ୍‌କୋର୍ଟରେ ଆଗୁଆ ଜାମିନ୍ ପାଇଁ ଆବେଦନ କରିବାକୁ ବିଚାରବିମର୍ଶ କରିଥିଲା। ହେଲେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରରେ ସେ ଆସୁ ନ ଥିବା ପ୍ରାୟ ନିଶ୍ଚିତ ହେବା ପରେ ସେ ଆଗୁଆ ଜାମିନ୍ ଆବେଦନ କରି ନ ଥିଲା। ଏବେ ସିବିଆଇକୁ ମାମଲା ହସ୍ତାନ୍ତର ହେଉଥିବା ଆଗୁଆ ଖବର ପାଇବା ପରେ ଗୋବିନ୍ଦ ଓ ତା'ର ଘନିଷ୍ଠ ସହଯୋଗୀ ତ୍ରିନାଥ ଦେଶ ବାହାରକୁ ପଳାଇଯିବାକୁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ୨୦୨୩ ସିଭିଲ୍ ଜେଇଇ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ପଟ୍ଟା ସୁନିଲ୍ ଓ ଗୋବିନ୍ଦ ତ୍ରିପାଠୀ ମଧ୍ୟ ପୁଲିସ ଏସ୍‌ଆଇ ଚାକିରି ବିକ୍ରିରେ ସମ୍ପୃକ୍ତ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ୧୧୦ ଜଣ ପରୀକ୍ଷାର୍ଥୀଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଦୀଘା ମଡେଲ୍‌ରେ ଗିରଫ ହୋଇଥିବା ଅରବିନ୍ଦକୁ ଏମାନେ ସହଯୋଗ କରୁଥିଲେ। ଖାସ୍ କରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରିବାରେ ଏମାନେ ପ୍ରମୁଖ ଭୂମିକା ନେଇଥିଲେ। ଭଦ୍ରକ ଜିଲ୍ଲାର ଜଣେ ପରୀକ୍ଷାର୍ଥୀ ୨ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଅବଶିଷ୍ଟ ଟଙ୍କା ଦୀଘାରେ ଦେବାକୁ କହିଥିଲେ। ଯୋଜନା ଭଣ୍ଡୁର ହେବାରୁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ସମସ୍ତ ଟଙ୍କା ତୁରନ୍ତ ଫେରାଇ ଦେଇଥିବା ମଧ୍ୟ ସୂଚନା ମିଳିଛି। ଏପରିକି ତାଙ୍କ ନାମ କହିଲେ ପରୀକ୍ଷାର୍ଥୀଙ୍କୁ ମଧ୍ୟ ପୁଲିସ୍ ବାନ୍ଧିବ ବୋଲି ଚେତାବନୀ ଦେଇଥିଲେ। ହେଲେ କ୍ରାଇମ୍‌ବ୍ରାଞ୍ଚ ଡିଜି ପରୀକ୍ଷାର୍ଥୀଙ୍କୁ ତଥ୍ୟ ଦେବାକୁ ଆହ୍ୱାନ କରିବା ପରେ ପରୀକ୍ଷାର୍ଥୀଜଣକ ନିଜଆଡ଼ୁ ତଥ୍ୟ ଦେବାକୁ ଆଗ୍ରହୀ ଅଛନ୍ତି। ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିକୁ ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ଅଭିହିତ କରି ତଦନ୍ତକୁ ସୀମିତ ରଖିଥିବାରୁ ବିଭିନ୍ନ ଅନାଲୋଚିତ ଦିଗ ଉନ୍ମୋଚନ ହୋଇ ପାରି ନ ଥିବା ଆଇନଜ୍ଞମାନେ ମତବ୍ୟକ୍ତ କରୁଛନ୍ତି।

## କାରବାଇଡ୍ ବନ୍ଧୁକ ବାଣ ହେଲା କାଳ
# ଦୃଷ୍ଟିଶକ୍ତି ହରାଇଲେ ୧୪ ଶିଶୁ





■ **ଭୋପାଳ, ୨୩।୧୦ (ଏଜେନ୍ସି):** ମଧ୍ୟପ୍ରଦେଶରେ ଦୀପାବଳି ଉତ୍ସବ ପାଳନ ବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବାଣ ଫୁଟାଇବାର ମଜା ନେବାଲାଗି ପିଲାମାନେ କାରବାଇଡ୍ ବନ୍ଧୁକ ବ୍ୟବହାର କରିବାରୁ ଏହା ସେମାନଙ୍କ ଲାଗି ଘାତକ ସାବ୍ୟସ୍ତ ହୋଇଛି। ଏହି ବନ୍ଧୁକରେ ବାଣ ଫୁଟାଇବାରୁ ବିସ୍ଫୋରଣ ହୋଇ ୧୨୨ ଶିଶୁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଶିଶୁଙ୍କର ଆଖି ନଷ୍ଟ ହୋଇଯାଇଛି। ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରୁ ଏଭଳି କଷ୍ଟଦାୟକ ଖବର ମିଳିବାରେ ଲାଗିଛି।

ପ୍ରତିବର୍ଷ ଦୀପାବଳିରେ ବାଣ ଫୁଟାଇବା ଲାଗି ବିଭିନ୍ନ ପ୍ରକାର ସରଞ୍ଜାମ ବଜାରକୁ ଆସେ। ସେହିଭଳି ଏଥର ମଧ୍ୟପ୍ରଦେଶର ବିଭିନ୍ନ ବଜାରରେ କାରବାଇଡ୍ ଗନ୍ ବା ଦେଶୀ ବନ୍ଧୁକ ବାଣ ଆସିଥିଲା। ପ୍ଲାଷ୍ଟିକ୍ ଓ ଟିଣ ପାଇପ୍‌ରେ ନିର୍ମିତ ଏହି ବାଣରେ ଗନପାଉଡର, କାଲସିୟମ କାରବାଇଡ୍ ଓ ମାଚିସ୍ ଭର୍ତ୍ତି ହୋଇ ରହିଥାଏ। ଏଥିରେ ନିଆଁ ଲଗାଇବା ମାତ୍ରେ ଭୀଷଣ ବିସ୍ଫୋରଣ କରେ। ଏହି କାରବାଇଡ୍ ଗନଗୁଡ଼ିକ ମାରାତ୍ମକ ହୋଇଥିବାରୁ ଏହାର ତିଆରି ଓ ବିକ୍ରି ଉପରେ ମଧ୍ୟପ୍ରଦେଶ ସରକାର ଗତ ୧୮ ତାରିଖରେ କଟକଣା ଜାରି କରିଥିଲେ। ଏହାସତ୍ତ୍ୱେ ବିଭିନ୍ନ ଦୋକାନ ବଜାରରେ ଖେଳନା ଭଳି ଏହାର ବିକ୍ରି ହୋଇଥିଲା। ୧୫୦ରୁ ୨୦୦ ଟଙ୍କା ଭିତରେ ବିକ୍ରି ହୋଇଥିବା ▶ପୃଷ୍ଠା-୭

**୧୨୨ ଶିଶୁ ମେଡିକାଲରେ ଭର୍ତ୍ତି**

## ନୂଆପଡ଼ା ଉପ ନିର୍ବାଚନ
# ପଣ୍ଡା ପିତାପୁତ୍ରଙ୍କ ଗତିବିଧିକୁ ନେଇ ଦ୍ୱନ୍ଦ୍ୱରେ ବିଜେପି

■ **ଭୁବନେଶ୍ୱର, ୨୩।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନ ପାଇଁ ୩ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିଛନ୍ତି। ଏହି ଆସନକୁ ହାତେଇବା ଏବେ ୩ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ଏଥିଲାଗି ୩ ଦଳ ମଧ୍ୟରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ ହୋଇଛି। ତେବେ ରାଜ୍ୟରେ ଶାସନ ସମ୍ଭାଳିବାର ୧୫ ମାସ ପରେ ବିଜେପି ପ୍ରଥମଥର ଏକ ଉପ ନିର୍ବାଚନର ସମ୍ମୁଖୀନ ହେଉଥିବାରୁ ଦଳ ପାଇଁ ଏକ ପ୍ରକାର ଅଗ୍ନିପରୀକ୍ଷା ପାଲଟିଛି। ଗତ ୧୫ ମାସରେ ରାଜ୍ୟ ସରକାରଙ୍କ ଶାସନରେ ଲୋକେ କେତେ ମାତ୍ରାରେ ସନ୍ତୁଷ୍ଟ ଅଛନ୍ତି, ତାହା ଏହି ଉପ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହେବା ଆଶଙ୍କାରେ ଏହାକୁ ନେଇ ବିଜେପି ନେତୃତ୍ୱ ବେଶ୍ ଚିନ୍ତିତ। କଳ, ବଳ ଏବଂ କୌଶଳ ଲଗାଇ କିପରି ବିଜେପି ଜିତାପଟ୍ କରିବ ସେ ନେଇ ଜୋରଦାର ପ୍ରୟାସ ଦଳ କରୁଥିବା ବେଳେ ନୂଆପଡ଼ା ବିଜେପିର ପରିଚୟ କୁହାଯାଉଥିବା ବସନ୍ତ ପଣ୍ଡା ଏବଂ ତାଙ୍କ ପୁଅ ଅଭିନନ୍ଦନ ଏବେ ବିଜେପି ପାଇଁ ଏବେ ଚିନ୍ତାର କାରଣ ପାଲଟିଛନ୍ତି। ଉଭୟ ବାପ-ପୁଅ ଦଳ ପାଇଁ ପ୍ରଚାର କରୁଥିଲେ ହେଁ ଜୟ ଢୋଲକିଆଙ୍କୁ ଖୋଲା ହୃଦୟରେ ଗ୍ରହଣ କରିପାରୁ ନାହାନ୍ତି। ଉଭୟେ ବିଜେପି ଜିନ୍ଦାବାଦ ନାରା ପକାଉଥିଲେ ହେଁ ଜୟ ଜିନ୍ଦାବାଦ କହିବାକୁ ସେମାନଙ୍କ ଜିଭ ଲେଉଟୁନାହିଁ। ଜୟ ଢୋଲକିଆ ବିଜେପିରେ ମିଶିବା ପୂର୍ବରୁ ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ବସନ୍ତ ପଣ୍ଡାଙ୍କୁ ନେଇ କବାଟ କିଳା ବୈଠକ କରିଥିଲେ। ଏକାଧିକ ଲୋଭନୀୟ ପ୍ରତିଶ୍ରୁତି ପରେ ବସନ୍ତ ନିରବ ରହିବା ସହ ଜୟଙ୍କ ମିଶ୍ରଣ ମଞ୍ଚ ଉପରେ ଚଢ଼ିବାକୁ ରାଜି ହୋଇଥିଲେ। ଏହାପରେ ଜୟଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଥିଲେ ହେଁ ଏହାକୁ ଉଭୟେ ▶ପୃଷ୍ଠା-୭

**ସଭା ସମିତିରେ ଜୟଙ୍କ ନାଁ ନେଉନାହାନ୍ତି ବସନ୍ତ**

**ବିଜେପିର ଜୟ-ଜୟକାର; ଜୟଙ୍କ ପାଇଁ କୁନ୍ଥକୁନ୍ଥ**

# ବିଶ୍ୱର ୧୧ ପ୍ରତିଶତ ସୁନା ଭାରତୀୟ ଗୃହିଣୀଙ୍କ ପାଖରେ
## ଭାରତରେ ରହିଛି ୫୦ ହଜାର ଟନ୍

■ **ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି):** ଭାରତରେ ସୁନା ଭଣ୍ଡାର ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଭରତରେ ଏବେ ୫୦ ହଜାର ଟନ୍ ସୁନା ରହିଛି। ଭାରତୀୟ ଗୃହିଣୀମାନଙ୍କ ପାଖରେ ସର୍ବାଧିକ ୨୮ ହଜାର ଟନ୍ ସୁନା ରହିଥିବା ବେଳେ ବିଭିନ୍ନ ମନ୍ଦିରରେ ୨୨ ହଜାର ଟନ୍ ସୁନା ରହିଛି। ଭାରତୀୟ ଗୃହିଣୀଙ୍କ ପାଖରେ ଯେତେ ସୁନା ରହିଛି, ତାହା ସାରା ବିଶ୍ୱରେ ଗଚ୍ଛିତ ରହିଥିବା ସୁନାର ୧୧ ଭାଗ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ଆମେରିକା ରିଜର୍ଭ ବ୍ୟାଙ୍କରେ ଯେତେ ସୁନା ରହିଛି, ତାହାର ତିନି ଗୁଣା ସୁନା ଭାରତୀୟ ଗୃହିଣୀଙ୍କ ପାଖରେ ରହିଛି। ତେବେ ଏହା ତୁଳନାରେ ଭାରତୀୟ ରିଜର୍ଭ ▶ପୃଷ୍ଠା-୭



**ଗୃହିଣୀଙ୍କ ପାଖରେ ୨୮ ହଜାର ଟନ୍**

**ମନ୍ଦିରଗୁଡ଼ିକରେ ୨୨ ହଜାର ଟନ୍**

**ରିଜର୍ଭ ବ୍ୟାଙ୍କରେ ମାତ୍ର ୮୮୦ ଟନ୍**

## 'କ୍ରିପ୍ଟୋ କରେନ୍ସି' ମହାଠକେଇ
# କଟକରୁ ୩୨ ସନ୍ଦିଗ୍ଧ ଗିରଫ
## ୪ଟି ପଶ୍ଚିମବଙ୍ଗ କାର୍, ଗୋଟିଏ କ୍ରିପ୍ଟୋ-ୱାଲେଟ୍ ମେସିନ୍, ୩୫ଟି ମୋବାଇଲ୍, ମାଳମାଳ ଆଧାର ଓ ପାନ୍‌କାର୍ଡ ଜବତ

■ **କଟକ, ୨୩।୧୦ (ସମିସ):** କ୍ରିପ୍ଟୋରେ ନିବେଶ ଆଳରେ ପଶ୍ଚିମବଙ୍ଗରୁ ପାଖାପାଖି ୧୦୦ କୋଟି ଟଙ୍କା ଚୂନ ମାରିବା ପରେ ଓଡ଼ିଶାମୁହାଁ ହୋଇଥିଲେ। ଏଠି ବି ଲୋକଙ୍କୁ ସେଇ ସ୍ୱପ୍ନ ଦେଖାଇଥିଲେ। ବୁଢ଼ିଆଣୀ ଜାଲ ଭଳି ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ ଠକିବା ପାଇଁ ଜାଲ ବିଛାଇଥିଲେ। ଏଥର କିନ୍ତୁ ଲକ୍ଷ୍ୟ ଆହୁରି ବଡ଼ ଥିଲା। ସେଥିପାଇଁ ନେଟ୍‌ୱାର୍କ ତିଆରି କରିଥିଲେ। କିଛି ଲୋକଙ୍କୁ ପାଲରେ ପକାଇଥିଲେ। ପୁରୀ ନେଇ ବୁଲାବୁଲି କରାଇବା ସହ ହୋଟେଲରେ ରଖିଥିଲେ। କିନ୍ତୁ ସବୁ ଫସର ଫାଟିଗଲା; ଠିକ୍ ବେଳେ ପୁଲିସ ମାଡ଼ି ବସିଲା। ଚାଉଳିଆଗଞ୍ଜ ପୁଲିସ ଆଜି ଶିଖରପୁର ଛକରେ ଥିବା ଜସ୍ମିନ୍ ହୋଟେଲ୍‌ରେ ଚଢ଼ଉ କରି ୩୨ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କ ଘର କୋଲକାତାରେ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଓଡ଼ିଆ ଯୁବକ। ଏମାନଙ୍କ ମଧ୍ୟରେ ୨ଜଣ ମାଷ୍ଟରମାଇଣ୍ଡ ଥିବା ଜଣାଯାଇଛି। ସେମାନଙ୍କଠାରୁ ୩୫ଟି ମୋବାଇଲ୍, ୪ଟି କାର୍, ଗୋଟିଏ କ୍ରିପ୍ଟୋ ୱାଲେଟ୍ ମେସିନ୍ ଏବଂ ମାଳମାଳ ଆଧାର ଓ ପ୍ୟାନ୍‌କାର୍ଡ ଜବତ କରାଯାଇଛି। ଖୁବ୍‌ଶୀଘ୍ର ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ପଠାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି। ▶ପୃଷ୍ଠା-୭



## ଚାକିରି ଦେବା ଆଳରେ ଠକେଇ
# ୨ ହଜାର ଲୋକଙ୍କଠାରୁ ଠକିଛନ୍ତି ୨ କୋଟି ଟଙ୍କା



■ **ସମ୍ବଲପୁର, ୨୩।୧୦ (ସମିସ):** ଗ୍ରାମରେ ଛୋଟଛୋଟ ବୈଠକ କରୁଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ପରାମର୍ଶ ଦେଉଥିଲେ। ଦିନକୁ ମାତ୍ର ୧ଘଣ୍ଟା କାମ କଲେ ପାରିଶ୍ରମିକ ୪୦୦ ଟଙ୍କା ମିଳିବ ବୋଲି ଲୋଭ ଦେଖାଉଥିଲେ। ଖାଲି ସେତିକି ନୁହେଁ, ୧୨ହଜାର ଟଙ୍କା ଦେଲେ ସମ୍ବଲପୁର ମହାନଗର ନିଗମରେ ଚାକିରି କରାଇଦେବେ ବୋଲି କହୁଥିଲେ। ଏମିତି ଉପାୟରେ ପାଖାପାଖି ୨ ହଜାର ଲୋକଙ୍କଠାରୁ ୨ କୋଟି ଟଙ୍କା ଠକି ନେଇଥିବା ଏକ ରାକେଟ୍‌ର ପର୍ଦ୍ଦାଫାସ କରିଛି ବୁର୍ଲା ପୁଲିସ। ଜଣେ ମହିଳା ସମେତ ମୋଟ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, କ୍ଷେତରାଜପୁର ଥାନା ବଡ଼ବଜାରର ରାହୁଲ ଓରଫ ସମ୍ରାଟ ରାୟ(୩୨) ଓ ବୁର୍ଲା ଥାନା ସତୁପାଲିର ପଦ୍ମାବତୀ ଓରଫ ପଦ୍ମାଳୟା ତାଣ୍ଡି(୩୪)। ଅନ୍ୟ ଜଣେ ଅଭିଯୁକ୍ତ ଭୁବନେଶ୍ୱରର ସୌମ୍ୟ ସାହୁ ଫେରାର ରହିଛି। ସେମାନଙ୍କ ନିକଟରୁ ପୁଲିସ ▶ପୃଷ୍ଠା-୭

**ମହିଳାଙ୍କ ସମେତ ୨ ଗିରଫ**

**୬୨ ଲକ୍ଷ ଟଙ୍କା, ମୋବାଇଲ, କାଗଜପତ୍ର ଜବତ**

**ସମ୍ବଲପୁର, ସୋନପୁର, ବରଗଡ଼ ଓ ବୌଦ୍ଧରେ ଚାଲିଥିଲା ରାକେଟ୍**




# ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେଲେ ଜଙ୍ଗଲ ରାଜ ଫେରିବ: ପ୍ରଶାନ୍ତ କିଶୋର



ପାଟନା, ୨୩।୧୦ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣାକୁ ନେଇ ଜନ ସୁରାଜ ଦଳର ମୁଖିଆ ତଥା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଇଣ୍ଡିଆ ମହାମେଣ୍ଟକୁ ତୀବ୍ର ସମାଲୋଚନା କରିଛନ୍ତି। ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେଲେ ଜଙ୍ଗଲ ରାଜ ଫେରିବ ବୋଲି ସେ କହିଛନ୍ତି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରଶାନ୍ତ କହିଥିଲେ ଯେ ଯଦି ଲାଲୁ ଯାଦବଙ୍କ ଜଙ୍ଗଲ ରାଜ ପୁଣି ଫେରେ ତେବେ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଥିଲା। ତେଣୁ ଏଥିରେ କିଛି ନୂଆ ନାହିଁ। ଆଉ କିଛି ଦିନ ପରେ ବିହାରକୁ ସୁନାର ଲଙ୍କା କରିଦେବେ ବୋଲି ତେଜସ୍ୱୀ ଘୋଷଣା କରିବେ। ଲାଲୁଙ୍କ ଭୟରୁ ବାହାରିବା ପାଇଁ ଲୋକେ ବିଜେପିକୁ ଭୋଟ ଦେଉଛନ୍ତି। ଆଉ କୌଣସି କାରଣ ପାଇଁ ଲୋକେ ବିଜେପିକୁ ଭୋଟ ଦେଉନାହାନ୍ତି। କିନ୍ତୁ ଏବେ ଲୋକଙ୍କ ପାଖରେ ଜନସୁରାଜ ଦୃଢ଼ ବିକଳ୍ପ ଭାବେ ଛିଡ଼ା ହୋଇଛି। ତେଣୁ ଚଳିତ ଥର ଲୋକେ କୌଣସି ଭୁଲ୍ କରିବେ ନାହିଁ ବୋଲି ପ୍ରଶାନ୍ତ କିଶୋର କହିଛନ୍ତି।

# ଦିଲ୍ଲୀରେ ବିହାରର ୩ ଅପରାଧୀଙ୍କୁ ଏନ୍‌କାଉଣ୍ଟର

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଦିଲ୍ଲୀରେ ୪ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ଏମାନଙ୍କ ମଧ୍ୟରୁ ୩ ଜଣ ବିହାର ସୀତାମଢ଼ୀର ବାସିନ୍ଦା। ଦିଲ୍ଲୀ କ୍ରାଇମ ବ୍ରାଞ୍ଚ ଏବଂ ବିହାର ପୁଲିସର ମିଳିତ ଟିମ୍ ଏହି ଏନ୍‌କାଉଣ୍ଟର କରିଛି। ପ୍ରାଣ ହରାଇଥିବା ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀ ବିହାର ନିର୍ବାଚନରେ ଆତଙ୍କ ମଚାଇବାକୁ ଯୋଜନା କରିଥିଲେ ବୋଲି ବିହାର ଡିଜିପି ବିନୟ କୁମାର କହିଛନ୍ତି। ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟା ୨୦ରେ ବାହାଦୂର ଶାହା ମାର୍ଗର ଡ. ଆମ୍ବେଦକର ଛକରୁ ପନ୍‌ସାଲି ଛକ ମଧ୍ୟରେ ଏହି ଏନ୍‌କାଉଣ୍ଟର ହୋଇଥିଲା। ଅପରାଧୀ ଏବଂ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ରଞ୍ଜନ ପାଠକ (୨୫), ବିମଲେଶ ମହତୋ (୨୫), ମନୀଷ ପାଠକ (୩୩) ଏବଂ ଅମନ ଠାକୁର (୨୧) ଦେହରେ ଗୁଳି ବାଜିଥିଲା। ସମସ୍ତଙ୍କୁ ରୋହିଣୀ ସ୍ଥିତ ଡ. ବିଏସଏ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜନ, ବିମଲେଶ ଏବଂ ମନୀଷ ବିହାରର ବାସିନ୍ଦା ଥିଲେ। ଏମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରାଯାଇଛି ବୋଲି ଡିଜିପି କହିଛନ୍ତି। ଏହି ଅପରାଧୀ 'ସିଗ୍‌ମା ଆଣ୍ଡ କମ୍ପାନୀ' ଗ୍ୟାଙ୍ଗ ଚଳାଇ ଥିଲେ। ରଞ୍ଜନ ପାଠକ ଏହାର ମୁଖ୍ୟ ଥିଲା।

# ଅଭିଭାବକଙ୍କ ବେଆଇନ ସମ୍ପତ୍ତି କାରବାରକୁ ଖାରଜ କରିପାରିବେ ନାବାଳକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ନାବାଳକଙ୍କ ସମ୍ବନ୍ଧିତ ସମ୍ପତ୍ତି କାରବାରକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ଯଦି କୌଣସି ନାବାଳକଙ୍କ ସମ୍ପତ୍ତିଙ୍କୁ ଅଭିଭାବକ କୋର୍ଟଙ୍କ ଅନୁମତି ବିନା ବିକ୍ରି କରିଦେଇଛନ୍ତି ତେବେ ସେ ସାବାଳକ ହେବା ପରେ ନିଜେ ଏହାକୁ ଖାରଜ କରିପାରିବେ। ଏଥିପାଇଁ ତାଙ୍କୁ କୋର୍ଟରେ ଅଲଗା ଭାବେ ମାମଲା ରୁଜୁ କରିବାର ଆବଶ୍ୟକତା ନାହିଁ। ଏହାକୁ ଅସ୍ୱୀକାର କରିବାକୁ ଆଇନଗତ ଭାବେ ବୈଧ ବୋଲି ଧରାଯିବ। ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ପିଭି ବରାଲେଙ୍କ ଖଣ୍ଡପୀଠ କହିଥିଲେ ଯେ ହିନ୍ଦୁ ସଂଖ୍ୟାଲଘୁ ଏବଂ ଅଭିଭାବକ ନିୟମ-୧୯୫୬ର ଧାରା ୭ ଏବଂ ୮ ଅଧିନରେ ପ୍ରକୃତ ଅଭିଭାବକଙ୍କ ଦ୍ୱାରା ନାବାଳକଙ୍କ ଅସ୍ଥାବର ସମ୍ପତ୍ତିକୁ କୋର୍ଟଙ୍କ ବିନା ଅନୁମତିରେ ବିକ୍ରିକୁ ରଦ୍ଦ ଧରାଯିବ। ନାବାଳକ ସାବାଳକ ହେବା ପରେ ମକଦ୍ଦମା ଦାଏର କରି କିମ୍ବା ନିଜ ଆଚରଣରେ ଏଭଳି ମାମଲା ରଦ୍ଦ କରିପାରିବେ। ସେ ଏହାକୁ ନିଜେ ବି ବିକ୍ରି କରିପାରିବେ। କୋର୍ଟଙ୍କ ଏହି ନିଷ୍ପତ୍ତି ଗତ କିଛି ବର୍ଷ ହେଲା ଚାଲି ଆସୁଥିବା ଆଇନଗତ ଅସ୍ପଷ୍ଟତାକୁ ଦୂର କରୁଛି। ପୂର୍ବରୁ ଏଭଳି ମାମଲାରେ ନାବାଳକ ମକଦ୍ଦମା ଦାଏର କରିବା ଜରୁରୀ କି ନୁହେଁ ତାହା ସ୍ପଷ୍ଟ ହୋଇ ନ ଥିଲା।

### ଘରେ ଲାଗିଲା ନିଆଁ; ଖୋଲିଲାନି ଲକ୍

# କଂଗ୍ରେସ ନେତାଙ୍କ ମୃତ୍ୟୁ

ଇନ୍ଦୋର, ୨୩।୧୦ (ଏଜେନ୍ସି): ନିର୍ମଦା ସେନାର ଅଧ୍ୟକ୍ଷ ତଥା କଂଗ୍ରେସର ବରିଷ୍ଠ ନେତା ପ୍ରବେଶ ଅଗ୍ରୱାଲଙ୍କ ଇନ୍ଦୋର ସ୍ଥିତ ପେଣ୍ଟ ହାଉସରେ ଶୁକ୍ରବାର ସକାଳେ ନିଆଁ ଲାଗି ଯାଇଛି। ଏଥିରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ବଡ଼ ଝିଅ ସୌମ୍ୟା ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, କଂଗ୍ରେସ ନେତା ପ୍ରବେଶ ଲାସୁଡିଆ ଅଞ୍ଚଳରେ ଥିବା ସୌମ୍ୟା ମହିନ୍ଦ୍ରା କାର ଶୋ'ରୁମ୍ ମାଲିକ। ପ୍ରବେଶଙ୍କ ପରିବାର ଶୋ'ରୁମ୍ ଉପରେ ଥିବା ପେଣ୍ଟହାଉସ୍‌ରେ ରୁହନ୍ତି। ଅଗ୍ନିକାଣ୍ଡ ସମୟରେ ପ୍ରବେଶ, ତାଙ୍କ ସ୍ତ୍ରୀ ଶ୍ୱେତା ଏବଂ ସେମାନଙ୍କର ଦୁଇ ଝିଅ ସୌମ୍ୟା (୧୫) ଏବଂ ମାଇରା (୧୦) ସେଠାରେ ଉପସ୍ଥିତ ଥିଲେ। ଶ୍ୱାସରୁଦ୍ଧ ହେବାରୁ ପ୍ରବେଶ ଅଗ୍ରୱାଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସୌମ୍ୟାଙ୍କୁ ଗୁରୁତର ଅବସ୍ଥାରେ ବମ୍ବେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନିଆଁ ଲାଗିବା ପରେ କଂଗ୍ରେସ ନେତାଙ୍କ ପତ୍ନୀ ଶ୍ୱେତା ଏବଂ ସାନ ଝିଅ ମାଇରାଙ୍କୁ ଗାର୍ଡମାନେ ସୁରକ୍ଷିତ ଭାବରେ ବାହାରକୁ ଆଣିଥିଲେ। ଏହି ଦୁର୍ଘଟଣା ପାଇଁ ଉଚ୍ଚ ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରାଯାଉଛି। ଘର ଭିତରେ ଏୟାର କଣ୍ଡିସନିଂ ଏବଂ ଡିଜିଟାଲ୍ ଲକ୍ ଥିଲା। ଏହାକୁ କେବଳ ରିମୋଟ୍ କିମ୍ବା ଆଙ୍ଗୁଠି ଛାପରେ ଖୋଲାଯାଇପାରିବ। ସକାଳେ ଧୂଆଁ ଯୋଗୁଁ ଏହି ତାଲା ଖୋଲିପାରି ନ ଥିଲା।

# ବିହାରରେ ତୁଟିଲା ମହାମେଣ୍ଟ ବିବାଦ

## ତେଜସ୍ୱୀ ହେବେ ମୁଖ୍ୟମନ୍ତ୍ରୀ ଚେହେରା: ଏନ୍‌ଡିଏ ସ୍ଥିତି ଅସ୍ପଷ୍ଟ

ପାଟନା, ୨୩।୧୦ (ଏଜେନ୍ସି): ବିହାର ନିର୍ବାଚନକୁ ନେଇ ବିରୋଧୀଙ୍କ ମହାମେଣ୍ଟ 'ଇଣ୍ଡିଆ'ରେ ଦୀର୍ଘ ଦିନ ହେଲା ଜାରି ଟଣା ଓଟରା ଶେଷ ହୋଇଛି। ଆଜି ପାଟନାରେ ମହାମେଣ୍ଟ ଶକ୍ତି ପ୍ରଦର୍ଶନ କରିଛି। ବିରୋଧୀ ଦଳ ତଥା ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟ ଗୁରୁବାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛି। ନିର୍ବାଚନ ବୈତରଣୀ ପାର୍ କରି ବିଜୟୀ ହେଲେ କିଏ ଉପ-ମୁଖ୍ୟମନ୍ତ୍ରୀ ହେବ ତାହା ମଧ୍ୟ ମହାମେଣ୍ଟ ପୂର୍ବରୁ ସ୍ଥିର କରିଦେଇଛି। ଆସନକୁ ନେଇ ମୂଲଚାଲ କରୁଥିବା ଭିକାଶଶୀଳ ଇନସାନ ପାର୍ଟି (ଭିଆଇପି)ର ମୁଖ୍ୟ ମୁକେଶ ସାହାନୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଛି। ପାଟନାରେ ମହାମେଣ୍ଟରେ ସାମିଲ ସବୁ ଦଳର ନେତା ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ମହାମେଣ୍ଟରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ସଙ୍କଟମୋଚକ ଭାବେ ପାଟନାରେ ପହଞ୍ଚିଥିବା କଂଗ୍ରେସର ବରିଷ୍ଠ ନେତା ଅଶୋକ ଗେହଲଟ କହିଥିଲେ ଯେ ସବୁ ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଅନ୍ୟ ସମାଜରୁ ଆଉ ଜଣେ ଉପ-ମୁଖ୍ୟମନ୍ତ୍ରୀ ହେବେ। ପ୍ରଥମ ପର୍ଯ୍ୟାୟ ମତଦାନକୁ ଆଉ ମାତ୍ର ଦୁଇ ସପ୍ତାହ ବାକି ଥିବାବେଳେ ମହାମେଣ୍ଟ ଏକତା ପ୍ରଦର୍ଶନ କରିଛି। ସବୁ ନେତା ଏକାଠି ଜୋରସୋରରେ ପ୍ରଚାର କରିବେ ବୋଲି କୁହାଯାଇଛି। ଏହା ସହିତ କ୍ଷମତାସୀନ ଏନ୍‌ଡିଏ ମେଣ୍ଟକୁ ପ୍ରଶ୍ନବାଣ ମରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବ ବୋଲି ପଚରା ଯାଇଛି। ଏଠାରେ ଗେହଲଟ ଅଭିଯୋଗ କରିଥିଲେ ଯେ ବିଜେପି ଧନବଳରେ ନିର୍ବାଚନ ଜିତୁଛି। ନିର୍ବାଚନ କମିଶନ ସରକାରଙ୍କ କାଠ କଣ୍ଢେଇ ପାଲଟି ଯାଇଛନ୍ତି।

ପାଟନାର ମୌର୍ଯ୍ୟା ହୋଟେଲରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ୫୦ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଆରଜେଡି, କଂଗ୍ରେସ, ଭିଆଇପି ସମେତ ୭ ଦଳର ୧୪ ନେତା ସାମିଲ ଥିଲେ। ଆରଜେଡିର ତେଜସ୍ୱୀ, ଅବଦୁଲ ବାରି ସିଦ୍ଦିକି, ମନୋଜ ଝା, ସଞ୍ଜୟ ଯାଦବ, କଂଗ୍ରେସର ଗେହଲଟ, ରାଜେଶ ରାମ, କୃଷ୍ଣା ଅଲ୍ଲାବରୁ, ପବନ ଖେଡ଼ା, ଅଭୟ ଦୁବେ, ସିପିଆଇଏମଏଲର ଦୀପଙ୍କର ଭଟ୍ଟାଚାର୍ଯ୍ୟ, ଭିଆଇପିର ମୁକେଶ ସାହାନୀ, ସିପିଆଇଏମର ରାମନେରଶ ପଣ୍ଡା, ଅଲ୍ ଇଣ୍ଡିଆ ପାନ ମହାସଭା ନ୍ୟାସନାଲର ଆଇପି ଗୁପ୍ତା ମଞ୍ଚରେ ରହିଥିଲେ। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସାମ୍ବାଦିକ ସମ୍ମିଳନୀରେ ମରା ଯାଇଥିବା ପୋଷ୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଫଟୋ ଦେଖିବାକୁ ମିଳି ନ ଥିଲା। ଏହା ସହିତ ସର୍ବଦା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପ୍ରସଙ୍ଗକୁ ଏଡ଼ାଇ ଚାଲିଥିବା କଂଗ୍ରେସ ବ୍ୟାକ୍‌ଫୁଟକୁ ଚାଲି ଯାଇଛି। ଭୋଟର ଅଧିକାର ଯାତ୍ରା ଶେଷ ହେବା ପରେ କଂଗ୍ରେସ ନେତା ଦିଗବିଜୟ ସିଂହ କହିଥିଲ ଯେ ବହୁମତ ଯେଉଁ ଦଳକୁ ମିଳିବ, ସେହି ଦଳରୁ ମୁଖ୍ୟମନ୍ତ୍ରୀ ହେବେ। ଏ ବିଷୟରେ ଆଗୁଆ କହି ହେବ ନାହିଁ। କିନ୍ତୁ ଶେଷରେ କଂଗ୍ରେସକୁ ହିଁ ନଇଁବାକୁ ପଡ଼ିଲା।

### ବ୍ୟାପକ ଆଲୋଚନା ପରେ ନରମିଲା କଂଗ୍ରେସ

### ମେଣ୍ଟ ଜିତିଲେ ମୁକେଶ ହେବେ ଉପମୁଖ୍ୟମନ୍ତ୍ରୀ



ଅନ୍ୟପଟେ ମହାମେଣ୍ଟରେ ଥିବା ଆସନ ବଣ୍ଟନ ଅଡୁଆକୁ ନେଇ ଏହି ସାମ୍ବାଦିକ ସମ୍ମିଳନୀରେ କିଛି କୁହାଯାଇ ନ ଥିଲା। ୧୨ ଆସନରେ ମହାମେଣ୍ଟରେ ସାମିଲ ଦଳ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଛନ୍ତି। ଆରଜେଡି ୧୪୩, କଂଗ୍ରେସ ୬୧ ଆସନରେ ପ୍ରାର୍ଥୀ ଦେଇଛି। ଅନ୍ୟ ଆସନଗୁଡିକୁ ସିପିଆଇ (ଏମଏଲ), ଭିଆଇପି ଏବଂ ଅନ୍ୟ ଦଳ ପାଇଁ ଛଡ଼ା ଯାଇଛି। ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିଲା। ସାମ୍ବାଦିକ ସମ୍ମିଳନୀ ପରେ ଏ ଦିଗରେ ପଦକ୍ଷେପ ନିଆଯାଉଛି। କଂଗ୍ରେସ ପ୍ରାର୍ଥୀ ପ୍ରାଣପୁର ଏବଂ ବାରସିଲଗଞ୍ଜରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ମଧୁବନୀ ଜିଲ୍ଲାର ବାବୁବରହିରୁ ଭିଆଇପି ପ୍ରାର୍ଥି ହଟିଛନ୍ତି। ଏହି ତିନି ସ୍ଥାନରେ ଆରଜେଡି ପ୍ରାର୍ଥିଙ୍କ ସହ ମୁକାବିଲା ହେବାର ଥିଲା।

ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ ଜଙ୍ଗଲରାଜର ଛବିରୁ ବାହାରିବାକୁ ପ୍ରୟାସ କରିଥିଲେ। ନିଜ ଛାଇ ଭୁଲ କଲେ ବି ଦଣ୍ଡ ଦେବି ବୋଲି ସେ କହିଥିଲେ। ସେ ଅଭିଯୋଗ ଲଗାଇ ଥିଲେ ଯେ ନୀତୀଶଙ୍କ ୨୦ ବର୍ଷର ସରକାରରେ ୭୦ ହଜାର ହତ୍ୟା ହୋଇଛି। ବିକାଶ ଜମାରୁ ହୋଇନି। ବିହାର ଲୋକ ଆମକୁ ୨୦ ମାସ ସମୟ ଦେଲେ ସବୁ କାମ କରିଦେବୁ। ଚଳିତ ଥର ଏନ୍‌ଡିଏ ଆଉ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ନାହିଁ। ଏହା ତାଙ୍କର ଶେଷ ନିର୍ବାଚନ। ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ କାହିଁକି ଘୋଷଣା ହୋଇନି ତାହା ଅମିତ ଶାହା ସ୍ପଷ୍ଟ କରନ୍ତୁ। ଜେଡିୟୁର କିଛି ନେତା ଦଳକୁ ନିପାତ କରିବା ପାଇଁ ବିଜେପି ସହ କାମ କରୁଛନ୍ତି ବୋଲି ତେଜସ୍ୱୀ ଅଭିଯୋଗ କରିଥିଲେ।

# କ୍ୱାଲାଲମ୍ପୁର ଯିବେନି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କ୍ୱାଲାଲମ୍ପୁରରେ ଆସିଆନ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହେବ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ଏହି ଚର୍ଚ୍ଚାରେ ବିରାମ ଲଗାଇଛନ୍ତି। ଏଠାରେ ଟ୍ରମ୍ପ ଏବଂ ମୋଦୀଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହେବ ନାହିଁ। କାରଣ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ମାଲେସିଆ ଯିବେ ନାହିଁ। ୧୨ ଥର ସାମିଲ ହେବା ପରେ ପ୍ରଥମ ଥର ପାଇଁ ମୋଦୀ ଏହି ବୈଠକରୁ ବିରତ ରହିବେ। ପ୍ରଧାନମନ୍ତ୍ରୀଙ୍କ ବଦଳରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏହି ସମ୍ମିଳନୀରେ ସାମିଲ ହେବା ପାଇଁ କ୍ୱାଲାଲମ୍ପୁର ଯିବେ।



**ଆସିଆନ ସମ୍ମିଳନୀରେ ହେବନି ମୋଦୀ-ଟ୍ରମ୍ପ ଭେଟ**

କିନ୍ତୁ ମାଲେସିଆ ପ୍ରଧାନମନ୍ତ୍ରୀ ଆଜି କହିଥିଲେ ଯେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଉଭୟେ ଭାରତ-ମାଲେସିଆ ସମ୍ବନ୍ଧକୁ ମଜବୁତ କରିବା ପାଇଁ ଚର୍ଚ୍ଚା କରିଥିଲେ। ଏହି ସମ୍ମିଳନୀରେ ଅନ୍‌ଲାଇନରେ ସାମିଲ ହେବେ ବୋଲି ମୋଦୀ କହିଥିଲେ। ଏହାକୁ ନେଇ ଭାରତରେ ରାଜନୀତି ଆରମ୍ଭ ହୋଇଯାଇଛି। କଂଗ୍ରେସ ନେତା ଜୟରାମ ରମେଶ ଦାବି କରିଛନ୍ତି ଯେ ଟ୍ରମ୍ପଙ୍କ ପାଇଁ ମୋଦୀ ଏପରି ନିଷ୍ପତ୍ତି ନେଇଛନ୍ତି। ଟ୍ରମ୍ପଙ୍କ ଦ୍ୱାରା ମୋଦୀ କୋଣଠେସା ହେବାକୁ ଚାହାନ୍ତି ନାହିଁ। ସେ ଟ୍ରମ୍ପଙ୍କ ସାମ୍‌ନାକୁ ଆସିବାକୁ ଚାହାନ୍ତି ନାହିଁ। ମୋଦୀ ଏଥିପାଇଁ କିଛି ଦିନ ତଳେ ଇଜିପ୍ଟରେ ଅନୁଷ୍ଠିତ ଗାଜା ଶାନ୍ତି ଶିଖର ସମ୍ମିଳନୀରେ ଯୋଗଦେବାକୁ ମଧ୍ୟ ମନା କରିଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପଙ୍କ ପ୍ରଶଂସା କରିବା ଏବଂ ସାମ୍‌ନାରେ ଛିଡ଼ାହେବା ଅଲଗା ବିଷୟ। ଯେଉଁ ବ୍ୟକ୍ତି ୫୩ ଥର 'ଅପରେସନ ସିନ୍ଦୂର' ରୋକିବା ନେଇ ଏବଂ ରୁଷରୁ ତୈଳ କ୍ରୟ ବନ୍ଦ ନେଇ ୫ ଥର ପ୍ରତିଶ୍ରୁତି ଦେଇଥିବା ବ୍ୟକ୍ତିଙ୍କ ସହ ଛିଡ଼ା ହେବା ମୋଦୀଙ୍କ ପାଇଁ ବିପଦପୂର୍ଣ୍ଣ। ଏବେ ବୋଧେ ପ୍ରଧାନମନ୍ତ୍ରୀ ପୁରୁଣା ବଲିଉଡ ଗୀତ 'ବଚ କେ ରେହନାରେ ବାବା, ବଚକେ ରେହନା' ଗୀତକୁ ମନେ ପକାଉଛନ୍ତି ବୋଲି ଜୟରାମ ରମେଶ କହିଥିଲେ।

ଗତ ମାସରେ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଥିଲେ ଯେ ସେ କିଛି ସପ୍ତାହ ମଧ୍ୟରେ ମୋଦୀଙ୍କୁ ଭେଟିବାକୁ ଉତ୍ସାହିତ ଅଛନ୍ତି। ଶୁଳ୍କ ଏବଂ ରୁଷ୍ ସହ ତୈଳ କାରବାରକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏହି ବୈଠକରେ ସମ୍ପର୍କ ସୁଧାରିବା ପାଇଁ ଚର୍ଚ୍ଚା ହୋଇପାରେ ବୋଲି କୁହାଯାଉଥିଲା। ଏହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଆସିଆନ ସମ୍ମିଳନୀରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବ ବୋଲି କୁହାଯାଉଥିଲା।

# ଜଷ୍ଟିସ ସୂର୍ଯ୍ୟକାନ୍ତ ହୋଇପାରନ୍ତି ନୂଆ ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତି ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବର୍ତ୍ତମାନର ସିଜେଆଇ ବିଆର ଗଭାଇ ଆସନ୍ତା ୨୩ ତାରିଖରେ ଅବସର ନେବାକୁ ଯାଉଛନ୍ତି। ଖୁବଶୀଘ୍ର ଆଇନମନ୍ତ୍ରୀ ଜଷ୍ଟିସ ଗଭାଇଙ୍କୁ ଚିଠି ଲେଖି ନିଜ ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବାକୁ କହିବେ। ଏହି



ଚିଠି ଶୁକ୍ରବାର ସୁଦ୍ଧା ପଠା ଯାଇପାରେ। ବର୍ତ୍ତମାନର ନିୟମ ଅନୁଯାୟୀ ସୁପ୍ରିମକୋର୍ଟର ସବୁଠୁ ବରିଷ୍ଠ ବିଚାରପତିଙ୍କୁ ସିଜେଆଇ ଭାବେ ଚୟନ କରାଯାଏ। ସାଧାରଣତଃ ସିଜେଆଇଙ୍କ ଅବସରର ପ୍ରାୟ ମାସେ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏବେ ଜଷ୍ଟିସ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟର ସବୁଠାରୁ ବରିଷ୍ଠ ବିଚାରପତି ଅଛନ୍ତି। ସେ ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାର ସମ୍ଭାବନା ରହିଛି। ଯଦି ତାଙ୍କୁ ନିଯୁକ୍ତି ଦିଆଯାଏ ତେବେ ନଭେମ୍ବର ୨୩ରେ ସେ ଭାରତର ୫୨ ତମ ସିଜେଆଇ ହେବେ। ୨୦୨୭ ଫେବୃଆରୀ ୯ ଯାଏଁ, ପ୍ରାୟ ୧୫ ମାସ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ। ଅନ୍ୟପକ୍ଷରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଇଥିବା ଏକ ଟିପ୍ପଣୀ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ କହିଥିଲେ ଯେ 'ପୁରାତନ ସମୟରେ କେବଳ ମହିଳାଙ୍କୁ ଗୋଲାମ କରି ରଖିବା ପାଇଁ ବିବାହ ଭଳି ବ୍ୟବସ୍ଥାକୁ ବ୍ୟବହାର କରାଯାଉଥିଲା। ଆଇନ ଏବଂ ସାମାଜିକ ସୁଧାର ଯୋଗୁଁ ଆଜି ବିବାହ ବ୍ୟବସ୍ଥାରେ ସମ ଭାବନା ବିକଶିତ ହେଉଛି'।

# ଆମେରିକାକୁ ଭେନେଜୁଏଲାର ଚାଲେଞ୍ଜ

## ମୁତୟନ କଲାଣି ୫ ହଜାର ରୁଷ୍ କ୍ଷେପଣାସ୍ତ୍ର

କାରକାସ, ୨୩।୧୦ (ଏଜେନ୍ସି): ଭେନେଜୁଏଲା ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ବୁଧବାର ଏକ ଟିଭି କାର୍ଯ୍ୟକ୍ରମରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକାକୁ ଧମକ ଦେଇଛନ୍ତି। ଆମେରିକାଠାରୁ



ସୃଷ୍ଟି ହୋଇଥିବା ବିପଦର ମୁକାବିଲା ପାଇଁ ୫ ହଜାର ରୁଷ୍ ଇଗ୍ଲା-ଏସ୍ କ୍ଷେପଣାସ୍ତ୍ର ମୁତୟନ କରି ରଖିଛୁ। ଦେଶ ପାଖରେ ଥିବା ଏହି କ୍ଷେପଣାସ୍ତ୍ର ଗୁଡିକ ଶାନ୍ତି ଏବଂ ସ୍ୱାଧୀନତାର ସୁରକ୍ଷା କରିବେ। ଆକାଶ ମାର୍ଗରୁ ଆସୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରକୁ ରୋକିବା ପାଇଁ ଏଗୁଡିକୁ ମୁତୟନ କରାଯାଇଛି। କୌଣସି ସାମ୍ରାଜ୍ୟବାଦୀ ବିପଦର ଜବାବ ଦେବା ପାଇଁ ଏହା ରହିଛି। ନିଜ ମାତୃଭୂମିର ପ୍ରତ୍ୟେକ ଇଞ୍ଚ ଜମିକୁ ସୁରକ୍ଷିତ ରଖିବା ପାଇଁ ଭେନେଜୁଏଲା ସେନା ପ୍ରସ୍ତୁତ ଅଛି।

### ସାମ୍ରାଜ୍ୟବାଦୀ ବିପଦକୁ ଜବାବ ଦେବୁ: ରାଷ୍ଟ୍ରପତି

### ମାତୃଭୂମିର ପ୍ରତ୍ୟେକ ଇଞ୍ଚ ଜମି ପାଇଁ ଲଢ଼ିବୁ

ସୂଚନା ଅନୁଯାୟୀ ଦୀର୍ଘ ବର୍ଷ ହେଲା ମାଦୁରୋଙ୍କୁ ଆମେରିକା ବିରୋଧ କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲା ଉପକୂଳ ନିକଟକୁ କିଛି ନୌସୈନିକଙ୍କୁ ପଠାଇଛନ୍ତି। ଏହାକୁ ଆମେରିକା ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ନାମ ଦେଇଛି। କିଛି ମାସ ହେଲା ଭେନେଜୁଏଲାର ଅନେକ ବୋଟକୁ ନୌସେନା ନଷ୍ଟ କରିଦେଇଛି। ଏହା ମାଧ୍ୟମରେ ଡ୍ରଗ୍ସ ନିଆଯାଉଥିବା ଅଭିଯୋଗ କରାଯାଇଛି। ତେବେ ଭେନେଜୁଏଲା ଏ ସବୁ ଅଭିଯୋଗକୁ ଖାରଜ କରିଆସିଛି। ଆମେରିକାର ଏହି ଅଭିଯାନ ଦେଶର ସ୍ୱାଧୀନତା ଉପରେ ଆକ୍ରମଣ ବୋଲି କୁହାଯାଇଛି। ଅନ୍ୟପଟେ ଆମେରିକା ପ୍ରଶାସନ ମାଦୁରୋଙ୍କୁ ଡ୍ରଗ୍ସ ଚାଲାଣକାରୀ କହିଛି। ସେ ନିଶାଦ୍ରବ୍ୟ ଚାଲାଣକାରୀଙ୍କ ସହ ମିଶି ଟ୍ରମ୍ପ ଦେଶକୁ ଫେଣ୍ଟାନାଇଲ ମିଶ୍ରିତ କୋକେନ ପଠାଉଥିବା ଅଭିଯୋଗ ଲଗାଯାଇଛି। ମାଦୁରୋଙ୍କ ପାଖରେ ୭ ଟନ୍ କୋକେନ ରହିଛି। ଏହାକୁ ସେ ଆମେରିକା ପଠାଇବାକୁ ପ୍ରସ୍ତୁତି କରୁଛନ୍ତି ବୋଲି ଆମେରିକା ଅଧିକାରୀମାନେ କହିଛନ୍ତି। ଏହାକୁ ନେଇ ଗତ ଅଗଷ୍ଟ ୭ ତାରିଖରେ ମାଦୁରୋଙ୍କ ଉପରେ ଆମେରିକା ୫୦ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୪୨୦ କୋଟି ଟଙ୍କା ଜୋରିମାନା ଲଗାଇ ଥିଲା।

**● ଆମେରିକାର ଭାରତୀୟ ବଂଶୋଦ୍ଭବଙ୍କ ଉନ୍ମତ୍ତ କାଣ୍ଡ**

# ନିଶାରେ ଟ୍ରକ୍ ଚଳାଇ ୩ ଜଣଙ୍କୁ ହତ୍ୟା



ୱାସିଂଟନ, ୨୩।୧୦ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଟ୍ରକ୍ ଡ୍ରାଇଭର ଜିସନପ୍ରୀତ ସିଂହ ଆମେରିକା କାଲିଫର୍ଣ୍ଣିଆର ଅଣ୍ଟାରିଓରେ ଆତଙ୍କ ସୃଷ୍ଟି କରିଛନ୍ତି। ସେ ନିଶାସକ୍ତ ଅବସ୍ଥାରେ ଟ୍ରକ୍ ଚଳାଇ ପ୍ରାୟ ୧୦ଟି ଗାଡ଼ିକୁ ଧକ୍କା ଦେଇଛନ୍ତି। ଅନ୍ୟ ଗାଡିଗୁଡ଼ିକୁ ଟ୍ରକ୍ ଧକ୍କା ଦେଉଥିବା ସତ୍ତ୍ୱେ ସେ ବ୍ରେକ୍ ଲଗାଇ ନ ଥିଲେ। ଏଥିଯୋଗୁଁ ଘଟଣାସ୍ଥଳରେ ୩ ଜଣଙ୍କ ଜୀବନ ଯାଇଛି। ୪ରୁ ଅଧିକ ଆହତ ହୋଇଛନ୍ତି। ପୁଲିସ ଏହି ମାମଲାରେ ଜିସନଙ୍କୁ ଗିରଫ କରିଛି। ଗତ ୨୨ ତାରିଖରେ ଏହି ଘଟଣା ଘଟିଥିବାବେଳେ ଗୁରୁବାର ଭିଡିଓ ସାମ୍‌ନାକୁ ଆସିଛି। ଅଭିଯୁକ୍ତ ଜିସନ (୨୧) ପଞ୍ଜାବର ବାସିନ୍ଦା। ସେ ୨୦୨୨ରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା କୁହାଯାଉଛି। ଆମେରିକା ପୁଲିସର ସୂଚନା ଅନୁଯାୟୀ କାଲିଫର୍ଣ୍ଣିଆର ଆଇ-୧୦ ଫ୍ରିୱେରେ ଜିସନଙ୍କ ଟ୍ରକ୍ ନିୟନ୍ତ୍ରଣ ହରାଇ ଥିଲା। ପ୍ରଥମେ ଏହା ରାସ୍ତା ମଝିରେ ଥିବା କାର୍‌ଗୁଡିକୁ ଧକ୍କା ଦେଇଥିଲା। ପରେ ପାର୍ଶ୍ୱରେ ଥିବା ଗାଡ଼ିକୁ ଧକ୍କା ମାରିଥିଲା। ସାମ୍‌ନାରେ ଟ୍ରାଫିକ ଜାମ୍ ଥିବା ସତ୍ତ୍ୱେ ଜିସନ ଗାଡ଼ିକୁ ଅଟକାଇ ନ ଥିଲା। କାରଣ ସେ ନିଶାସକ୍ତ ଥିଲା। ତାକୁ ବର୍ଣ୍ଣାଡିନୋ କାଉଣ୍ଟି ସେରିଫ ବିଭାଗର ହେପାଜତରେ ରଖାଯାଇଛି। ଏଥିରେ ୧୦ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ୨୦୨୨ରେ ଆମେରିକାରେ ଧରା ପଡ଼ିଥିଲା। କିନ୍ତୁ ପରେ ତାକୁ ମୁକ୍ତ କରିଦିଆଯାଇଥିଲା।


# ବଞ୍ଚିଥିବା ଲୋକଙ୍କୁ ମୃତ ଦର୍ଶାଇ ନେଇଗଲେ ଶହେ କୋଟି

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ଯେତେ ଉନ୍ନତ ହେଉଛି ଠକେଇ ସେତେ ବଢ଼ି ବଢ଼ି ଚାଲିଛି। ଏହା ଜମାରୁ କମ୍ ହେଉନାହିଁ। ଅନ୍‌ଲାଇନ ଯୋଗୁଁ ଠକ୍ ସୁବ୍ୟବସ୍ଥିତ ଭାବେ ଷଡ଼ଯନ୍ତ୍ର କରି କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଏବେ ବୀମା ଦାବି ପାଇଁ ଏପରି କରାଯାଉଛି। ପ୍ରଥମେ ଠକେଇ ପାଇଁ ଗରିବ, ଅନାଥ, ବୃଦ୍ଧ ଏବଂ ରୋଗୀ ଆଦିଙ୍କ ବୀମା କରାଯାଉଛି। ମୃତବ୍ୟକ୍ତିଙ୍କୁ ମଧ୍ୟ ଜୀବିତ କରିଦିଆଯାଉଛି। କାଗଜପତ୍ରରେ ଜୀବିତ ଥିବା ଦର୍ଶା ଯାଉଛି। ପରେ ସେମାନେ ଚିକିତ୍ସିତ ହେଉଥିବାର ଜାଲ ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଛି। ପୌରପାଳିକା ଆଦି ସଂସ୍ଥା ମଧ୍ୟ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିଦେଉଛନ୍ତି। ଶେଷରେ ନୋମିନିଙ୍କ ମାଧ୍ୟମରେ ବୀମା ଦାବି କରାଯାଉଛି। ଆଉ ବିନା ଦ୍ୱିଧାରେ କମ୍ପାନୀ ମଧ୍ୟ ଏହି ବୀମା ଦାବିକୁ ପାରିତ କରିଦେଉଛି। ଠକମାନେ ଏହି ଅର୍ଥ ନେଇ ଫୁର୍ ହେଇଯାଉଛନ୍ତି। ଏହି ଜାଲ୍ ବୀମା ପାଇଁ ହତ୍ୟା ମଧ୍ୟ କରାଯାଇଥିବାର ନଜିର ରହିଛି। ହତ୍ୟାକୁ ଦୁର୍ଘଟଣାର ରୂପ ଦିଆଯାଉଛି। ପୁଲିସ ରେକର୍ଡରେ ସାମାନ୍ୟ ସଡ଼କ ଦୁର୍ଘଟଣା ହୋଇଥିବା ଦର୍ଶାଯାଉଛି। ଦେଶରେ ୧୨ଟି ରାଜ୍ୟରେ ଏଭଳି ବୀମା ଗ୍ୟାଙ୍ଗ କାର୍ଯ୍ୟ କରୁଛି। ଏମାନେ ଜାଲ୍ ବୀମା କରି ୧୦୦ କୋଟିରୁ ଅଧିକ ଠକେଇ କରିଥିବା ସୂଚନା ମିଳିଛି। ଉତ୍ତର ପ୍ରଦେଶରୁ ପ୍ରଥମେ ଏହି ମାମଲା ସାମ୍‌ନାକୁ ଆସିଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ସମ୍ଭଲ ପୁଲିସ ଏକ କାର୍‌କୁ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଏହି କାର୍‌ରୁ ଦେଢ଼ ଲକ୍ଷ ଟଙ୍କା, ୧୭ କ୍ରେଡିଟ କାର୍ଡ ଏବଂ ୩୦ ହଜାରରୁ ଅଧିକ ଜାଲ୍ କାଗଜପତ୍ର ମିଳିଥିଲା। ଏହାର ତଦନ୍ତରୁ ଏଭଳି ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଛି।

### ୧୨ ରାଜ୍ୟକୁ ବ୍ୟାପିଛି ବୀମା ଗ୍ୟାଙ୍ଗର ଚେର

### ବୀମା ପାଇଁ କରାଯାଉଛି ହତ୍ୟା

### ଦିଆଯାଉଛି ସଡ଼କ ଦୁର୍ଘଟଣାର ରୂପ



ସୂଚନା ଅନୁଯାୟୀ ଦିଲ୍ଲୀର ଏହି ଗ୍ୟାଙ୍ଗ ଦିଲ୍ଲୀର ସାଲିମାର ଗାର୍ଡେନରେ ରହୁଥିବା ତ୍ରିଲୋକ କୁମାରଙ୍କୁ ୬ ମାସ ମଧ୍ୟରେ ଦୁଇ ଥର ମାରି ଦିଆଯାଇଥିଲା। ପ୍ରଥମେ ୨୦୨୪ ଜୁନ୍ ୧୯ରେ କର୍କଟରେ ଏବଂ ସେହି ବର୍ଷ ଡିସେମ୍ବର ୨୬ରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁଇ ଥର ଯାକ ଦିଲ୍ଲୀ ପୌରନିଗମ ତାଙ୍କ ମୃତ୍ୟୁ ପ୍ରମାଣପତ୍ର ଜାରି କରିଥିଲା। ଏହି ପ୍ରମାଣପତ୍ରରେ ୨୦ ଲକ୍ଷର ବୀମା ଦାବି ପାରିତ ହୋଇ ଯାଇଥିଲା। ଏଭଳି କାରନାମା କରିଥିବା ବୀମା ଗ୍ୟାଙ୍ଗ ଉପରେ ସମ୍ଭଲ ପୁଲିସ ୧୦ ମାସ ହେଲା ତଦନ୍ତ କରୁଛି। ତଦନ୍ତରୁ ଠକେଇର ଅନେକ ମାମଲା ସାମନାକୁ ଆସିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬୮ ଜଣଙ୍କୁ ଗିରଫ କରାଗଲାଣି।

ମୃତ ତ୍ରିଲୋକଙ୍କ ପତ୍ନୀ କହିଥିଲେ ଯେ ଜୁନ୍ ୧୯ରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ତିନି ମାସ ପରେ କିଛି ଲୋକ ତାଙ୍କୁ ଯୋଗାଯୋଗ କରି ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିବ ବୋଲି କହିଥିଲେ। ଏଥିପାଇଁ ସେ କାଗଜପତ୍ର ଦେଇଥିଲେ। ସମ୍ଭଲ ପୁଲିସ ଯାଞ୍ଚ କରିବାକୁ ପହଞ୍ଚିବା ପରେ ଏ ବିଷୟରେ ସେ ଜାଣିବାକୁ ପାଇଥିଲେ।

**ବିକ୍ରମଙ୍କୁ ନ୍ୟାୟ ଓ ବିଚାରବିଭାଗୀୟ ତଦନ୍ତ ଦାବି**

# ପ୍ରତିବାଦ ସଭାରେ ଗର୍ଜିଲା ବିଜେଡି

ବ୍ରହ୍ମପୁର, ୨୩।୧୦ (ସମିସ): ରାଜ୍ୟରେ ଶାସକ ଦଳର ହାତବାରିସି ସାଜି ଦଳୀୟ ନେତାଙ୍କ ଇଙ୍ଗିତରେ କାର୍ଯ୍ୟ କରୁଛି ପୁଲିସ। ନୂଆପଡ଼ା ଉପ-ନିର୍ବାଚନରେ ବିଜେଡି ପ୍ରତି ମିଳୁଥିବା ଜନସମର୍ଥନରେ ଅସହ୍ୟ ହୋଇ ବିକ୍ରମ ପଣ୍ଡାଙ୍କ ଭଳି ଜଣେ ଉଦୀୟମାନ ନେତାଙ୍କୁ ଗିରଫ କରାଯାଇଛି। ବିଜେଡିକୁ ବଦନାମ କରିବା ଓ ବିକ୍ରମଙ୍କ ରାଜନୈତିକ କ୍ୟାରିଅର୍‌କୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଶାସକ ବିଜେପି ପୁଲିସର ଏମିତି ଅପବ୍ୟବହାର କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁରଠାରେ ଆଜି ଆୟୋଜିତ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଓ ପ୍ରତିବାଦ ସଭାରେ ଏମିତି ସଙ୍ଗିନ୍ ଅଭିଯୋଗ ଆଣି ରାଜ୍ୟ ବିଜେପି ସରକାର ଉପରେ ଭୀଷଣ ଗର୍ଜିଛି ବିଜେଡି। ବିକ୍ରମ ପଣ୍ଡାଙ୍କୁ ନ୍ୟାୟ ପ୍ରଦାନ ଓ ହାଇକୋର୍ଟର ଜଣେ ବିଚାରପତିଙ୍କ ଜରିଆରେ ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ବିଜେଡି ଦାବି କରିଛି।

ପୂର୍ବତନ ସାଂସଦ ତଥା ବିଜେଡିର ବରିଷ୍ଠ ରାଜ୍ୟ ଉପ-ସଭାପତି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶୋଭଯାତ୍ରା ସ୍ଥାନୀୟ ହିଲପାଟଣାସ୍ଥିତ ସଂସ୍କୃତିଭବନ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଗାନ୍ଧିନଗର ଛକଠାରେ ପହଞ୍ଚିଥିଲା। ପରେ ସେଠାରେ ବିଜେଡିର ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କ ସଂଯୋଜନାରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ସାମିଲ ସହସ୍ରାଧିକ ଦଳୀୟ ନେତା ଓ କର୍ମୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଥିଲେ। ବିକ୍ରମ ପଣ୍ଡାଙ୍କ



- ‘ମନ୍ତ୍ରୀଙ୍କୁ ଖସାଇବାକୁ ଯାଇ ବିଜେଡି ନେତାଙ୍କୁ ଫସାଇ ଦିଆଯାଇଛି’
- ‘କାହାଣୀର ସ୍କ୍ରିପ୍ଟ ଲେଖିଛନ୍ତି ରାଜ୍ୟ ବିଜେପି ସଭାପତି’
- ଶୋଭାଯାତ୍ରାରେ ସାମିଲ ହେଲେ ସହସ୍ରାଧିକ ବିଜେଡି ନେତା, କର୍ମୀ

ଅନ୍ୟାୟପୂର୍ଣ୍ଣ ଗିରଫଦାରୀର ପ୍ରତିବାଦ କରିଥିଲେ।

ସଭାରେ ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର ସିଧାସଳଖ ପୁଲିସର ତଦନ୍ତ ଓ ଜେରାକୁ ଟାର୍ଗେଟ୍ କରିଥିଲେ। ତଦନ୍ତ ନିରପେକ୍ଷ ନୁହେଁ, ବରଂ ଶାସକ ବିଜେପି ଦଳ ଦ୍ୱାରା ରଚିତ ଷଡ଼୍‌ଯନ୍ତ୍ର ବୋଲି ଅଭିଯୋଗ କରିଥିଲେ। ମନ୍ତ୍ରୀଙ୍କୁ ଖସାଇବାକୁ ଯାଇ ବିଜେଡି ନେତାଙ୍କୁ ଫସାଇ ଦିଆଯାଇଛି। ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ, ପୀତବାସ ହତ୍ୟା ମାମଲାରେ ହୋଇଥିବା ନାଟକୀୟ ପରିବର୍ତ୍ତନର ସ୍କ୍ରିପ୍ଟ-ରାଇଟର୍ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଘଟଣାର ବିଚାର ବିଭାଗୀୟ ତଦନ୍ତ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ, ନୂଆପଡ଼ା ଉପନିର୍ବାଚନରେ ବିଜେଡି ପ୍ରତି ମିଳୁଥିବା ଜନସମର୍ଥନରେ ଅସହ୍ୟ ହୋଇ ବିଜେପି ବିଜେଡି ଉପରେ ଏଭଳି ଦାଉ ସାଧିଛି। ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ କହିଥିଲେ, ବିଜେପି ବର୍ତ୍ତମାନ ପରିସ୍ଥିତିରେ ବିକ୍ରମଙ୍କୁ ମୋହରା କରି ଯେଉଭଳି ଭାବେ ଏକ ହତ୍ୟା ମାମଲାରେ ଜଡ଼ିତ କରି ନାଟକୀୟ ପରିସ୍ଥିତି ସୃଷ୍ଟି କରିଛି, ସେଥିରୁ କ୍ଷାନ୍ତ ନହେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ। ରାଜ୍ୟ ବିଜୁ ଛାତ୍ର ସଭାନେତ୍ରୀ ଇପସିତା ସାହୁ କହିଥିଲେ, ନବୀନ ବାବୁ ଗଞ୍ଜାମ ଜିଲ୍ଲାକୁ ଫରୁଆ ଭିତରେ ସଜେଇ ରଖିଥିଲେ। ମାତ୍ର, ୧୬ ମାସର ସରକାରରେ ବିଜେପି ଗଞ୍ଜାମ ଜିଲ୍ଲାରେ ଅସ୍ଥିରତା ସୃଷ୍ଟି କରିସାରିଛି। ଉଦ୍ଦେଶ୍ୟମୂଳକ ତଥା ରାଜନୈତିକ ଅଭିସନ୍ଧି ରଖି ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି।

ସେହିପରି ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ବିଜେପିର ଜଣେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁ ରେଡ୍ଡୀଙ୍କ ଅଭିଯୋଗକୁ ଆଧାର କରି କୌଣସି ତଦନ୍ତ କରାଗଲା ନାହିଁ। ପୁଲିସ ଚାପମୁକ୍ତ ହୋଇ ତଦନ୍ତ ନକରି ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି। ପୂର୍ବତନ ବିଧାୟକ ଡା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, ବିଜେଡିର ଜଣେ ଉଦୀୟମାନ ନେତାଙ୍କୁ ଆକ୍ରୋଶମୂଳକ ଭାବେ ହତ୍ୟା ଭଳି ସଙ୍ଗୀନ ମାମଲାରେ ଫସାଇ ଦିଆଯାଇଛି। ତାଙ୍କର ଗିରଫଦାରୀ ସମ୍ପୂର୍ଣ୍ଣ ଅନ୍ୟାୟ ଓ ଅମୂଳକ।

ଏହି ପ୍ରତିବାଦ ସଭାରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଡା. ରାଜଶ୍ରୀ ମଲ୍ଲିକ, ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ, ବିଧାୟକ ସୁନୀଲ ମହାନ୍ତି, ବିଧାୟକ ସାରଦା ଜେନା, ବିଧାୟକ ପ୍ରଦୀପ ସାହୁ, ବିଜେଡିର ବରିଷ୍ଠ ପ୍ରବକ୍ତା ଲେନିନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ପୂର୍ବତନ ସାଂସଦ ପ୍ରମିଳା ବିଶୋୟୀ, ସାଂସଦ ପ୍ରାର୍ଥିନୀ ରଂଜିତା ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ଦେବାନନ୍ଦ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ରାଜ୍ୟ କାଜୁ ନିଗମ ସୁବାସ ମହାରଣା, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଅଜୟ ମହାରଣା, ପୂର୍ବତନ ବିଡିଏ ଉପାଧ୍ୟକ୍ଷ କୈଳାଶ ରଣାଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ବିଜେଡି ନେତା ଓ କର୍ମୀଙ୍କ ସହିତ ବହୁ କର୍ପୋରେଟର୍ ଓ ବିଭିନ୍ନ ଏନଏସି ଓ ପୌରପାଳିକାର ନିର୍ବାଚିତ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ।

**ନୂଆପଡ଼ା ଉପ-ନିର୍ବାଚନ**

## ୨୧ ନେତାଙ୍କୁ ଗୁରୁଦାୟିତ୍ୱ ଦେଲେ ନବୀନ

ଭୁବନେଶ୍ୱର, ୨୩।୧୦(ସମିସ): ନୂଆପଡ଼ା ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ବିଜେଡି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଦଳ ସେହି ଅନୁଯାୟୀ ସଂଗଠନକୁ କ୍ରିୟାଶୀଳ କରୁଛି। ନିର୍ବାଚନରେ

**ସାଂଗଠନିକ କାର୍ଯ୍ୟକଳାପ ସଂଯୋଜନା କରିବେ**



ଜୋନ୍‌ରୁ ଆରମ୍ଭ କରି ଏନ୍‌ଏସି ଏବଂ ବ୍ଲକ୍ ପର୍ଯ୍ୟନ୍ତ ଭିନ୍ନଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କ୍ରମରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ଆଉ ୨୧ଜଣ ନେତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ଏହି ନେତାମାନେ ଦଳ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟକଳାପକୁ ସଂଯୋଜନା କରିବେ। ଦଳ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଦାୟିତ୍ୱରେ ପ୍ରମିଳା ମଲ୍ଲିକ, ନିରଞ୍ଜନ ବିଶି, ଟୁକୁନୀ ସାହୁ, ସୁବାସ ସିଂ, ରମେଶ ମାଝୀ, ଲତିକା ପ୍ରଧାନ, ପ୍ରକାଶ ମାଝୀ, ଅଳକା ମହାନ୍ତି, ଡଲି ମାଝୀ, ମହମ୍ମଦ ଆଦାମ, ଏସ.କେ ନିଜାମୁଦ୍ଦିନ, ପ୍ରଫୁଲ୍ଲ ସିଂ, ଭାନୁପ୍ରତାପ ସିଂ ମାଝୀ, ସଞ୍ଜିତ ମହାନ୍ତି, ଗିରିରାଜ ସିଂ ମାଝୀ, ଗୌରହରି ମିଶ୍ର, ଭୀଷ୍ମଦେବ ସରଫ, ରାଜୁ ଘିବେଲା, ନନ୍ଦଲାଲ ସିଂ, ଜାପାନ ମହାପାତ୍ର ଓ ପ୍ରବୀର ମହାନ୍ତି ରହିଛନ୍ତି।

**ଜାଗାବାଡ଼ି ବିବାଦରୁ ଗଡ଼ିଲା ମୁଣ୍ଡ**

## ସାନଭାଇ ଆକ୍ରମଣରେ ବଡ଼ ମୃତ

ଜଳେଶ୍ୱର, ୨୩।୧୦(ସମିସ): ଜାଗାବାଡ଼ି ଆଗରେ ତୁଚ୍ଛ ପଡ଼ିଗଲା ରକ୍ତର ସଂପର୍କ। ଭାଇ ହୋଇଗଲା ବଇରୀ। ଠେଙ୍ଗାରେ ପିଟିପିଟି ଭାଇର ଜୀବନ ନେଇଗଲା। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ର ରାଇବଣିଆ ଥାନା ଅଧୀନ ବଣକାଟି ଗାଁରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ବୁଧିରାମ ସିଂ (୪୪)। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଅଭିଯୁକ୍ତ ସାନଭାଇ ଅଭିରାମ ସିଂ ଗିରଫଦାରୀ ଭୟରେ ଫେରାର୍ ହୋଇଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଘରଡିହ ବଣ୍ଟନକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଗତ ସୋମବାର ଦିନ ଅଭିରାମ ଓ ବୁଧିରାମଙ୍କ ମଧ୍ୟରେ ଏହାକୁ ନେଇ ବଚସା ହୋଇଥିଲା। ଏଥିରେ ଅଭିରାମ ରାଗିଯାଇ ପାଖରେ ଥିବା ଏକ ଠେଙ୍ଗାରେ ବୁଧିରାମଙ୍କୁ ଆକ୍ରମଣ କରିଥିଲା। ଗୁରୁତର ବୁଧିରାମଙ୍କୁ ପ୍ରଥମେ ହାତୀଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧିରାମଙ୍କ ମୃତ୍ୟୁ ହୋଇଯାଇଛି।

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅନିଲ ଅଗ୍ରୱାଲ**

## ଓଡ଼ିଶାରେ ୧ ଲକ୍ଷ କୋଟିର ପୁଞ୍ଜିନିବେଶ କରିବ ବେଦାନ୍ତ

ଭୁବନେଶ୍ୱର,୨୩।୧୦(ସମିସ): ରାଜ୍ୟରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ବେଦାନ୍ତ ଗ୍ରୁପ। ଏହି ଅର୍ଥକୁ କମ୍ପାନୀ ଢେଙ୍କାନାଳରେ ପ୍ରତିଷ୍ଠା ହେବାକୁ ଥିବା ତାର ବୃହତ୍ ଆଲୁମିନିୟମ୍ ପ୍ରକଳ୍ପରେ ଖଟାଇବ। ବାର୍ଷିକ ୩ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ଆଲୁମିନିୟମ୍ ପ୍ରକଳ୍ପରେ କମ୍ପାନୀ ଏକ ୪୯୦୦ ମେଗାୱାଟ୍‌ର ପାୱାର ପ୍ଲାଣ୍ଟ ମଧ୍ୟ ସ୍ଥାପନ କରିବ ବୋଲି ଗୁରୁବାର ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ଅଗ୍ରୱାଲ ଭେଟିଛନ୍ତି। ଏହି ଅବସରରେ ସେ ରାଜ୍ୟରେ ଗ୍ରୁପ ପକ୍ଷରୁ ପ୍ରସ୍ତାବିତ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଏହି ଅନୁଯାୟୀ, ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟରେ ୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିପାଇଁ



ଗ୍ରୁପ ରାଜ୍ୟ ସରକାରଙ୍କଠାରୁ ସମସ୍ତ ପ୍ରକାର ସହଯୋଗ ଆଶା କରୁଥିବା ଶ୍ରୀ ଅଗ୍ରୱାଲ କହିଛନ୍ତି। ଏହି ନିବେଶ ପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କମ୍ପାନୀକୁ ଭରସା ଦିଆଯାଇଛି। ଏହାସହିତ ବିଶ୍ୱର ମେଟାଲ ଭାଲ୍ୟୁ-ଚେନ୍‌ରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝରଠାରେ ଗ୍ରୁପ ଏକ ଅତ୍ୟାଧୁନିକ ଫେରୋ-ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବାକୁ ଯୋଜନା କରୁଛି। ଏଥିରେ ବେଦାନ୍ତ ପକ୍ଷରୁ ୨

- ଢେଙ୍କାନାଳରେ ପ୍ରତିଷ୍ଠା ହେବ ବୃହତ୍ ଆଲୁମିନିୟମ୍ ପ୍ରକଳ୍ପ
- କେନ୍ଦୁଝରରେ ୨୦୦୦ କୋଟିର ଫେରୋ-ଆଲଏଜ୍ ପ୍ଲାଣ୍ଟ

ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ।

ସୂଚନାନୁଯାୟୀ, ବେଦାନ୍ତ ପକ୍ଷରୁ ରାଜ୍ୟରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଝାରସୁଗୁଡାରେ ଥିବା କମ୍ପାନୀର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା ଯୋଜନା ରହିଛି। ଏହାସହିତ ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ, ସେଠାରେ ମଧ୍ୟ ଆଉଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ଏହି ଦୁଇଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜି ନିବେଶ ଏକ ଗେମ୍-ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ବେଦାନ୍ତ ଅଧ୍ୟକ୍ଷ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଏଚ୍‌ଆର୍‌ସିରେ ଏଣିକି ଭିଡିଓ କନ୍‌ଫରେନ୍ସିଂରେ ଶୁଣାଣି

ଭୁବନେଶ୍ୱର, ୨୩।୧୦(ସମିସ): ଦୂରଦୂରାନ୍ତରୁ ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପାଇଁ ଖୁସି ଖବର। ଶୁଣାଣି ବେଳେ ଓଏଚ୍‌ଆର୍‌ସି କାର୍ଯ୍ୟାଳୟରେ ପ୍ରତ୍ୟକ୍ଷ ହାଜର ନ ହୋଇ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମଧ୍ୟ ହାଜର ହୋଇପାରିବେ। ଓଡ଼ିଶା ମାନବାଧିକାର କମିସନ, ଭୁବନେଶ୍ୱରଙ୍କ ଦ୍ୱାରା ସମସ୍ତ ବେଞ୍ଚମାନଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାକୁ ଏକୀକୃତ ଏବଂ ସୁବ୍ୟବସ୍ଥିତ କରିବା ପାଇଁ କମିସନ ନିୟମ ଓ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଆସନ୍ତା ୨୭ ତାରିଖ (ସୋମବାର)ଠାରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କାର୍ଯ୍ୟକାରୀ କରାଯିବ।

କମିସନଙ୍କ ସମସ୍ତ ବେଞ୍ଚ "ଗୁଗୁଲ ମିଟ୍" ପ୍ଲାଟଫର୍ମ ମାଧ୍ୟମରେ ଭିଡିଓ କନଫରେନ୍ସିଂ ଏବଂ ପ୍ରତକ୍ଷ୍ୟ, ଉଭୟ ଭାବେ କାର୍ଯ୍ୟ ସଂପାଦନ କରିବେ। ଯେଉଁ ପକ୍ଷ ବା ପରାମର୍ଶଦାତାମାନେ ଦୂରଦୂରାନ୍ତରୁ ଆଭାସୀ ମାଧ୍ୟମରେ ଉପସ୍ଥିତ ହେବାକୁ ଇଚ୍ଛୁକ ଥିବେ, ସେମାନେ ଅଭିଯୋଗକାରୀଙ୍କ ନାମ, ମାମଲା, ନମ୍ବର, ବେଞ୍ଚ ନାମ ଏବଂ ଭିସି ମାଧ୍ୟମରେ ହାଜର ହେବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ବିବରଣୀ ଫର୍ମ ପୂରଣ କରି ଶୁଣାଣି ପୂର୍ବ ତାରିଖ ଅପରାହ୍ଣ ୪ଟା ସୁଦ୍ଧା କମିସନଙ୍କ ଇ-ମେଲ୍‌ରେ ପଠାଇବାକୁ ପଡ଼ିବ। ଶୁଣାଣି ଦିନ ପଠାଯାଇଥିବା

**ଜାରି ହେଲା ନିୟମ ଓ ନିର୍ଦ୍ଦେଶାବଳୀ**

କୌଣସି ଇ-ମେଲ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ବୋଲି କମିସନ ସ୍ପଷ୍ଟ କରିଛନ୍ତି।

ସମସ୍ତ ମାମଲା ସୂଚୀବଦ୍ଧ ଥିବା କ୍ରମିକ ସଂଖ୍ୟା ଅନୁଯାୟୀ ବିଚାର କରାଯିବ। ପକ୍ଷ ଓ ଓକିଲମାନେ ଶୁଣାଣି ଦିନ ସକାଳ ୧୧ଟାରୁ କମିସନଙ୍କ ୱେବସାଇଟ୍‌ରେ ଭିଡିଓ ଲିଙ୍କ୍ ଏବଂ ସମୟ ଦେଖିପାରିବେ। ନିର୍ଦ୍ଦିଷ୍ଟ ସମୟର ୫ମିନିଟ୍ ପୂର୍ବରୁ ଭିଡିଓ କନଫରେନ୍ସିଂରେ ଯୋଗ ଦେବାକୁ ପଡ଼ିବ। ସମସ୍ତ ପକ୍ଷ ଓ ଅଂଶଗ୍ରହଣକାରୀମାନେ ଭିଡିଓ କନଫରେନ୍ସିଂ ସମୟରେ ଯଥୋଚିତ ସୌଜନ୍ୟ ଓ ମର୍ଯ୍ୟାଦା ଅନୁସରଣ କରିବେ। କୌଣସି ବ୍ୟକ୍ତି କିମ୍ବା ସଂସ୍ଥାଙ୍କ ଦ୍ୱାରା ଅନଧିକୃତ ଅଡିଓ କିମ୍ବା ଭିଡିଓ ରେକର୍ଡିଂ କରାଯିବ ନାହିଁ। ଅଂଶଗ୍ରହଣକାରୀମାନେ ମର୍ଯ୍ୟାଦା ସହ ସଂଯମ ପୋଷାକ ପିନ୍ଧିବେ। ପୁଲିସ ଅଧିକାରୀମାନେ ନିର୍ଦ୍ଧାରିତ ଆଇନ ଓ ନିୟମ ଅନୁଯାୟୀ ସରକାରୀ ୟୁନିଫର୍ମରେ ଉପସ୍ଥିତ ରହିବେ। ଭିଡିଓ କନଫରେନ୍ସିଂ ସମୟରେ ଯଦି କୌଣସି ଅନାବଶ୍ୟକ ବିଶୃଙ୍ଖଳା ସୃଷ୍ଟି ହୁଏ, ତେବେ ଅଧ୍ୟକ୍ଷ ବିଚାରପତିଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟଧାରାକୁ ହଠାତ୍ ବନ୍ଦ କରାଯାଇପାରେ। ସମସ୍ତ ଅଂଶଗ୍ରହଣକାରୀ କ୍ୟାମେରା ସମ୍ମୁଖରେ ସତର୍କ ଭାବେ ଉପସ୍ଥିତ ହେବେ। ଶୁଣାଣି ସମୟରେ ଅନ୍ୟ କୌଣସି କାର୍ଯ୍ୟକଳାପରେ ନିୟୋଜିତ ହେବେ ନାହିଁ। ଭିଡିଓ କନଫରେନ୍ସିଂ ସମ୍ବନ୍ଧୀୟ ଯେକୌଣସି ସମସ୍ୟା ପାଇଁ ଭିଡିଓ କନଫରେନ୍ସିଂ ସଂଯୋଜକଙ୍କ ମୋବାଇଲ ନଂ ୭୬୫୬୮୪୯୬୦୩ରେ ସମ୍ପର୍କ କରିବାକୁ କମିସନ ଜଣାଇଛନ୍ତି। ଓଡ଼ିଶା ମାନବାଧିକାର କମିସନ ସମସ୍ତ ପକ୍ଷ ଓ ଜନସାଧାରଣଙ୍କୁ ଉପରୋକ୍ତ ନିୟମ ଅନୁସରଣ ପୂର୍ବକ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।

## ଚଳିତ ଶିକ୍ଷାବର୍ଷରୁ ପଞ୍ଚମ ଓ ଅଷ୍ଟମରେ ପାସ୍-ଫେଲ୍ ବ୍ୟବସ୍ଥା

ଭୁବନେଶ୍ୱର,୨୩।୧୦(ସମିସ): ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ରହିବ ପାସ୍ ଫେଲ୍ ବ୍ୟବସ୍ଥା। ଫେଲ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଛାତ୍ରଛାତ୍ରୀମାନେ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ସେମାନଙ୍କୁ ପାସ୍ କରିବାକୁ ଆଉ ଏକ ସୁଯୋଗ ଦିଆଯିବ। ୨ମାସ ମଧ୍ୟରେ ସେମାନେ ଆଉ ଏକ ପରୀକ୍ଷା ଦେବେ। ଏହି ସମୟରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯିବ। ଏହା ପରେ ମଧ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନପାରିଲେ ସେମାନଙ୍କୁ ଫେଲ୍ କରାଯିବ। ସେହି ଶ୍ରେଣୀରେ ରହି ଆଉ ବର୍ଷେ ପଢ଼ିବେ।

ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଉଭୟ ଲିଖିତ ଓ ମୌଖିକ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ୍ ୫୦ ମାର୍କ ମଧ୍ୟରୁ ୪୦ ମାର୍କ ଲିଖିତ ଓ ୧୦ ମାର୍କ ମୌଖିକ ପରୀକ୍ଷା ରହିବ। ସେହିପରି ୮ମ ଶ୍ରେଣୀ ଛାତ୍ରଛାତ୍ରୀମାନେ କେବଳ ୫୦ ମାର୍କର ଲିଖିତ ପରୀକ୍ଷା ଦେବେ। ପ୍ରଶ୍ନପତ୍ରରେ ସମ୍ମେଟିଭ୍ ଆସେସ୍‌ମେଣ୍ଟ-୧ରୁ ୩୦% ଓ ପରେ ପଢ଼ାଯାଇଥିବା ପାଠ୍ୟକ୍ରମରୁ ୭୦% ପ୍ରଶ୍ନ ପରୀକ୍ଷାରେ ଆସିବ। ପରୀକ୍ଷା ସୁପରିଚାଳନା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ପ୍ରକାଶ ପାଇବା ସହ ତ୍ରି-ସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯାଇଛି।

ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ଗଠନ ହୋଇଛି। ତହିଁରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ,

- ୨ ମାସରେ ପାସ୍ କରିବାକୁ ମିଳିବ ଆଉ ଗୋଟିଏ ସୁଯୋଗ
- ପରୀକ୍ଷା ଦିନ ସକାଳୁ ବିଦ୍ୟାଳୟରେ ପହଞ୍ଚିବ ପ୍ରଶ୍ନପତ୍ର

ମାଧ୍ୟମିକ, ପ୍ରାଥମିକ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି, ଟେକ୍ସଟ୍‌ବୁକ୍ ପ୍ରଡକ୍ସନ୍ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଓ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ସଦସ୍ୟ ଅଛନ୍ତି। ସେହିପରି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲାସ୍ତରୀୟ ପରିଚାଳନା କମିଟିରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ମୋଟ୍ ୧୨ଜଣ ସଦସ୍ୟ ଅଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପ୍ରିଣ୍ଟିଂ, ପରୀକ୍ଷାସୂଚୀ ପ୍ରସ୍ତୁତ କରିବା ସହ ଖାତାଦେଖା ଓ ପରୀକ୍ଷା ଫଳ ଘୋଷଣାର ତଦାରଖ କରିବେ। ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ଗଠନ କରି ପରୀକ୍ଷା ସମୟରେ ଏହି କମିଟି ବ୍ୟାପକ ଯାଞ୍ଚ କରିବ।

ବ୍ଲକ୍‌ସ୍ତରରେ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ମୋଟ୍ ୬ଜଣ ସଦସ୍ୟ ରହିବେ। ବ୍ଲକ୍‌ସ୍ତରରେ ପରୀକ୍ଷା ପରିଚାଳନା ତଦାରଖ କରିବା ସହ ସିଆର୍‌ସିସିଙ୍କ ମାଧ୍ୟମରେ ପ୍ରତି ବିଦ୍ୟାଳୟରେ ପ୍ରଶ୍ନପତ୍ର ପହଞ୍ଚାଇବା, ବ୍ଲକ୍‌ସ୍ତରୀୟ ସ୍କ୍ୱାଡ୍ ଗଠନ କରି ପରୀକ୍ଷା ବେଳେ ଯାଞ୍ଚ କରିବା ଆଦି କାର୍ଯ୍ୟ ଏହି କମିଟି କରିବ।

ପରୀକ୍ଷା ପାଇଁ ଧାର୍ଯ୍ୟ ତାରିଖର ଅତି କମ୍‌ରେ ୭ଦିନ ପୂର୍ବରୁ ବିଇଓଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ସେମାନେ ବ୍ଲକସ୍ତରରେ ଏକ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗରୁମ୍ କରି ପ୍ରଶ୍ନପତ୍ରଗୁଡ଼ିକ ସୁରକ୍ଷିତ ସଂରକ୍ଷଣ ସୁନିଶ୍ଚିତ କରିବେ। ସିଆର୍‌ସିସିଙ୍କ ନେତୃତ୍ୱରେ ବିଇଓ ଗଠନ କରିଥିବା ଦଳ ପରୀକ୍ଷାର ତିନି ଦିନ ପୂର୍ବରୁ ପ୍ରଶ୍ନପତ୍ର ସଂଗ୍ରହ କରିବେ।

**ଓଡ଼ିଶା ପାଇଁ ଗୌରବ**

## ଏଚ୍‌ଆଇଭି ଟିକା ଉତ୍ପାଦନରେ ଓଡ଼ିଆ ପୁଅ ସୌମ୍ୟ

ବାଲେଶ୍ୱର, ୨୩।୧୦ (ସମିସ): ଏଚ୍‌ଆଇଭି ଟିକା ଉତ୍ପାଦନ କ୍ଷେତ୍ରରେ କାମ ପାଇଁ ମନୋନୀତ ହୋଇ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ଓଡ଼ିଆ ପୁଅ ବାଲେଶ୍ୱରର ସୌମ୍ୟସ। ଗରଦେ। ସୌମ୍ୟ ସମ୍ପ୍ରତି ଆମେରିକାର ନେବ୍ରାସ୍କା ମେଡିକାଲ ସେଣ୍ଟର୍ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଛନ୍ତି। ବାଲେଶ୍ୱର ସହର ସୁଏଲପୁରର ମୋନାଲିସା ଦେ ଓ ସୁବ୍ରତ କୁମାର ଦେଙ୍କ ପୁଅ ହେଉଛନ୍ତି ସୌମ୍ୟ।



ବିଏସ୍-ଏମ୍‌ଏସ୍ ସମାପ୍ତ କରିବା ପରେ ସେ ପ୍ରଥମେ ଆମେରିକାର ନର୍ଦ୍ଦନ ଇଲିନୋଇସ୍ ବିଶ୍ୱବିଦ୍ୟାଳୟରେ ଗବେଷକ ଭାବେ ଯୋଗ ଦେଇଥିଲେ। ସୌମ୍ୟଙ୍କ କହିବାନୁସାରେ, ବିକଶିତ ନୂତନ ଏଚ୍‌ଆଇଭି ଟିକା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ଏବେ ଏହା ମୂଷାମାନଙ୍କ ଉପରେ ପରୀକ୍ଷା କରାଯାଉଛି। ଖୁବ୍‌ଶୀଘ୍ର ମାଙ୍କଡ଼ମାନଙ୍କ ଉପରେ ପରୀକ୍ଷା କରାଯିବ। ସେଥିରେ ସଫଳତା ମିଳିଲେ ମଣିଷଙ୍କ କ୍ଷେତ୍ରରେ ପ୍ରୟୋଗ କରାଯିବ। ସେ ଆହୁରି କହିଛନ୍ତି, ଏଚ୍‌ଆଇଭି, ପାର୍କିନ୍‌ସନ୍ ରୋଗ, ପ୍ରୋଷ୍ଟେଟ୍ କର୍କଟ ଭଳି ରୋଗ ପାଇଁ ଟିକା ତିଆରି କରିବା ଏବଂ ସଫଳତାର ସହ ଅଧ୍ୟୟନ ସମାପ୍ତ କରିବା ପରେ ଭାରତକୁ ଫେରିବି। ସେଠାକାର ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ପାଇଁ ଏକ ଔଷଧ କମ୍ପାନୀରେ କାମ କରିବା ମୋ ଲକ୍ଷ୍ୟ ବୋଲି ସୌମ୍ୟ କହିଛନ୍ତି।

# ଜେଲ୍‌ରେ ଚାଲିଛି ଅପରାଧୀଙ୍କ ରାଜ୍

ଭୁବନେଶ୍ୱର,୨୩।୧୦(ସମିସ): ରାଜ୍ୟରେ ଭୁଶୁଡ଼ିଗଲାଣି ଆଇନଶୃଙ୍ଖଳା ବ୍ୟବସ୍ଥା। ଦିନକୁ ଦିନ ବଢ଼ି ଚାଲିଛି ଅପରାଧୀଙ୍କ ରାଜ। ଜେଲ ବି ଏଥିରୁ ବାଦ ପଡ଼ିନାହିଁ। ଜେଲ ଭିତରେ ମାରପିଟ୍, ଗ୍ୟାଙ୍ଗୱାର, ମର୍ଡର ଓ ଡ୍ରଗ୍ସ କାରବାର କର୍ତ୍ତୃପକ୍ଷଙ୍କ ନିଦ ହଜାଇ ଦେଇଥିବା ବେଳେ ଏବେ ଜେଲରୁ କଏଦୀ ଚମ୍ପଟ ମାରିବାକୁ ଆରମ୍ଭ କଲେଣି। ଜେଲ ଭିତରେ ବଢ଼ୁଥିବା ଏପରି ଅରାଜକତା ପାଇଁ ଦାୟୀ କିଏ? ଏହାର କାରଣ ଖୋଜି ବାହାର କରିବା ବଦଳରେ ତଳିଆ କର୍ମଚାରୀଙ୍କୁ ଦୋଷ ଦେଇ ଖସିବାକୁ ଉଦ୍ୟମ ଚାଲିଛି। ଚୌଦ୍ୱାର ଜେଲରୁ ଫେରାର ଦୁଇ ହାର୍ଡକୋର କଏଦୀ ଧରାପଡ଼ିନଥିବା ବେଳେ ପୁଣି ବାଲେଶ୍ୱର ସୋର ଜେଲରୁ ଆଉ ୨ଜଣ କଏଦୀ ଫେରାର ହୋଇଛନ୍ତି। ଏହି ଦୁଇ ଘଟଣାରେ କେବଳ ଜେଲ ୱାର୍ଡରଙ୍କୁ ନିଲମ୍ବିତ କରି ଦୋଷ ଖସାଇ ଦେଉଛି ଜେଲ ବିଭାଗ। ଏବେ ପୁଣି ଚୌଦ୍ୱାର ଜେଲରେ କଇଦୀଙ୍କ ମଧ୍ୟରେ ଗ୍ୟାଙ୍ଗୱାର ଘଟଣା ସାମନାକୁ ଆସିଛି। ଏହାର ସିସିଟିଭି ଫୁଟେଜ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଜେଲ ବିଭାଗ ଘର ସଜାଡ଼ିବା ବଦଳରେ ସିସିଟିଭି ଫୁଟେଜ ବାହାରକୁ କିଏ ଛାଡ଼ିଲା, ଉକ୍ତ କର୍ମଚାରୀଙ୍କୁ ଧରିବାକୁ ଖୋଳତାଡ଼ କରୁଛି। କିଛିମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜେଲରେ ୩୦ରୁ ଅଧିକ ଏଭଳି ଘଟଣା ଘଟିଲାଣି।

ଜେଲ ଏବେ କାଳକୋଠରୀ ନୁହେଁ, ବରଂ ସୁଧାର ଗୃହ। ଏଭଳି ଏକ ଗଠନମୂଳକ ପ୍ରୟାସ ନେଇ କିଛି ଦିନ ତଳେ ଆଗେଇ ଚାଲିଥିଲା ଜେଲ ବିଭାଗ। ଏବେ କିନ୍ତୁ ଜେଲ ବିଭାଗ ଗୋଟିଏ ପରେ ଗୋଟିଏ କଳଙ୍କ ମୁଣ୍ଡେଇବାରେ ଲାଗିଛି। ଗତକାଲି ଚୌଦ୍ୱାର ସର୍କଲ ଜେଲରେ ଘଟିଥିଲା ତୁମୁଳକାଣ୍ଡ। କବି ସେଠ ନାମକ

- ବଢ଼ୁଛି ମାରପିଟ୍, ନିଶା କାରବାର
- ଚମ୍ପଟ ମାରୁଛନ୍ତି କଏଦୀ, କର୍ତ୍ତୃପକ୍ଷ ବେଫିକର

ଅନ୍ତେବାସୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଛନ୍ତି ଅନ୍ୟ ଅନ୍ତେବାସୀ। ଏହା ଗ୍ୟାଙ୍ଗୱାରର ପରିଣାମ ବୋଲି କୁହାଯାଉଛି। ସେହିପରି ଆଜି ସକାଳୁ ଏକ ପକସୋ ମାମଲାର ଅଭିଯୁକ୍ତଙ୍କ ଦେହରେ କରେଣ୍ଟ ଲାଗିବା ଦ୍ୱାରା ବରଗଡ଼ ଜେଲରେ ତାଙ୍କର ମୃତ୍ୟୁ ହୋଇଛି। ହାଇ ସିକ୍ୟୁରୀଟି ମଧ୍ୟରେ ଜଣେ ଅନ୍ତେବାସୀ ବିଦ୍ୟୁତ ତାରକୁ କେମିତି ଧରିଲେ ତାକୁ ପ୍ରଶନ ଉଠିଲାଣି। ସେହିପରି ଗତ ୩ ତାରିଖରୁ ଚୌଦ୍ୱାର ଜେଲର ସେଲ କାଟି ଚମ୍ପଟ ମାରିଥିବା ଦୁଇ ହତ୍ୟାକାରୀ କଏଦୀଙ୍କ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଏଯାଏଁ ମିଳିନାହିଁ। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଶେଷଜ୍ଞ।

ସେଣ୍ଟ୍ରାଲ ଜେଲ ଭଳି ସୁବିଧା ସୁଯୋଗ ଥିବା ଚୌଦ୍ୱାର ସର୍କଲ ଜେଲ ମଧ୍ୟ ଆଦୌ ସୁରକ୍ଷିତ ନୁହେଁ। କିନ୍ତୁ ଏପଟେ ଲୋକବଳ ଅଭାବକୁ ଢାଲ କରିଛି ଜେଲ ବିଭାଗ। ଜେଲ କର୍ମଚାରୀ ଙ୍କୁ ବଡି କ୍ୟାମେରା, ପୁରସ୍କାର ଆଦି ବ୍ୟବସ୍ଥା କରାଯାଉଥିଲେ ମଧ୍ୟ ସେମାନଙ୍କ ଘନିଷ୍ଠତା କଏଦୀଙ୍କ ସହ ବଢୁଛି। ଯାହା ଫଳରେ କାରାଗାର ଭିତରକୁ ବେଧଡକ ପଶୁଛି ଗଞ୍ଜେଇ, ଅଫିମ ଓ ମାଦକ ଦ୍ରବ୍ୟ। ବିସ୍କୁଟ ମିକସ୍‌ଚର ପ୍ୟାକେଟ ଭିତରେ ଯା ଆସ କରୁଛି ମୋବାଇଲ। ସୁ ଉଚ୍ଚ କାନ୍ଥକୁ ଭେଦ କରି ଟେନିସ ବଲ ଜରିଆରେ ଜେଲ ଭିରରକୁ ଫିଙ୍ଗା ଯାଉଛି ଆବଶ୍ୟକ ସାମଗ୍ରୀ। ଆଉ ଏସବୁକୁ ରୋକିବା ପାଇଁ ଆକ୍ସନ ପ୍ଲାନ ହୋଇଥିବା ସଫେଇ ଦେଉଛି ବିଭାଗ। କିନ୍ତୁ ବାସ୍ତବରେ ଜେଲ ବିଭାଗର ଏକ ପ୍ରକାର କୋମାରେ ରହିଯାଇଥିବା କୁହାଯାଉଛି। ବଡ଼ କଥା ହେଲା ଜେଲରୁ କଏଦୀ ଫେରାର ହେବା ପାଇଁ ମୁଖ୍ୟତଃ ଜେଲ ୱାର୍ଡର ଦାୟୀ। ସେମାନେ ଗୋଟିଏ ଜେଲରେ ଦୀର୍ଘ ବର୍ଷ ରହୁଥିବାରୁ ହାର୍ଡକୋର କଏଦୀଙ୍କୁ ପରୋକ୍ଷରେ ସହଯୋଗ କରୁଛନ୍ତି।



ସେମାନଙ୍କ ନିକଟକୁ ମୋବାଇଲ, ଗଞ୍ଜେଇ ଏବଂ ଅନ୍ୟାନ ଜରୁରୀ ସାମଗ୍ରୀ ଦେଉଛନ୍ତି। ଆହୁରି ମଧ୍ୟ କିଭଳି ଜେଲରୁ ଫେରାର ହେବ, ତାହାର ବାଟ ମଧ୍ୟ ବତାଉଛନ୍ତି। ଯାହାକି ଚୌଦ୍ୱାର ଜେଲରୁ ସ୍ପଷ୍ଟ ହୋଇଛି। କାରଣ ଚୌଦ୍ୱାର ଜେଲ ପଛରେ ରେଲୱେ ଷ୍ଟେସନ ଥିବା କିଭଳି କଏଦୀ ଜାଣି ଉକ୍ତ ପଛ ବାଟ ଦେଇ ଫେରାର ହୋଇଥିଲେ। ତେଣୁ ଏସବୁ ଘଟଣା ପଛରେ ଜେଲ ୱାର୍ଡରଙ୍କ ହାତ ରହିଥିବା କୁହାଯାଉଛି।

# ସରକାରଙ୍କ ଘରୋଇକରଣ ନୀତି ପାଇଁ ଆରଏସ୍‌ପି ଭବିଷ୍ୟତ ସଂକଟରେ: ସିଟୁ

**ରାଉରକେଲା, ୨୩।୧୦(ସମିସ):** ଦୁଇ ବର୍ଷ ପରେ ମଧ ଆରଏସ୍‌ପିର ୩୩ ହଜାର କୋଟି ବ୍ୟୟରେ ୧୦ ମିଲିୟନ ଟନ କ୍ଷମତା ଆଧୁନିକରଣ କରାଯାଉ ନାହିଁ। ଅନ୍ୟପକ୍ଷରେ କାରଖାନା ବିଭିନ୍ନ ବିଭାଗ, ଖଣି, ବିଦ୍ୟାଳୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ସହର ସେବାକୁ ଘରୋଇକରଣ ପ୍ରକ୍ରିୟାକୁ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ତୀବ୍ର ନିନ୍ଦା କରିବାସହ ସମସ୍ତ ଶ୍ରମିକ, ସଂଗଠନ ଓ ରାଉରକେଲା ଜନସାଧାରଣ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ରକ୍ଷା କରିବାପାଇଁ ଏକ ହେବାକୁ କହିଛନ୍ତି। ଉତ୍ପାଦନ ତଥା ଲାଭକୁ ସର୍ବ ଶ୍ରେଷ୍ଠ ପର୍ଯ୍ୟାୟରେ ପହଞ୍ଚାଇବା ସତ୍ତ୍ୱେ ଇସ୍ପାତ ଶ୍ରମିକ ଓ ଠିକା ଶ୍ରମିକଙ୍କ ପ୍ରାୟ ୯ ବର୍ଷ ପରେ ମଧ ଏନଜେସିଏସ୍ ଚୁକ୍ତି ନହେବା ମଧ ଦୁର୍ଭାଗ୍ୟଜନକ। ସିଆଇଟିୟୁର ବିରୋଧ ସତ୍ତ୍ୱେ ସଂଖ୍ୟାତ୍ମକ ଆଳରେ ତ୍ରୁଟିପୂର୍ଣ୍ଣ ବୋନସ୍ ଚୁକ୍ତିନାମାରେ ଶ୍ରମିକଙ୍କୁ ମାତ୍ର ୨୯ ହଜାର ୫୦୦ ଟଙ୍କା ପ୍ରଦାନ କରି ଅଧିକାରୀମାନଙ୍କୁ ଲକ୍ଷ ଲକ୍ଷ ବା ସର୍ବୋପରି ୮ ଲକ୍ଷ ପର୍ଯ୍ୟନ୍ତ ପିଆର୍‌ପି ପ୍ରଦାନ କରୁଛନ୍ତି। କାରଣ ଶ୍ରମିକ ମାନଙ୍କ ସଂଗଠନ ଏକତାର ଅଭାବ। ରାଉରକେଲା ଇସ୍ପାତ କାରଖାନାର ଆଧୁନିକରଣ କରାଯାଉନାହିଁ। ବ୍ୟାପକ ଶ୍ରମିକ ସଂଖ୍ୟା ହ୍ରାସ କରାଯାଇ ବାହାର ଠିକାଦାର ଓ ଠିକା ଶ୍ରମିକଙ୍କୁ ଠିକା କରଣ ପ୍ରଦାନ କରାଯାଉଛି। ସ୍ଥାନୀୟ ଠିକାଦାର କାମ ପାଉନାହାଁନ୍ତି କିମ୍ବା ସ୍ଥାନିୟ ବେକାରି ନିଯୁକ୍ତି ପାଉନାହାନ୍ତି। ବାହାର ଠିକାଦାର କାମ ପାଉଥିବାରୁ ସଠିକ୍ କାର୍ଯ୍ୟ ହେଉନାହିଁ ଏବଂ ଠିକା ଶ୍ରମିକ ମାନେ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ସେଲ୍‌ର ନିଜସ୍ୱ ୪୦୦ କୋଟିର ସୁପର ସ୍ପେସାଲିଟି ହସ୍‌ପିଟାଲକୁ ବିଏମଏସ ସହାୟତାରେ ଏକ ଘରୋଇ ଡାକ୍ତରଖାନାକୁ ପ୍ରଦାନ କରାଗଲା। ଏବେ ସମସ୍ତଙ୍କ ବିରୋଧସତ୍ତ୍?େ ବିଏମଏସ୍ ସହାୟତାରେ ସମସ୍ତ ବିଦ୍ୟାଳୟକୁ ରବିଶଙ୍କର ସଂସ୍ଥାକୁ ପ୍ରଦାନ କରାଗଲା। ହଜାର ହଜାର ଖାଲି କ୍ୱାର୍ଟରକୁ ଅବସର ଶ୍ରମିକଙ୍କୁ ଦିଆଯାଉନାହିଁ। ତେଣୁ ଏହାକୁ ହାସଲ କରିବା ପାଇଁ ଶ୍ରମିକ ସଂଗଠନମାନେ ତୁରନ୍ତ ଏନ୍‌ଜେସିଏସ୍ ଚୁକ୍ତିନାମା ସହ ଆର୍‌ଏସପି ଆଧୁନିକରଣ ଓ ଘରୋଇରକଣ ପ୍ରକ୍ରିୟା ବିରୋଧରେ ମିଳିତ ଆନ୍ଦୋଳନ ପାଇଁ ଏକ ହୁଅନ୍ତୁ ବୋଲି ସିଆଇଟିୟୁ ସାଧାରଣ ସମ୍ପାଦକ ବସନ୍ତ ନାୟକ ନିବେଦନ କରିଛନ୍ତି।

# ଆର୍‌ଏସ୍‌ପିରେ ଜରୁରିକାଳୀନ ପ୍ରସ୍ତୁତି ନିମନ୍ତେ ସୁରକ୍ଷା ଅଭ୍ୟାସ






**ରାଉରକେଲା, ୨୩।୧୦(ସମିସ)**

ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ରୋଲ୍ ସପ୍-୧ ବିଭାଗରେ ଆଜି ଅଗ୍ନି ନିରାପତ୍ତା ଉପରେ ଏକ ସୁରକ୍ଷା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅଭ୍ୟାସଟିକୁ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା ଏସ୍ କାର୍ଥା ରୋଲ୍ ସପ୍ ବିଭାଗର ଜିଏମ ଇନଚାର୍ଜ ସମୀର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଅଗ୍ନିଶମ ସେବା ଦଳ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ତଥା ରୋଲ ସପ୍ ସାମୂଦାୟିକ ଏହି ସୁରକ୍ଷା ଅଭ୍ୟାସ ପାଇଁ ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗ ଯୋଗାଇ ଦେଇଥିଲେ। ସୁରକ୍ଷା ଅଭ୍ୟାସର ଦୃଶ୍ୟପଟ୍ଟ ରୋଲ୍ ସପ୍-୧ ବିଭାଗର ଆଣ୍ଟି-ଫ୍ରିକ୍ସନ୍ ବିୟରିଂ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣାର ଏକ ଦୃଶ୍ୟ ପ୍ରସ୍ତୁତି କରାଯାଇଥିଲା, ଯେଉଁଥିରେ ଜଣେ ଆଘାତପ୍ରାପ୍ତଙ୍କ ଉଦ୍ଧାର ସାମିଲ ଥିଲା। ଏହି ଘଟଣା ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସସି), ଶକ୍ତି ପରିଚାଳନା ବିଭାଗ, ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସଏଫ ସମେତ ପ୍ରମୁଖ ବିଭାଗଗୁଡ଼ିକରୁ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା। ଏହି ସୁରକ୍ଷା ଅଭ୍ୟାସରେ ତିନୋଟି ଉତ୍ସର୍ଗୀକୃତ ଦଳ ଯଥା - ଉଦ୍ଧାର, ଆନୁଷଙ୍ଗିକ ଓ ସାମରିକ ଭଳି ବିଭିନ୍ନ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନେଇ ଗଠିତ, ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଲ୍ ସପ୍ ବିଭାଗର ଏକେ. ମହାପାତ୍ର, ଅଗ୍ନିଶମ ସେବା ବିଭାଗର ଡିଜିଏମ ଏମ୍‌ଆଇ ସୋଙ୍କୁସାରେ, ରୋଲ୍ ସପ୍ ବିଭାଗର ଏଜିଏମ୍ ଏସ୍ କେ ମିଶ୍ର, ଡେପୁଟି ମ୍ୟାନେଜର ଏବଂ ଏରିଆ ଇନଚାର୍ଜ ଜୟନ୍ତ କୁମାର ରାଉତରାୟ ଏବଂ ଏନ୍.ସେଠୀ ସଂଯୋଜନା କରିଥିଲେ। ଏହି ଅଭ୍ୟାସରେ ପ୍ରତିକ୍ରିୟା ସମୟ, ଆନ୍ତଃ ଏଜେନ୍ସି ସମନ୍ୱୟ ଏବଂ ମାନକ କାର୍ଯ୍ୟ ପଦ୍ଧତି ପ୍ରକ୍ରିୟା (ଏସଓପି) ପାଳନ ଭଳି ପ୍ରମୁଖ ସୋପାନଗୁଡ଼ିକୁ ସମାଲୋଚନାମୂଳକ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା। ଏହି ଅଭ୍ୟାସଟି ଶିକ୍ଷା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ଡିବ୍ରିଫିଂ ଏବଂ ମୂଲ୍ୟାଙ୍କନ ଅଧିବେଶନ ସହିତ ଶେଷ ହୋଇଥିଲା।

# ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



**ରାଉରକେଲା, ୨୩।୧୦(ସମିସ):** ଛାତ୍ରଛାତ୍ରୀଙ୍କୁ ଆଧୁନିକ ଶିକ୍ଷା ଦେବା ସହ ଭାରତର ସଂସ୍କୃତି ସୁରକ୍ଷା ଓ ସଂସ୍କାର ଦେବା ଉଦ୍ଦେଶ୍ୟରେ ଚିନ୍ମୟ ମିଶନ, ରାଉରକେଲା ପକ୍ଷରୁ ଚିନ୍ମୟ ବିଦ୍ୟାଳୟ, ଛେଣ୍ଡ ଠାରେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଚିନ୍ମୟ ମିଶନର ରାଜ୍ୟ ସଂଯୋଜକ ପୂଜ୍ୟ ସ୍ୱାମୀ ଅରୂପାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ୪ଟି ଚିନ୍ମୟ ବିଦ୍ୟାଳୟର ପ୍ରାୟ ୮୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନର୍ସରୀ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ମୋଟ ୬ ଟି ବିଭାଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ରାଉରକେଲାରୁ ପୂଜ୍ୟ ସ୍ୱାମୀ ଅରୂପାନନ୍ଦ ଓ ପୂଜ୍ୟା ବ୍ରହ୍ମଚାରିଣି ପ୍ରତିଭା ଚୈତନ୍ୟ, ଦେବଗଡ଼ରୁ ପୂଜ୍ୟା ସ୍ୱାମୀନୀ ତନିଷ୍ଠାନନ୍ଦ, ଲାଠିକଟାରୁ ପୂଜ୍ୟା ସ୍ୱାମୀନୀ ରଷିପ୍ରିୟାନନ୍ଦ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ପିଲାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ରାଉରକେଲା ଚିନ୍ମୟ ସେବା ଟ୍ରଷ୍ଟର ମୁଖ୍ୟ ସ୍ୱାମୀ କେବଳାନନ୍ଦ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୀତାର ଉପାଦେୟତା ବୁଝାଇବା ସହ ପୁରସ୍କାର ପ୍ରଦାନ କରିଥିଲେ। ଚିନ୍ମୟ ମିଶନ, ରାଉରକେଲାର ସମ୍ପାଦକ ନିର୍ମଳ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ୮ ଜଣ ଚିନ୍ମୟ ମିଶନର ସଦସ୍ୟ ବିଚାରକ ଭାବରେ ପିଲାମାନଙ୍କର ଆବୃତ୍ତି ଶୁଣିଥିଲେ। ଚିନ୍ମୟ ମିଶନର ଅନେକ ସଦସ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ଓ ଅଭିଭାବିକାଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ରୂପ ଦେଇଥିବା ପୂଜ୍ୟ ସ୍ୱାମୀ ଅରୂପାନନ୍ଦ, କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆଇଜିଏଚ୍‌ରେ କ୍ୱାଡ୍ରିପାରେସିସ୍ ସହ ମେରୁଦଣ୍ଡ ଚିକିତ୍ସା

**ରାଉରକେଲା, ୨୩।୧୦(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଅଭିଜ୍ଞ ଡାକ୍ତରମାନେ କ୍ୱାଡ୍ରିପାରେସିସ୍ ସହିତ ମେରୁଦଣ୍ଡ ଯକ୍ଷ୍ମାରେ ପୀଡ଼ିତ ଜଣେ ୫୯ ବର୍ଷୀୟ ବୃଦ୍ଧଙ୍କ ଗତିଶୀଳତାକୁ ପୁନଃସ୍ଥାପିତ କରିବା ସହ ଶ୍ୱାସକ୍ରିୟା ଜନିତ ଅସୁବିଧାର ସଫଳ ଚିକିତ୍ସା କରିଛନ୍ତି। ନିକଟରେ ଆଇଜିଏଚରେ ଭର୍ତ୍ତି ହୋଇଥିବା ଏହି ରୋଗୀଜଣକ ତିନି ସପ୍ତାହ ଧରି ନିଜ ଅଙ୍ଗପ୍ରତ୍ୟଙ୍ଗକୁ ଚଳପ୍ରଚଳ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ହେବା ସହିତ ଶଯ୍ୟାଶାୟୀ ଥିଲେ। ସେ ପୂର୍ବରୁ ରାଉରକେଲାର ଅନେକ ହସ୍ପିଟାଲ ସହିତ ପରାମର୍ଶ କରିଥିବା ବେଳେ ଶେଷରେ ଏକ ଘରୋଇ ହସ୍ପିଟାଲରେ ହୋଇଥିବା ଏମ୍‌ଆରଆଇ ପରୀକ୍ଷାରୁ ଯକ୍ଷ୍ମା ସର୍ଭିକାଲ୍ ଏବଂ କଟି ମେରୁଦଣ୍ଡ ଉଭୟକୁ ପ୍ରଭାବିତ କରିଥିଲା ବୋଲି ସ୍ପଷ୍ଟ ହୋଇଥିଲା। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇ ପାରି ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଆଇଜିଏଚ୍‌କୁ ଅଣାଯାଇଥିଲା। ଆଇଜିଏଚ୍‌ରେ ଭର୍ତ୍ତି ହେବା ସମୟରେ ରୋଗୀଙ୍କ ଅବସ୍ଥା ଗୁରୁତର ଥିଲାବେଳେ ସେ ଶ୍ୱାସକ୍ରିୟାରେ ଅସୁବିଧା ଅନୁଭବ କରିଥିଲେ, ଯାହା ପାଇଁ ଭେଣ୍ଟିଲେଟୋରୀ ସହାୟତାର ଆବଶ୍ୟକ



ପଡ଼ିଥିଲା। ସର୍ଭାଇକାଲ୍ ମେରୁଦଣ୍ଡର ଏମ୍‌ଆରଆଇରୁ ସି୪ସି୫ ସ୍ତରରେ ଯକ୍ଷ୍ମା ଦେଖା ଦେଇଥିଲା, ଯାହାଦ୍ୱାରା ପୂଜ ସହ ମେରୁଦଣ୍ଡକୁ ସଙ୍କୁଚିତ କରିଦେଇଥିଲା। ରୋଗୀଙ୍କୁ ୭୨ ଘଣ୍ଟା ମଧ୍ୟରେ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତ କରାଯାଇଥିଲା। ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓ ଅସ୍ତ୍ରୋପଚାର କରିଥିଲାବେଳେ ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡାକ୍ତର ସଂଯୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିଲେ। ଏହି ଅସ୍ତ୍ରୋପଚାରରେ ସିଷ୍ଟର ଗୋଧୂଳି ଏବଂ ବ୍ରଦର କମଳାକର ନିଜର ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ଠାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା। ସେ ଉଭୟ ଉପର ଏବଂ ତଳ ଅଙ୍ଗରେ ପୁନଃ ଗତିଶୀଳତା ଫେରିପାଇବା ସହ ଶ୍ୱାସକ୍ରିୟାର ସମୟ ୧୦ ସେକେଣ୍ଡରୁ ୨୪ ସେକେଣ୍ଡକୁ ବୃଦ୍ଧି ପାଇଥିଲା। ଅସ୍ତ୍ରୋପଚାର ପରବର୍ତ୍ତୀ ସେବାକୁ ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ସୋନିଆ, ସିଷ୍ଟର ମନୀଷା, ସିଷ୍ଟର ରୁବି, ସିଷ୍ଟର ନମିତା ଏବଂ ସିଷ୍ଟର ପ୍ରିୟଙ୍କା ଅତି ସାବଧାନତାର ସହ ପ୍ରଦାନ କରିଥିଲେ। ଆଇଜିଏଚରେ ପ୍ରାପ୍ତ ବ୍ୟାପକ ଚିକିତ୍ସା ଏବଂ ଉତ୍ସାହପୂର୍ଣ୍ଣ ସେବା ପାଇଁ ରୋଗୀଜଣକ ଗଭୀର ଆତ୍ମସନ୍ତୋଷ ପ୍ରକାଶ କରିଥିଲା ବେଳେ ସେ ଏବେ ଗୋଟିଏ ମାସ ପରେ ଏହି ଠାରେ ହିଁ ତାଙ୍କର ଲୁମ୍ବାର ସ୍ପାଇନ ଟ୍ୟୁବରକୁଲୋସିସ ପାଇଁ ଶଲ୍ୟଚିକିତ୍ସା ନିମନ୍ତେ ଯୋଜନା କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ଆର୍ଥିକ ସୁରକ୍ଷା ସଚେତନତା ଶିବିର




**ବଣାଇଁ, ୨୩।୧୦(ସମିସ):** ବଣାଇଁ ଉପ-କୋଷାଗାର କାର୍ଯ୍ୟାଳୟ ପରିସରରେ ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କ ଆର୍ଥିକ ସୁରକ୍ଷା ଓ ଭବିଷ୍ୟତ ସଞ୍ଚୟ ସୁରକ୍ଷା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କ ଆର୍ଥିକ ସୁରକ୍ଷା ଉପରେ ସଚେତନା କରାଇଥିଲା। ଏହି କାର୍ଯ୍ୟକ୍ରମ ବଣାଇଁ ଉପ-କୋଷାଗାର କାର୍ଯ୍ୟାଳୟର ଅଧିକାରୀ ହେପ ଶିବା ଡୁମଡୁଙ୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବାବେଳେ ଏଥିରେ ବଣାଇଁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାର ତଥା ଭାରପ୍ରାପ୍ତ ଉପଖଣ୍ଡସ୍ତରୀୟ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅଜୟ କୁମାର ସାହୁ, ବଣାଇଁ ଏସଏଏସ ରେବତୀ କାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବଣାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସନ୍ତୋଷ କୁମାର ଦାସ, ଉପକୋଷାଗାର କାର୍ଯ୍ୟାଳୟ କର୍ମଚାରୀ ହିସାବ ରକ୍ଷକ ନଟବର ସାହୁ, ପଦ୍ମଲୋଚନ ଜେନା, ରିତିକା ସିଂହ ପ୍ରମୁଖ ସହାୟତା କରିଥିଲେ।

## ମାଓପ୍ରବଣ ଅଞ୍ଚଳରେ ସ୍ୱତନ୍ତ୍ର ଗ୍ରାମସଭା

# ଭତ୍ତା ଓ ରାସନ୍‌କାର୍ଡ ବାଣ୍ଟିଲେ ଉପଜିଲ୍ଲାପାଳ

**କୋଇଡ଼ା, ୨୩।୧୦(ସମିସ):** ମାଓବାଦୀଙ୍କ ହଟ୍‌ସ୍ପଟ୍ କୁହାଯାଉଥିବା ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ସୋୟମ୍ବା ପଞ୍ଚାୟତ ଟୋପାଡିହି ଠାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଯୋଗଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାରମ୍ପାରିକ ବସ୍ତ୍ର, ବାଦ୍ୟ ନୃତ୍ୟ ଗାନ ସହ ସ୍ୱାଗତ କରିଥିଲେ। ପରେ କୋଇଡ଼ା ବିଡିଓ ସମରେନ୍ଦ୍ର ସାରା, ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ସରପଞ୍ଚ ସରିତା ଓରାମ, ଉପଖଣ୍ଡ ଭତ୍ତା ଅଧିକାରୀ ଅଜୟ ସାହୁ, ବ୍ଲକ ଭତ୍ତା ଅଧିକାରୀ ପଙ୍କଜ ସାମଦ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଶିଶ କୁମାର ଦାଶ, ଯନ୍ତ୍ରୀ ସଞ୍ଜୟ ନାଏକ ଓ ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଟୋପାଡିହି ଅଞ୍ଚଳବାସୀଙ୍କ ମଧ୍ୟରୁ ୭ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା,




୬ ଜଣଙ୍କୁ ଭିନ୍ନକ୍ଷମ ଓ ଭତ୍ତା ବିଧବା ଭତ୍ତା ଏବଂ ବହୁ ଜଣଙ୍କୁ ଅନ୍ୟାନ୍ୟ ସରକାରୀ ସୁବିଧା ନୂତନ ଭାବେ ପ୍ରଦାନ କରିଥିଲେ। ଗ୍ରାମରେ ବାକି ରହିଥିବା ସମସ୍ତ ବିକାଶମୂଳକ କାର୍ଯ୍ୟ ଖୁବଶୀଘ୍ର ତ୍ୱରାନ୍ୱିତ ହେବବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଥାଉକି ଗତମାସ ଏକ ସିଆର୍‌ପିଏଫ୍ କ୍ୟାମ୍ପ ଉଦ୍‌ଘାଟନ ଦିବସରେ ସ୍ଥାନୀୟବାସୀନ୍ଦା ଉପଜିଲ୍ଲାପାଳଙ୍କୁ ନିଜର ବହୁ ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। ସେବେଠାରୁ ବଣାଇଁ ଉପଜିଲ୍ଲାପାଳ ( ଆଇଏଏସ୍ ) ଅକ୍ଷୟ ପିଲ୍ଲେ ବ୍ଲକ ର ସମସ୍ତ ଅଧିକାରୀଙ୍କୁ ଗ୍ରାମରେ ପହଞ୍ଚି ଲୋକଙ୍କ ଗୁହାରି ଶୁଣି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଏନ୍‌ଆଇଟିରେ ପ୍ରୟୋଗିକ ରସାୟନ ବିଜ୍ଞାନ ଉପରେ କର୍ମଶାଳା

**ରାଉରକେଲା, ୨୩।୧୦(ସମିସ):** ଏନ୍‌ଆଇଟି ରାଉରକେଲାର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଅଭ୍ୟାସ ପାଇଁ ମୌଳିକ ତତ୍ତ୍ୱଗୁଡ଼ିକୁ ବ୍ରିଜିଂ: ଜୈବ ରସାୟନ ବିଜ୍ଞାନ ଉପରେ ଏକ କର୍ମଶାଳା' ଆୟୋଜିତ ହୋଇଥିଲା। ଏହି କର୍ମଶାଳାକୁ ପ୍ରଫେସର ନିରଞ୍ଜନ ପଣ୍ଡା ଏବଂ ପ୍ରଫେସର ସସ୍ମିତା ମହାପାତ୍ର ସଂଯୋଜନା କରିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ଜଣ ଶିକ୍ଷକ ଏବଂ ଗବେଷକ ଅଂଶଗ୍ରହଣ କରିଥିଲେ। ସଂଯୋଜକ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇ ଏଏନ୍‌ଆରଏଫ ଏସ୍‌ଏସ୍‌ଆର ନୀତିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କର୍ମଶାଳାକୁ ଆଇଆଇଟି ମୁମ୍ବାଇ ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ରାଘବନ ବି. ସୁନୋଜ ମୁଖ୍ୟଅତିଥି ଭାବରେ ଯୋଗ ଦଇ ବ୍ୟକ୍ତିବିଶେଷଙ୍କ ସମ୍ଭାବନାକୁ ଗବେଷଣା ଏବଂ ଗବେଷଣା ଦିଗରେ ପ୍ରଭାବଶାଳୀ ଭାବରେ ଚିହ୍ନିତ କରିବା ଏବଂ ପରିଚାଳନା କରିବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ରସାୟନ ବିଭାଗର ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରଶଂସା କରିବା ସହ ସ୍ଥାୟିତ୍ୱ ଦିଗରେ ରସାୟନର ଭୂମିକା ଉପରେ ମଧ ଆଲୋକପାତ କରିଥିଲେ। ସହ-ସଂଯୋଜକ ପ୍ରଫେସର ସସ୍ମିତା ମହାପାତ୍ରଙ୍କ ଧନ୍ୟବାଦ ଦେଇଥିଲେ।



# ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ ଘଣ୍ଟାକୁ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




**ରାଉରକେଲା, ୨୩।୧୦(ସମିସ)**

ରାଜ୍ୟ ବିଜେପି ସରକାରଙ୍କ କ୍ୟାବିନେଟ୍ ଗତ ସେପ୍ଟେମ୍ବର ୨୯ରେ ଏକ ପାଖିଆ ଭାବରେ ରାଜ୍ୟରେ ଫ୍ୟାକ୍ଟ୍ରି ଆଇନ୍ -୧୯୪୮ ର ଧାରା ୫୧ ଓ ଧାରା ୫୪ ରେ ସଂଶୋଧନ ଆଣି ଶ୍ରମିକଙ୍କ ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟାରୁ ୧୦ ଘଣ୍ଟା ବୃଦ୍ଧି କରିଛନ୍ତି। ଯାହା ପ୍ରକୃତ ପକ୍ଷେ କାର୍ଯ୍ୟକାରୀ ହେଲେ ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ ଘଣ୍ଟା ହେବ ଏବଂ ସପ୍ତାହକୁ ୪୮ ଘଣ୍ଟା ବଦଳରେ ୬୦ ଘଣ୍ଟା ହେବ। ମହିଳା ଶ୍ରମିକମାନଙ୍କୁ ରାତ୍ରିକାଳୀନ କାର୍ଯ୍ୟ କରିବା ପାଇଁ ମଧ ରାଜ୍ୟ ସରକାର ଫ୍ୟାକ୍ଟ୍ରି ଆଇନ୍‌ର ଧାରା ୬୬/୧(ବି)କୁ ପରିବର୍ତ୍ତନ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସିଆଇଟିୟୁ ରାଜ୍ୟ କମିଟି ଡାକରାରେ ଏନ୍‌ଏସପିସିଏଲ ୱାର୍କର୍ସ ୟୁନିୟନ, ସିଆଇଟିୟୁ ପକ୍ଷରୁ ସ୍ଥାନୀୟ ସେକ୍ଟର ୭-୧୭ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ତୁରନ୍ତ ଏପରି ଶ୍ରମିକ ବିରୋଧୀ ନିଷ୍ପତ୍ତିରୁ ସରକାର କ୍ଷାନ୍ତହେବାକୁ ଚେତାଇ ଦିଆଯାଇଛି, ନଚେତ୍ ଆଗାମୀ ଦିନରେ ସଂଗଠନ ପକ୍ଷରୁ ବ୍ୟାପକ ଶ୍ରମିକ ଆନ୍ଦୋଳନ ପାଇଁ ଆହ୍ୱାନ କରାଯାଇଛି। ଆଜିର ବିକ୍ଷୋଭରେ ସିଆଇଟିୟୁ ଜିଲ୍ଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତି ସଭାପତିତ୍ୱ କରିଥିଲାବେଳେ ଅନ୍ୟତମ ବରିଷ୍ଠ ଜିଲ୍ଲା ଉପସଭାପତି, ଶ୍ରୀମନ୍ତ ବେହେରା, ବିପି ମହାପାତ୍ର, ଦିବାକର ମହାରଣା, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଜଗବନ୍ଧୁ ରାଉତ, ସୁରଜ ଦାସ୍, ଅଜିତ କୁମାର ରାୟ, ସୁରେନ୍ଦ୍ର ବେହେରା, ହିତେଶ ମଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହାକୁ ସରକାର ତୁରନ୍ତ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।

**NATIONAL COMPETITIVE BIDDING THROUGH e-Procurement** O-1094
**Tel. No.06752222092, e-mail id-eerwpuri@gmail.com**

**TCN NO. TENDER ONLINE - 09 OF 2025-26**
**No. 8445 / Dt. 10.10.2025**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri.

1.Total no. of works: **74 nos.**
2 .Tender cost of packages: Amount varies from **Rs.5.04 lakh to Rs.42.02 lakh**
3.Class of contractor: **As per DTCN.**
4.Period of completion: **2 (Two) Calendar months.**
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 1.30 P.M. | 13.11.2025 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W., Division, Puri

OIPR-25065/11/0029/2526

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ସଇଁତଳା,୨୩।୧୦(ସମିସ): ସଇଁତଳା ଦେଇ ଯାଇଥିବା ୨୬ନମ୍ବର ଜାତୀୟ ରାଜପଥର ସଇଁତଳା ଥାନା ସମ୍ମୁଖରେ ଗୁରୁବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ପଟକୁ ଯାଉଥିବା ଏକ ଟ୍ରକ୍ ସଇଁତଳା ଥାନା ସମ୍ମୁଖରେ ଗୋପବନ୍ଧୁ ପଡ଼ାର ସୁଶାନ୍ତ ଦାନୀ (୫୦)ଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତା ପାର ହେଉଥିଲେ। ଏହା ଫଳରେ ସେ କିଛି ଦୂର ଘୋଷାଡ଼ି ହୋଇଯାଇଥିଲା। ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ତୁରନ୍ତ ସଇଁତଳା ଥାନା ଅଧିକାରୀ ରଶ୍ମିତା ବେହେରା ସଦଳବଳ ପହଞ୍ଚିଥିଲେ। ଏହି ଘଟଣା ଜଣା ପଡ଼ିବା ପରେ ସହରର ଜନସାଧାରଣ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଥିଲେ। ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ସୁଶାନ୍ତ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଦୁଇଟି ଛୋଟ ଛୁଆ ରହିଛନ୍ତି। ଏହି ଘଟଣା ପରେ ତାଙ୍କ ପରିବାର ଭାଙ୍ଗି ପଡିଛି।

## କାର୍ ଧକ୍କାରେ ପାର୍ସଲ ଭ୍ୟାନ୍ ଚାଳକଙ୍କ ମୃତ୍ୟୁ

ବଙ୍ଗୋମୁଣ୍ଡା,୨୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା-କଣ୍ଟାବାଞ୍ଜି ୪୨ ନଂ ରାଜ୍ୟ ରାଜପଥର ବଙ୍ଗୋମୁଣ୍ଡା ପାଟଖଣ୍ଡା ମନ୍ଦିର ନିକଟରେ ଦୁର୍ଘଟଣା ଘଟିଛି। ଏହି ଭୟାବହ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେଓଗାଁ ଥାନା ବେଲାରପାଲି ଗାଁର ପୂର୍ଣ୍ଣଚନ୍ଦ୍ର ନନ୍ଦ (୩୨)। ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ରାସ୍ତାରେ ଅଟକିଥିବା ଓଡ଼ି-୦୩ଏଇ ୧୪୫୯ ନମ୍ବର ବିଶିଷ୍ଟ ଏକ ପାର୍ସଲ ଭ୍ୟାନ୍‌କୁ ଏକ କାର୍ (ଓଡି -୦୩ସି୯୨୮୯) ପଛ ପଟୁ ଧକ୍କା ଦେଇଥିଲା। ଏହା ଫଳରେ ଭ୍ୟାନ୍ ଡ୍ରାଇଭର ପୂର୍ଣ୍ଣଚନ୍ଦ୍ରଙ୍କ ଗୋଡ କଟି ଯାଇଥିଲା। କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ଘଟିଥିଲା।

## ୯ ଦାଦନ ଶ୍ରମିକ ଉଦ୍ଧାର, ୨ ସର୍ଦ୍ଦାର ଗିରଫ




କଣ୍ଟାବାଞ୍ଜି,୨୩।୧୦(ସମିସ): କଣ୍ଟାବାଞ୍ଜି ପୁଲିସ ୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଗୁରୁବାର କଣ୍ଟାବାଞ୍ଜି ସହରର କଦଳୀପଡାଠାରେ ଏକ ବୋଲେରୋରେ କିଛି ଦାଦନ ଶ୍ରମିକ ରେଲଷ୍ଟେସନକୁ ଆସୁଥିବା ଖବର ପାଇ ପାଟ୍ରୋଲିଂ କରୁଥିବା ଏକ ପୁଲିସ ଟିମ୍ ଏମାନଙ୍କୁ କାବୁ କରିଥିଲା। ଏହି ଦାଦନ ଶ୍ରମିକମାନେ ମୁରିବାହାଲ ବ୍ଲକ୍ ଅଞ୍ଚଳର ବୋଲି ଜଣାପଡଛି। ଦାଦନ ଶ୍ରମିକମାନଙ୍କ ମଧ୍ୟରେ ୭ଜଣ ପୁରୁଷ ଓ ୨ଜଣ ମହିଳା ଶ୍ରମିକ ଅଛନ୍ତି। ସମସ୍ତଙ୍କ କାଗଜ ପତ୍ର ଯାଞ୍ଚ କରି ପୁଲିସ ନିଜ ନିଜ ଘରେ ଛାଡିବାର ବ୍ୟବସ୍ଥା କରିଛି। ଏମାନଙ୍କୁ ବେଆଇନ ଭାବେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପଠା ଯାଉଥିବା ଜଣାପଡିଥିଲା। ତେବେ ଏଥିରେ ସଂପୃକ୍ତ ଦାଦନ ସର୍ଦ୍ଦାର ଅନନ୍ତ ବାଗ ଓ ସହଯୋଗୀ ଶଙ୍କର୍ଷଣ ବିଶିକୁ ପୁଲିସ ଗିରଫ କରିଛି। ଏମାନେ ମଧ୍ୟ ମୁରିବାହାଲ ବ୍ଲକ୍ ଗୁଡିଘାଟ ଓ ଚଲକିର ବୋଲି ଜଣାପଡିଛି। ଦୁଇ ସର୍ଦ୍ଦାରଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଗୋପାଳ ଚନ୍ଦ କର୍ଣ୍ଣ କହିଛନ୍ତି।

## ବାସନ୍ତୀ ଅଗ୍ରୱାଲଙ୍କ ପରଲୋକ

କଣ୍ଟାବାଞ୍ଜି,୨୩।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ବିବେକାନନ୍ଦ ନଗର ନିବାସୀ ସତ୍ୟନାରାୟଣ ଅଗ୍ରୱାଲଙ୍କ ମା' ବାସନ୍ତୀ ଅଗ୍ରୱାଲଙ୍କ ବୁଧବାର ପରଲୋକ ଘଟିଛି। ପୂର୍ବରୁ ସେ ଧାମନଡଙ୍ଗାରେ ରହୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଅନେକ ଦିନ ହେଲା ସେ ହୃଦ୍‌ରୋଗ ଭଳି ଜଟିଳ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି।



ବଡ ପୁଅ ସତ୍ୟନାରାୟଣ ମୁଖାଗ୍ନି ଦେଇଥିଲେ। ସାନ ପୁଅ ସୁରେଶ ଅଗ୍ରୱାଲା, ଆଶିଷ ଅଗ୍ରୱାଲ, ନାତୁଣୀ ଆଇରା ଅଗ୍ରୱାଲଙ୍କ ସହ କଣ୍ଟାବାଞ୍ଜି ସହରର ଅନେକ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀ ଶେଷ ଦର୍ଶନ କରିଥିଲେ।

## ଦିବ୍ୟାଙ୍ଗ ସ୍କୁଲରେ ଶୌଚାଳୟ ଓ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ସଇଁତଳା,୨୩।୧୦(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଳା ବଡ଼ମାଳ ଗୋଳାବାରୁଦ କାରଖାନା ପକ୍ଷରୁ ସଇଁତଳାସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟ ପରିସରରେ ଏକ ଶୌଚାଳୟ ଓ ଶୀତଳ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି।

ଏହି ଅବସରରେ ଦୁଇ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ ଦାଶ, ମ୍ୟୁନିସନ ଇଣ୍ଡିଆ ଲିମିଟେଡ଼ର ମହିଳା କଲ୍ୟାଣ ସଂସ୍ଥାନ ବଳମାନ ଶାଖାର ଅଧକ୍ଷା ଇପସିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାରଖାନାର ବରିଷ୍ଠ ପ୍ରବନ୍ଧକ ହିମାଂଶୁ ତ୍ରିପାଠୀ ଏଥିରେ ସଂଯୋଜନା କରିଥିଲେ।

### ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

# ମଣିଷ ଜୀବନକୁ ସହଜ କରିଛି ବିଜ୍ଞାନ

ବଲାଙ୍ଗିର,୨୩।୧୦(ସମିସ)




ବଲାଙ୍ଗିର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଣିଷ ଜୀବନକୁ ବିଜ୍ଞାନ ସହଜ କରିଛି ବୋଲି ଏଥିରେ ମତ ପ୍ରକାଶ ପାଇଛି।

"ମାନବ ଜାତିର ହିତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ବିଷୟ ଉପରେ ଛାତ୍ରଛାତ୍ରୀ ନାଟକ ପରିବେଷଣ କରିଥିଲେ। ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ନାଟ୍ୟକାର ନୀଳାଞ୍ଚଳ ଚିର୍ଗୁନ ଓ ମିର୍ଦ୍ଧାପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ ନାୟକ ଯୋଗ ଦେଇଥିଲେ। ବିଜ୍ଞାନ ନିରୀକ୍ଷକ ନବଘନ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାର ଆଭିମୁଖ୍ୟ ଓ ପ୍ରତିଯୋଗିତାର ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାରେ ଅଏଁଲାଚୁଆଁ ହାଇସ୍କୁଲର ନାଟକ ପାଉଁଶରୁ ଫୁଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବୁଦେଲ ହାଇସ୍କୁଲର ନାଟକ କୃଷକର ସପନ ଚାଷରେ ପରିବର୍ତ୍ତନ ଦ୍ୱିତୀୟ ସ୍ଥାନ ଓ ଲୋଇସିଂହା ବ୍ଲକ ଝାରମୁଣ୍ଡା ଓଏଭିର ନାଟକ ସ୍ମାର୍ଟ ଏଗ୍ରୀକଲଚର ତୃତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଶ୍ରୀକୃଷ୍ଣ ପଟେଲ ଓ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ଶର୍ମିଷ୍ଠା ହୋତାଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଯୋଗଦେଇ। ଦୈନନ୍ଦିନ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ମଣିଷ ଜୀବନକୁ ସହଜ କରିବା ସହ ମାନବତାର ରକ୍ଷକ ଭାବେ ଠିଆ ହୋଇଛି। ବିଜ୍ଞାନର ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ଏଡିଇଓ ରୀନା କୁମାରୀ ବେହେରା, ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଜ୍ଞାନ ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜୟକୃଷ୍ଣ ନାଏକ ଧନ୍ୟବାଦ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ନାଟକ ଆସନ୍ତା ୨୫ତାରିଖରେ ବୌଦ୍ଧ ଟାଉନ ହଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ମଞ୍ଚସ୍ଥ ହେବ।

> ଅଏଁଲାଚୁଆଁ ହାଇସ୍କୁଲର 'ପାଉଁଶରୁ ଫୁଲ' ଶ୍ରେଷ୍ଠ ନାଟକ
>
> ବୁଦେଲ ହାଇସ୍କୁଲର 'କୃଷକର ସପନ ଚାଷରେ ପରିବର୍ତ୍ତନ' ଦ୍ୱିତୀୟ
>
> ଝାରମୁଣ୍ଡା ଓଏଭିର 'ସ୍ମାର୍ଟ ଏଗ୍ରୀକଲଚର ତୃତୀୟ ସ୍ଥାନ ଅଧିକାର କଲା
>
> ଶ୍ରେଷ୍ଠ ନିର୍ଦ୍ଦେଶକ ଶ୍ରୀକୃଷ୍ଣ ପଟେଲ, ଶ୍ରେଷ୍ଠ ସଂଳାପ ଲେଖକ ଶର୍ମିଷ୍ଠା ହୋତା

## ଅଜଣା ରୋଗରେ ଉଜୁଡ଼ିଗଲା ଧାନଚାଷ

ଟିଟିଲାଗଡ଼,୨୩।୧୦(ସମିସ): ପ୍ରକୃତିର ଦାଉ ଚାଷୀଙ୍କୁ କଲବଲ କରୁଛି। ଟିଟିଲାଗଡ ବ୍ଲକ ଅଦାବାହାଲ ପଞ୍ଚାୟତ ଚାଣ୍ଟିପଲା ଗ୍ରାମର ଚାଷୀ ପର୍ଶୁରାମ ବଗର୍ତ୍ତି ବର୍ତ୍ତମାନ ପ୍ରକୃତିର ତାଡ଼ନାରେ ପଡିଛନ୍ତି। ସେ ୨ ଏକର ଜମିରେ ଧାନଚାଷ କରିଥିଲେ; ହେଲେ ଅଜଣା ରୋଗରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଯେତେ ଔଷଧ ପ୍ରୟୋଗ କଲେ ମଧ୍ୟ କିଛି ଫଳ ମିଳିନାହିଁ। ପାଚିବା ଅବସ୍ଥାରେ ଥିବା ଧାନ ବର୍ତ୍ତମାନ ପାଳ ହୋଇପଡିଛି। ପ୍ରଥମଥର ଏଭଳି ରୋଗ ଧରିଥିବା ବେଳେ କ'ଣ ହୋଇଛି ସେ ଜାଣି ପାରୁନାହାନ୍ତି। ଗାଁରୁ ବ୍ଲକ୍ ସରକାର କୃଷି ଅଧିକାରୀ, କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି; ହେଲେ ଅଦ୍ୟାବଧି ତାଙ୍କ ଜମିରେ କୃଷି ଅଧିକାରୀ କି କର୍ମଚାରୀଙ୍କ ପାଦ ପଡିନାହିଁ। ଜମି ହଳଠାରୁ ଆରମ୍ଭ କରି ଧାନ ବିହନ କ୍ରୟ, ପହ୍ଲାରୁଆ, ସାର, ଔଷଧ ଆଦି ନେଇ ସେ ପ୍ରାୟ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ଧାନ ଅମଳ ହୋଇଥିଲେ ଅତିକମ୍‌ରେ ୩ ଲକ୍ଷ ଟଙ୍କା ଆୟ କରି ଉପକୃତ ହୋଇଥାନ୍ତେ ବୋଲି ପର୍ଶୁରାମ କହିଛନ୍ତି। ବିଭିନ୍ନ ସୂତ୍ରରୁ ଧାର୍ ଆଣି ସେ ଧାନ ଫସଲ କରିଥିଲେ। ଚଳିତ ବର୍ଷ ଭଲ ବର୍ଷା ଯୋଗୁଁ ଭଲ ଅମଳ ହେବ ବୋଲି ସେ ଅନେକ ଆଶା ବାନ୍ଧିଥିଲେ। ସବୁ କିନ୍ତୁ ଆଶାରେ ହିଁ ରହିଗଲା। ଅନ୍ୟପକ୍ଷରେ ଅଦାବାହାଲ ପଞ୍ଚାୟତ ଅଏଁଲାଭଟା ଗ୍ରାମର ହେମନ୍ତ ପୁଟେଲଙ୍କ ପ୍ରାୟ ୧ ଏକର ଜମିର ଧାନଚାଷ ମଧ୍ୟ ଅଜଣା ରୋଗରେ ନଷ୍ଟ ହୋଇଛି। ହେମନ୍ତ ମଧ୍ୟ ଫସଲ ରକ୍ଷା ପାଇଁ ପର୍ଶୁରାମଙ୍କ ପରି ଟିଟିଲାଗଡ ସହରର ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ କ୍ରୟ କରିଥିଲେ। ତେବେ ଟିଟିଲାଗଡ ଅଞ୍ଚଳରେ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନରେ ବର୍ଷ ବର୍ଷ ଧରି ଚଢ଼ା ଦରରେ ନକଲି ଧାନ ତଥା ଅନ୍ୟାନ୍ୟ ପନିପରିବା ବିହନ, ନକଲି ଔଷଧ ବିକ୍ରୟ ହେଉଥିବା ଅଭିଯୋଗ ହୋଇଆସୁଛି। ନକଲି ଔଷଧ ଯୋଗୁଁ ଚାଷୀଙ୍କ ଧାନରେ ରୋଗ ଭଲ ନ ହୋଇ ନଷ୍ଟ ହୋଇଆସୁଥିବା ଚାଷୀଙ୍କ କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିଥିବା ବିଜେପି ନେତା ସଞ୍ଜୟ ତ୍ରିପାଠୀ, ଅଦାବାହାଲ ସରପଞ୍ଚଙ୍କ ପ୍ରତିନିଧି ବେଦବର ନାଗ ଅଭିଯୋଗ କରିଛନ୍ତି। ଏନେଇ କୃଷି ଅଧିକାରୀ ତଦନ୍ତ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ପାଇଁ ଉଭୟ ନେତା ଦାବି କରିଛନ୍ତି।

■ ୧୧ତମ ଭୀମପାହାଡ ମହୋତ୍ସବର ଦ୍ୱିତୀୟ ଦିବସ

## ଐତିହ୍ୟ, କିଂବଦନ୍ତିର ଗବେଷଣା ଆବଶ୍ୟକ



ଦେଓଗାଁ,୨୩।୧୦(ସମିସ): ଭୀମପାହାଡ ପାଦଦେଶରେ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ଚାଲିଥିବା ୧୧ତମ ଭୀମପାହାଡ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ସମ୍ମାନୀତ ଅତିଥି ଭାବେ ସୋନପୁର ଏସ୍‌ପି ନାରାୟଣ ନାୟକ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ, ନିମନ୍ତ୍ରୀତ ଅତିଥିଭାବେ ସ୍ଥାନୀୟ ବିଡିଓ ପ୍ରିୟ ରଞ୍ଜନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଦେଓଗାଁ ବ୍ଲକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ପର୍ଯ୍ୟଟନସ୍ଥଳର ସର୍ବାଙ୍ଗିନ ବିକାଶ ଦିଗରେ ଦଳମତ ନିର୍ବିଶେଷରେ ଉଦ୍ୟମ କରିବା ଜରୁରୀ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଏହାସହିତ ଭୀମପାହାଡରେ ରହିଥିବା ଐତିହ୍ୟ, କିଂବଦନ୍ତି ଓ ଶିଳାଲିପିଗୁଡିକର ଆହୁରୀ ଗବେଷଣା କରାଗଲେ ଅନେକ ତଥ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମହଲାଇ ପଞ୍ଚାୟତ କଟାପାଲି ଗାଁର ସହିଦ ସୁଧୀର ତ୍ରିପାଠୀ ଓ ଯୁବ କଳାକାର ଭାବେ ବରକାନୀ ଗାଁର ସୁନୀଲ ମେହେରଙ୍କୁ ଭୀମପାହାଡ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଲକ୍ଷ୍ମଣ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବ କମିଟିର ସଭାପତି ପ୍ରମୋଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ମଧୁସୂଦନ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁଇଁନ୍ତଲାର ଘୁଙ୍ଗୁରୁ କଳାପରିଷଦ, ସୋନପୁରର ପଏଁରୀ ଓ ବଲାଙ୍ଗିରର କୋଶଳ ଫୋକ୍ ଏକାଡେମୀ ଦ୍ୱାରା ପାରମ୍ପାରିକ ଲୋକକଳା ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପ୍ରତ୍ୟହ ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ ଓ ସାଥିଙ୍କ ଦ୍ୱାରା କଂସ ଦରବାର ଚାଲିଛି। ଭୀମପାହାଡ ମହୋତ୍ସବ କମିଟି ସଭାପତି ପ୍ରମୋଦ ବହିଦାର, ଅଭିମନ୍ୟୁ ମାଝୀ, ଗୋବର୍ଦ୍ଧନ ସାହୁ, ନନ୍ଦିକିଶୋର ନାଏକ, ପୂର୍ବତନ ସରପଞ୍ଚ ବାଳକ ପଧାନ, ରୂପାଧର ପୁଟା, ଦୟାସାଗର ନାଏକ, ପିତାମ୍ବର ପଧାନ ପ୍ରମୁଖ ସହଯୋଗ କରୁଛନ୍ତି।

## ଅଏଲ୍ ପାମ୍ ଚାଷ ଉପରେ ତାଲିମ



ଦେଓଗାଁ,୨୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କୃଷି ପରାମର୍ଶ କେନ୍ଦ୍ର ସଭା କକ୍ଷରେ ଗୁରୁବାର ଜିଲ୍ଲା ଉଦ୍ୟାନ ବିଭାଗ ତରଫରୁ ଅଏଲ୍ ପାମ୍ ଚାଷ ଉପରେ ଚାଷୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉଦ୍ୟାନ ଅଧିକାରୀ ସୁଦେଶ ଚୌଧୁରୀ ଯୋଗ ଦେଇଥିଲେ।

ଅର୍ଥକାରୀ ଅଏଲ୍ ପାମ୍ ଚାଷ ଉପରେ ସେ ଚାଷୀଙ୍କୁ ଆଗ୍ରହ ପ୍ରକାଶ କରବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହ ଉଦ୍ୟାନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଦିଆଯାଉଥିବା ରିହାତିର ସୁଯୋଗନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଏଲ୍ ପାମ୍ କଞ୍ଚାମାଲ କ୍ରୟ କରିବା ପାଇଁ ଦାୟିତ୍ୱରେ ଥିବା କମ୍ପାନୀର ଜିଲ୍ଲା ମୁଖ୍ୟ ଶମ୍ଭୁ ସ୍ୱାଇଁ ଯୋଗଦେଇ ଅଏଲ୍ ପାମ୍ ଚାଷ ପ୍ରଣାଳୀ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ମାନୀତ ଭାବେ ଗୁଡଭେଲା ବ୍ଲକ ଉଦ୍ୟାନ ଅଧିକାରୀ ଗୀତିକ୍ରୀଷ୍ଣା ନାଏକ ଓ ବଲାଙ୍ଗିର ବ୍ଲକ ଉଦ୍ୟାନ ଅଧିକାରୀ ସୁଚିସ୍ମିତା ମେହେର ପ୍ରମୁଖ ଯୋଗଦେଇ ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ଅବଗତ କରିଥିଲେ। ଏଫଇଏସର ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ କୃଷି ଉପରେ ଅବଗତ କରିଥିଲେ। ଦେଓଗାଁ ବ୍ଲକ୍ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ ସଂଯୋଜନା କରିଥିଲେ। ଏଚ୍‌ଇଡବ୍ଲୁ ବିବେକ ମେହେର, ସୁଜିତ କୁଦେଇ ତଥା ଅନ୍ୟମାନେ ସହଯୋଗ କରିଥିଲେ।

## କରଣ ସମାଜର ଚିତ୍ରଗୁପ୍ତ ପୂଜା

ଟିଟିଲାଗଡ଼, ୨୩।୧୦(ସମିସ): ଟିଟିଲାଗଡ କରଣ ସମାଜ ପକ୍ଷରୁ ସହର ଉପକଣ୍ଠ ସତୀଘାଟ ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପ ପରିସରରେ ୧୮ତମ ବାର୍ଷିକ ଚିତ୍ରଗୁପ୍ତ ପୂଜା ତଥା ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ ପୌରାଧକ୍ଷା ମମତା ଜୈନ ମୁଖ୍ୟଅତିଥି ଓ ସଞ୍ଜିବ ଖମାରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜର ସଭାପତି ଦୟାସାଗର ପଟ୍ଟନାୟକ, ଉପସଭାପତି ସୁଭାଷ ବହିଦାର, ସାଧାରଣ ସମ୍ପାଦକ ସେବା ନିବୃତ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୋଷାଧକ୍ଷ ଶଙ୍କର୍ଷଣ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ମାଠିଆ ଭଙ୍ଗା, ମ୍ୟୁଜିକ ଚେୟାର, ବୟସ୍କଙ୍କ ମଧ୍ୟରେ ତାମ୍ବୁଲା ଆଦି ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମାଜର ଆଇନ ପରାମର୍ଶଦାତା ମହେଶ ମହାନ୍ତି, ପ୍ରଦୀପ ମହାନ୍ତି, କାର୍ଯ୍ୟନିର୍ବାହୀ ସଦସ୍ୟ ସିତାରାମ ପଟ୍ଟନାୟକ, ଚକ୍ରପାଣୀ ପଟ୍ଟନାୟକ, ଗୌରୀଶଙ୍କର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ମହାନ୍ତି, ସୌମେନ୍ଦ୍ର ପଟ୍ଟନାୟକ, ଦେବୁ ପଟ୍ଟନାୟକ, ଜିତେନ ପଟ୍ଟନାୟକ, ରମେଶ ପଟ୍ଟନାୟକ, ବାବୁ ପଟ୍ଟନାୟକ, ସେଫାଳି ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ନିରୋଜ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଗତ ଶିକ୍ଷା ବର୍ଷ ବ୍ଲକସ୍ତରରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଘନଶ୍ୟାମ ସାହୁ, ଯୁକ୍ତ ଦୁଇରେ ସର୍ବୋଚ୍ଚ ନମ୍ବ ରଖିଥିବା ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ତୃପ୍ତି ସାହୁ, ଯୁକ୍ତ ୩ରେ ସର୍ବୋଚ୍ଚ ମାର୍କ ରଖିଥିବା ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ସୁମନ୍ତ ବାଗଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




## କପିଳାଭଟାରେ ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଘାଟିତ



ବଙ୍ଗୋମୁଣ୍ଡା,୨୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ କପିଳାଭଟା ଗ୍ରାମରେ ୩ୟ ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଗିରିଗୋବର୍ଦ୍ଧନ ମହୋତ୍ସବ କମିଟି ଓ ମାଁ ସାହାଜି ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଭାପତି ମନ୍ମଥ ହଂସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କପିଳାଭଟା ପଞ୍ଚାୟତ ସରପଞ୍ଚ ତୁଳସେ ଭୋଇ, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜର ଅଧ୍ୟାପକ ଭବାନୀଶଙ୍କର ଭୋଇ, ସମ୍ମାନୀୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା କୃଷକ ସାଥି ସଂଘର ସଭାପତି ସୌଦାଗର ସାହୁ, ପରମେଶ୍ୱର ମହାନନ୍ଦ, ମାଁ ସାହାଜି ଯୁବକ ସଂଘର ସଭାପତି ଜିତାମିତ୍ର ବିଶି, ସ୍ୱେଚ୍ଛାସେବୀ ଧର୍ମେନ୍ଦ୍ର ଦାସ, ମାଁ ସାହାଜି ଯୁବକ ସଂଘର ପୂର୍ବତନ ସମ୍ପାଦକ ପରମାନନ୍ଦ ଛତ୍ରିଆ, ଆୟୋଜକ କମିଟିର ସମ୍ପାଦକ ବିଷ୍ଣୁପ୍ରସାଦ ଗହିର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଜ୍ଜୀବିତ କରିବା ସହ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦେବାର ଗିରିଗୋବର୍ଦ୍ଧନ ମହୋତ୍ସବ ଏକ ମଞ୍ଚ ପାଲଟିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆବାହକ ତଥା ସାମ୍ବାଦିକ ହୁଲେଶ୍ୱର ହଂସ ସଂଯୋଜନା କରିଥିଲେ। ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଯାଜପୁରର ଗୁରୁ ସନ୍ତୋଷ ସ୍ୱାଇଁ ଓ ସାଥିଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ସେହିପରି କେନ୍ଦ୍ରାପଡାର ଉଷାରାଣୀ ଗୀତିନାଟ୍ୟ ପରିଷଦ ଏବଂ ସଂଗୀତ ସଦନ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲେ।

## ୧୩ ବର୍ଷରେ କୋକଡୁଙ୍ଗୁରି ଗିରିଗୋବର୍ଦ୍ଧନ ପୂଜା

ମୁରିବାହାଲ,୨୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତର କୋକଡୁଙ୍ଗୁରୀରେ ପଞ୍ଚସଖା ସତସଙ୍ଗ କମିଟି ଆନୁକୂଲ୍ୟରେ ୧୩ତମ ଗିରିଗୋବର୍ଦ୍ଧନ ପୂଜା ଏବଂ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ସମ୍ମାନିତ ଅତିଥି ଭାବେ ନାରିନେତ୍ରୀ ନିରୂପମା ମାଝୀ, ହଂସରାଜ ଜୈନ, ଡଙ୍ଗରପଡ଼ା ସରପଞ୍ଚ ରାମଦାସ ମହାକୁର, ମୁଖ୍ୟବକ୍ତା ସୁରେଶ ଭୋଇ, ଶିକ୍ଷାବିତ ଡ. ନାରାୟଣ ମିଶ୍ର, ତେଜରାମ ବାଗ, ପ୍ରଦୀପ ଟାହାଣି, କଶ୍ୟପ ସରାଫ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ଲିମ୍ବବନ୍ଧ ପୋଖରୀରୁ କଳସ ଅଣାଯାଇ ସ୍ଥାପନ କରାଯାଇଥିଲା। ପୂଜା କର୍ତ୍ତା ଭାବେ ନରେନ୍ଦ୍ର ଜାନୀ, ଡାଣ ଜାନୀ ଏବଂ ପୂଜକ ଭାବେ ନାରାୟଣ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି। ପୂଜା ଆୟୋଜନ କମିଟି ସଭାପତି ବଳିୟାର ମାଝୀ, ଉପସଭାପତି ତେଜୁରାମ ବାଗ, ସମ୍ପାଦକ ମାଲିକ ମହାକୁର, ସହ ସମ୍ପାଦକ କପିଳାସ ଭୋଇ, କୋଷାଧକ୍ଷ ଶଙ୍କର ତାଣ୍ଡି, କାର୍ଯ୍ୟକର୍ତ୍ତା ଦିଗସନ ଭୋଇ, ରଥ ମାଝୀ, ରାଏଧର ମହାକୁର, ହୀରା ମାଝୀ ପ୍ରମୁଖ ଙ୍କ ସହ କମିଟି ସଦସ୍ୟ ସହଯୋଗ କରିଥିଲେ।



## ଜଗୁଆରେ ୧୬ତମ ବାର୍ଷିକ ଗିରିଗୋବର୍ଦ୍ଧନ ପୂଜା


ଟିଟିଲାଗଡ, ୨୩।୧୦(ସମିସ): ଟିଟିଲାଗଡ ବ୍ଲକ୍ ଜଗୁଆରେ ଯାଦବ ସମାଜ ପକ୍ଷରୁ ୧୬ତମ ବାର୍ଷିକ ଗିରିଗୋବର୍ଦ୍ଧନ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ମାନସ ରଞ୍ଜନ ପାଣି, କର୍ତ୍ତା ଭାବେ ଯୁଗେଶ୍ୱର ନାଗ ଏବଂ ତାଙ୍କ ପତ୍ନୀ ମୁକ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା ଯାଦବ ମହାସଂଘ ସଭାପତି ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ବରିଷ୍ଠ ଆଇନଜୀବୀ ତୁଳସୀ ସାହୁ, ପ୍ରଫୁଲ୍ଲ ବିଶି, ବିକାଶ ପାଣିଗ୍ରାହୀ, ଲଳିତମୋହନ ସାହୁ, ଧ୍ରୁବ ସାହୁ ପ୍ରମୁଖ ଗିରିଗୋବର୍ଦ୍ଧନଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଖରିଆର ଯାଦବ ସମାଜ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲେ। ପୂଜା କମିଟି ସଭାପତି ପିତାମ୍ବର ବାଗ, ଉପସଭାପତି ବାବୁଲାଲ ନାଗ ଓ ବିଦ୍ୟାଧର ଖର୍ସେଲ, ସମ୍ପାଦକ ଟଙ୍କଧର ଛତର, ଯୁଗ୍ମ ସମ୍ପାଦକ ଛତ୍ରପତି ଭିଶି, କୋଷାଧକ୍ଷ ଝସକେତନ ଆଡ଼ୟୁଆଡ, ସଦସ୍ୟ ହେମ ସାଗର ଖର୍ସେଲ, ଉପଖଣ୍ଡ ଯାଦବ ମହାସଭା ସାଧାରଣ ସମ୍ପାଦକ ପ୍ରଦୀପ ଖରସେଲ, ନିରାକାର ସୁନାନୀ, ପଙ୍କଜ ଘିବେଲା, ପୁରୁଷୋତ୍ତମ ଆଡ଼ୟୁଆଡ, ଆନନ୍ଦ ଆଡ଼ୟୁଆଡ, ଜଳେଶ୍ୱର ଆଡ଼ୟୁଆଡ, କଦମ ଠେଲା, ଶଙ୍କର ବାଗ, ତ୍ରିନାଥ ଠେଲା, ସାଧୁ ସୁନାନୀ, ଖଗେ ବିଶି, ଜିରା ନାଗ ପ୍ରମୁଖ ଆୟୋଜନରେ ସହାୟତା କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଖପ୍ରାଖୋଲ,୨୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପଦ୍ମ କୁମାର ସିଂ ବରିହା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ରୁଦ୍ରଦେବ ଷଡ଼ଙ୍ଗୀ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନିକେତନ ବରିହା, ସ୍ଥାନୀୟ ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ୧୪ଟି ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ଅୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକସ୍ତରର ପ୍ରତିଯୋଗୀଙ୍କୁ ନେଇ ଚିତ୍ରାଙ୍କନ, ଶ୍ରୁତ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ, ନୃତ୍ୟ ଓ ସଂଗୀତ ପ୍ରମୁଖ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନମିତା ମଣ୍ଡଳ, ଖୁସିରାମ ସାହୁ, ଶ୍ରୀପତି କୁମ୍ଭାର, ଚୂଡ଼ାମଣି ବରିହା, ଶାନ୍ତନୁ ମିଶ୍ର, ସୁବାଷ ଚନ୍ଦ୍ର ନାଗ, ଦୀନବନ୍ଧୁ ବାଗ, ମିତ୍ରଭାନୁ ପଧାନ, ଟୁନୁ ଶବର, ଉପେନ୍ଦ୍ର ସୁନା, ଚକ୍ରଧର ଭୋଇ, ସତ୍ୟବ୍ରତ ବେହେରା, ସୁନୀଲ ମହାନନ୍ଦ, ଗୋକୁଳାନନ୍ଦ ମେହେର, ବିଘ୍ନରାଜ ପଧାନ, ସୁଶାନ୍ତ ଦାଶ, ଜଗନ୍ନାଥ ପାଣ୍ଡେ, ସନାତନ ବାରିକ ପ୍ରମୁଖ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଣ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇ ଥିଲେ।

# ସମ୍ପାଦକୀୟ



ମୋ ସଫଳତାର ରହସ୍ୟ ହେଲା ଜୀବନରେ ସମ୍ମୁଖୀନ ହୋଇଥିବା ସମସ୍ତ ବିପର୍ଯ୍ୟୟକୁ ସୁଯୋଗରେ ପରିଣତ କରିବାକୁ ଚେଷ୍ଟା କରିଛି ।
-ଜନ୍ ଡି ରକ୍‌ଫେଲର

ସକାଳ
THE SAKALA

## ଜଗିବ କିଏ?

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପ୍ରକ୍ରିୟାକୃତ ଉଦ୍ଭଟ, ଅତିରଞ୍ଜିତ ଓ ନକଲି ଦୃଶ୍ୟଶ୍ରାବ୍ୟର ପ୍ରଚାର/ପ୍ରସାରକୁ ନିୟନ୍ତ୍ରଣ ଓ ନିରୁତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ପ୍ରଚଳିତ ସୂଚନା ପ୍ରଯୁକ୍ତି ବିଦ୍ୟା(ଅନ୍ତରୀଣ ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ମିଡିଆ ନୀତି ସଂହିତା) ନିୟମ - ୨୦୨୧ରେ କେତେକ ସମୟୋପଯୋଗୀ ସଂଶୋଧନ ଆଣିବାକୁ ଯାଉଛନ୍ତି । ସରକାର ଜାରି କରିଥିବା ଚିଠା ଅଧିନିୟମ ଅନୁଯାୟୀ ଏଣିକି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ ହେଉଥିବା ଦୃଶ୍ୟଶ୍ରାବ୍ୟ(ଭିଡିଓ/ଅଡିଓ), ଚିତ୍ର(ଫଟୋ)ଗୁଡ଼ିକ 'ଏଆଇ ପ୍ରକ୍ରିୟାକୃତ କି ନୁହେଁ' ତାହା ବ୍ୟବହାରକାରୀମାନେ ଏକ ଘୋଷଣାନାମା ଜରିଆରେ ନିଶ୍ଚିତ କରିବେ । ଉକ୍ତ ଭିଡିଓ/ଫଟୋ ଏଆଇ ପ୍ରକ୍ରିୟାକୃତ ହୋଇଥିଲେ ସେଥିରେ ଏକ ପ୍ରତୀକ ବା ଲେବଲ୍ ରହିବା ବାଧ୍ୟତାମୂଳକ, ଯାହା ଉକ୍ତ ଅପ୍‌ଲୋଡ୍ ବିବରଣୀର ଅତିକମ୍‌ରେ ୧୦% ସ୍ଥାନରେ ଦୃଶ୍ୟମାନ ହେଉଥିବ ।

ଅଧୁନା ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏଭଳି ବିଭ୍ରାନ୍ତିକର ମିଛ(ଡିପ୍‌ଫେକ୍) ଭିଡିଓ/ଫଟୋ/ବାର୍ତ୍ତାଗୁଡ଼ିକ ଜାତି-ଧର୍ମ-ବର୍ଣ୍ଣ-ଦଳ-ବୟସ-ବର୍ଗ-ଲିଙ୍ଗ ନିର୍ବିଶେଷରେ ଉତ୍କଟ ପାରିବାରିକ-ସାମାଜିକ-ରାଜନୈତିକ-ଅର୍ଥନୈତିକ ସମସ୍ୟା ସୃଷ୍ଟି କରୁଛି ଏବଂ ଦେଶର ପ୍ରତିରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ବିପଦ ଡାକି ଆଣୁଛି । ତେଣୁ ଏହାର ପ୍ରତିକାର ପାଇଁ ସବୁମହଲରୁ ଦାବି ହୋଇଆସୁଛି । ଚୀନ୍ ସମେତ କେତେକ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ଏ ଦିଗରେ ପୂର୍ବରୁ ପଦକ୍ଷେପ ନେଇସାରିଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ ଭାରତ ସରକାରାଙ୍କ ପଦକ୍ଷେପ ନିଶ୍ଚୟ ସ୍ୱାଗତଯୋଗ୍ୟ । ସାମାଜିକ ଗଣମାଧ୍ୟମର ଅପବ୍ୟବହାର, ଦୁରୁପଯୋଗର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିଛନ୍ତି ଏବଂ ନିୟମିତ ବ୍ୟବଧାନରେ ସେଥିରେ ଆବଶ୍ୟକ ସଂଶୋଧନ କରୁଛନ୍ତି । କିନ୍ତୁ କାର୍ଯ୍ୟାନ୍ୱୟନରେ ଶିଥିଳତା ଓ ପ୍ରୟୋଗାତ୍ମକ ବିଫଳତା କାରଣରୁ ଗଳାବାଟର ଫାଇଦା ଉଠାଇ ଡିପ୍‌ଫେକ୍ ପ୍ରଭାବ ବିସ୍ତାର କରିଚାଲିଛି । ତେଣୁ ନୂଆ ପ୍ରୟାସକୁ ଚୂଡ଼ାନ୍ତ ରୂପରେଖ ଦେବା ପୂର୍ବରୁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି ।

ଚିଠା ସଂଶୋଧନ ନିୟମର ଉପଲବ୍ଧ ବିବରଣୀ ଆଧାରରେ ଆମର ମତ ହେଉଛି, କ୍ରମବର୍ଦ୍ଧିଷ୍ଣୁ ବୈଷୟିକ ଜ୍ଞାନକୌଶଳ ଆଧାରିତ ଅପରାଧ ଦୃଷ୍ଟିରୁ ଏତିକି କଟକଣା ଯଥେଷ୍ଟ ନୁହେଁ । ଏବେ ଭାରତର ପ୍ରାୟ ୯୦କୋଟି ଲୋକଙ୍କ ହାତରେ ଇଣ୍ଟରନେଟ୍ ଯୁକ୍ତ ସ୍ମାର୍ଟଫୋନ୍ ରହିଛି । ଯିଏ ଯେତେବେଳେ ଯାହା ଇଚ୍ଛା କଲା ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଦେଉଛି ଏବଂ ନିମିଷକେ ତାହା ସାରା ବିଶ୍ୱରେ ବ୍ୟାପିଯାଉଛି । ଏହାଛଡ଼ା ଭାରତ ବିରୋଧୀ ବିଦେଶୀ ତତ୍ତ୍ୱଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ସେମାନଙ୍କଠାରୁ 'ଏଆଇ ପ୍ରକ୍ରିୟାକୃତ' ସ୍ୱୀକାରୋକ୍ତି ଓ ସାଧୁତା ଆଶା କରିବା ବୃଥା । ଯଦି ସେମାନେ ସ୍ୱୀକାରୋକ୍ତି ନ କରନ୍ତି ଏବଂ ଉଦ୍ଦିଷ୍ଟ ଲେବଲ୍ ସଂଯୋଗ ନ କରନ୍ତି କିମ୍ବା ଏଆଇ ପ୍ରକ୍ରିୟାକୃତ ହୋଇ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ଘୋଷଣାନାମା ପ୍ରକାଶ ନ କରନ୍ତି ସେଥିପାଇଁ ଉତ୍ତରଦାୟୀ ହେବ କିଏ? ଇତିମଧ୍ୟରେ ବିଶ୍ୱସ୍ତରରେ ମେଟା ଏଭଳି କେତେକ ସଂସ୍ଥା କଟକଣା ଜାରି କରିଥିଲେ ମଧ୍ୟ ଡିପ୍‌ଫେକ୍‌ର ସଂଖ୍ୟାରେ ଆଶାନୁରୂପ ହ୍ରାସ ଘଟିନାହିଁ । ଅପରପକ୍ଷରେ ଏଭଳି ଡିପ୍‌ଫେକ୍ ଭିଡିଓ/ଅଡିଓ ଫଟୋ ଯୋଗୁଁ ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଆୟ ବହୁଗୁଣରେ ବଢ଼ିବାରେ ଲାଗିଛି । ତେଣୁ ନିଜକୁ ନିଜେ ନିୟନ୍ତ୍ରଣ କରି ବା ଆତ୍ମସଂଯମ ହୋଇ ସେମାନେ ଅର୍ଥାଗମର ବାଟକୁ ଯେ କାଣ୍ଟଛାଣ୍ଟ କରିବେ ସେ ବିଶ୍ୱାସ ଆସୁନାହିଁ ।

ନିୟମକୁ ପ୍ରଭାବଶାଳୀ କରିବାକୁ ହେଲେ ତୃତୀୟ ପକ୍ଷକୁ ଉତ୍ତରଦାୟୀ କଲା ଭଳି ଏକ ସର୍ତ୍ତ ରହିବା ଆବଶ୍ୟକ । ପ୍ରତିମୁହୂର୍ତ୍ତରେ ବିଶ୍ୱସ୍ତରରେ ଲକ୍ଷ ଲକ୍ଷ ସଂଖ୍ୟାରେ ଭିଡିଓ ଫଟୋ ଅପ୍‌ଲୋଡ୍ ହେଉଛି, ଯାହାର ତତ୍କାଳ ତନଖି ସମ୍ଭବ ନୁହେଁ । ତେଣୁ କଣ୍ଟାକୁ କଣ୍ଟାରେ କାଢ଼ିବା ନିୟମ ଭଳି ଏଆଇ ପ୍ରକ୍ରିୟାକୃତ ଭିଡିଓ/ଅଡିଓ/ଫଟୋକୁ ଅପ୍‌ଲୋଡ୍‌ମାତ୍ରେ ଚିହ୍ନଟ କରିବା ପାଇଁ ଏଆଇକୁ ହିଁ ଉପଯୋଗ କରିବାକୁ ପଡ଼ିବ । ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଯେଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗକୁ ନିଶ୍ଚିତ କରନ୍ତି ତାହା ସଂଶୋଧିତ ଚିଠା ନିୟମରେ ଉଲ୍ଲେଖ ରହିବା ଆବଶ୍ୟକ ।

## ତତ୍ପରତା ଓ ଶିଥିଳତା

ଆମ ବ୍ୟବସ୍ଥାର ଏକ ଗତାନୁଗତିକ ଧାରା ହେଉଛି କିଛି ଏକ ଅଘଟଣ ଘଟିଯିବା ପରେ ତତ୍ପରତା ପ୍ରକାଶ ପାଇବା ଏବଂ ସମୟ ସହିତ ସେହି ତତ୍ପରତା ଶିଥିଳ ପଡ଼ିଯିବା । ଯୋଜନାର ସଫଳ ରୂପାୟନରେ ଆନ୍ତରିକତା ଓ ତତ୍ପରତା ଯଦି ରହୁଥା'ନ୍ତା ତେବେ ଆମ ରାଜ୍ୟ ରାଜଧାନୀର ବ୍ୟବସାୟ ପେଣ୍ଠ ୟୁନିଟ୍ ୧ ହାଟରେ ବାରମ୍ବାର ଅଗ୍ନିକାଣ୍ଡ ଘଟି ଧନ ହାନି ଘଟୁନଥା'ନ୍ତା କି ଜୀବନ ପ୍ରତି ଭୟ ସଞ୍ଚାର ହେଉ ନଥା'ନ୍ତା । ଗତ ବୁଧବାର ଦିନଦିପହରେ ରାଜଧାନୀର ଏହି ସର୍ବପୁରାତନ ଓ ସର୍ବବୃହତ୍ ହାଟରେ ପୁଣି ଥରେ ଅଗ୍ନିକାଣ୍ଡ ଘଟି କୋଟିକୋଟି ଟଙ୍କାର ପଣ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି ।

ଅଗ୍ନିକାଣ୍ଡର କାରଣ ଯାହା ବି ହେଉନା କାହିଁକି ରାଜଧାନୀର ଛାତି ଉପରେ ଏଭଳି ଅଗ୍ନିକାଣ୍ଡ ବାରମ୍ବାର ଘଟୁଥିଲେ ମଧ୍ୟ ନା ପ୍ରଶାସନ ନା ବ୍ୟବସାୟୀ କାହାର ଚେତା ପଶୁନି । ଅଗ୍ନିକାଣ୍ଡରେ ବ୍ୟବସାୟିକ କ୍ଷୟକ୍ଷତିକୁ ହୁଏତ ବୀମା କମ୍ପାନୀ ଭରଣା କରିଦେବ । କିନ୍ତୁ ଏଭଳି ଘଟଣା ଯଦି କୌଣସି ପାର୍ବଣ ଭିଡ଼ରେ ରାତିରେ ଘଟିଥା'ନ୍ତା ଦଳଚକଟାରେ ଅନେକ ଜୀବନହାନିର ଆଶଙ୍କାକୁ ଏଡ଼ାଇ ଦେଇ ହୁଅନ୍ତା ନାହିଁ । ୧ ନମ୍ବର ହାଟର ମୁଖ୍ୟ ସମସ୍ୟା ହେଉଛି ଅଣଓସାରିଆ ଗଳିରେ ପାଖକୁ ପାଖ ଓ ସାମ୍ନାସାମ୍ନି ଦୋକାନଘର ଖୁନ୍ଦି ହୋଇ ରହିଛି । ତେଣୁ କୌଣସି ଅଘଟଣ ଘଟିଲେ ତତ୍କାଳ ମୁକୁଳିବା ସମ୍ଭବ ନୁହେଁ । ଏହି ସମସ୍ୟା ଅଘଟଣ ପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସେ, ତନାଘନା ହୁଏ, ଯୋଜନା ଓ ସମନ୍ୱିତ ଦୋକାନ ଘର ନିର୍ମାଣ ପାଇଁ ଘୋଷଣା ହୁଏ । ଦିନ କେଇଟା ପରେ ତାହା ପୁଣି ଶୀତଳଭଣ୍ଡାରକୁ ଚାଲିଯାଏ । ଏହାଛଡ଼ା ରାଜଧାନୀର ସର୍ବାଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ନିୟମିତ ଅଗ୍ନିକାଣ୍ଡ ଘଟୁଥିଲେ ମଧ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିମ୍ବା ନିକଟରେ ଦମ୍‌କଳ କେନ୍ଦ୍ରର ଆବଶ୍ୟକତା କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ଉପଲବ୍ଧି କରିପାରିନାହାନ୍ତି ।

ଦିନକୁ ଦିନ ରାଜଧାନୀର ଖୋଲା ସ୍ଥାନ ସଂକୁଚିତ ହେବାରେ ଲାଗିଛି । ଅପରପକ୍ଷରେ ଯାନବାହନ ଓ ଲୋକସଂଖ୍ୟା ବଢ଼ୁଛି । ୧ ନମ୍ବର ହାଟରେ କେବଳ ରାଜଧାନୀ ବାସିନ୍ଦା ନୁହନ୍ତି, ରାଜ୍ୟବାସୀଙ୍କ କିଣାବିକା ଓ ଯାତାୟତ ଲାଗି ରହିଛି । ଯାହା କିଛି ଅଘଟଣ ଘଟୁଛି ସେଥିପାଇଁ ନିର୍ଦ୍ଦିଷ୍ଟ ଭାବେ କାହାକୁ ଦାୟୀ କରାଯାଇପାରିବ ନାହିଁ । ତେଣୁ ଦୋଷ ଲଦାଲଦିରୁ ନିବୃତ୍ତ ରହି ସହଯୋଗ ଓ ସମନ୍ୱୟ ଜରିଆରେ ଏ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହେବା ଆବଶ୍ୟକ ।

# ଓଡ଼ିଶାରେ ଶୀତଳଭଣ୍ଡାର: ସମସ୍ୟା ଓ ସମ୍ଭାବନା

ବିଦ୍ୟାଧର ମହାରଣା

ଆମେ ଖାଉଥିବା ଶସ୍ୟଜାତୀୟ ଖାଦ୍ୟ, ଡାଲି ଓ ତେଲ ଭଣ୍ଡାର ଘରେ ବହୁଦିନ ସାଇତି ରଖିପାରୁଥିଲେ ମଧ୍ୟ ଫଳ, ଆଳୁ, ପିଆଜ, ପନିପରିବା, କ୍ଷୀର, ଅଣ୍ଡା ଇତ୍ୟାଦି ପଚନଶୀଳ ଦ୍ରବ୍ୟ ଉପଯୁକ୍ତ ସାଇତା ଅଭାବରେ ଶୀଘ୍ର ପଚିସଢ଼ି ଯାଏ ଏବଂ ଖାଦ୍ୟ ଉପଯୋଗୀ ହୋଇନଥାଏ । କାରଣ ସାଧାରଣ ତାପମାତ୍ରାରେ ଶ୍ୱସନ କ୍ରିୟା ଚାଲୁଥାଏ ଏବଂ ବୀଜାଣୁ ଓ କବକ ପରି ଅଣୁଜୀବ ଏହିଖାଦ୍ୟଗୁଡ଼ିକୁ ଶୀଘ୍ର ନଷ୍ଟ କରି ଦିଅନ୍ତି । ଶୀତଳୀକରଣ ମାଧ୍ୟମରେ ନିମ୍ନ ତାପମାତ୍ରା ଓ ଆବଶ୍ୟକ ଆପେକ୍ଷିକ ଆର୍ଦ୍ରତା ସୃଷ୍ଟି କରାଗଲେ ଅଣୁଜୀବଗୁଡ଼ିକ ନିଷ୍କ୍ରିୟ ହୋଇ ଖାଦ୍ୟ ଅପଚୟ କରିବାରେ ସକ୍ଷମ ହେବେ ନାହିଁ । ଇ-କୋଲି ଓ ସାଲମୋନେଲା ପରି ଖାଦ୍ୟ ବିନିଷ୍ଟକାରୀ ବୀଜାଣୁ ନିମ୍ନ ତାପମାତ୍ରାରେ କୌଣସି କ୍ଷତିସାଧନ କରିପାରିବେ ନାହିଁ । ଫଳରେ ଆମେ ଅଧିକ ଦିନ ଧରି ପଚନଶୀଳ ଖାଦ୍ୟ ପଦାର୍ଥ ତଟକା ଭାବରେ ବ୍ୟବହାର କରିପାରିବା କିମ୍ବା ଦୂର ଜାଗାକୁ ପରିବହନ କରିପାରିବା । ଏହା ହିଁ ଶୀତଳୀକରଣ ବା ଶୀତଳଭଣ୍ଡାରର ମୌଳିକ ଉଦ୍ଦେଶ୍ୟ । ଶୀତଳଭଣ୍ଡାର ଅଭାବରେ ଖାଦ୍ୟ ନିରାପତ୍ତାରେ କିଭଳି ସମସ୍ୟା ସୃଷ୍ଟି ହୁଏ ତାହା ଏବେ ଆଲୋଚନା କରିବା ।

ଓଡ଼ିଶା ସରକାର ରାଜ୍ୟରେ ଆଳୁ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ୨୦୧୫ ମସିହାରେ 'ଆଳୁ ମିଶନ୍' କାର୍ଯ୍ୟକାରୀ କରିଥିଲେ । ବସ୍ତୁତଃ ଏହି ମିଶନ ବିଫଳ ହୋଇଛି କହିଲେ ଭୁଲ ହେବନି । ରାଜ୍ୟରେ ବାର୍ଷିକ ଆଳୁ ଚାହିଦା ୧୪ ଲକ୍ଷ ଟନ୍ ଥିବା ବେଳେ ବର୍ତ୍ତମାନ ଉତ୍ପାଦନ ହେଉଛି ପ୍ରାୟ ୫ ଲକ୍ଷ ଟନ୍ । ଏବେ ଆମ ରାଜ୍ୟ ଆଳୁ ସମେତ ପିଆଜ, ମାଛ, ପନିପରିବା ଓ ଫଳ କ୍ଷେତ୍ରରେ ମଧ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକ ଉପରେ ନିର୍ଭରଶୀଳ । ଏହାର ମୁଖ୍ୟକାରଣ ହେଉଛି ଶୀତଳଭଣ୍ଡାର ଓ ଶୀତଳ ପରିବହନ ବ୍ୟବସ୍ଥାର ଘୋର ଅଭାବ । ଶୀତଳଭଣ୍ଡାରରେ ଆଳୁ, ଫଳ, ପନିପରିବା, ମାଛ ଇତ୍ୟାଦି ପଚନଶୀଳ ଦ୍ରବ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସାଇତି ରଖାଯାଏ ଏବଂ ଶୀତଳଭଣ୍ଡାରଠାରୁ ଉପଭୋକ୍ତାଙ୍କ ନିକଟସ୍ଥ ଖୁଚୁରା ବିକ୍ରୟ କେନ୍ଦ୍ର ପର୍ଯ୍ୟନ୍ତ ଶୀତଳୀକୃତ ପରିବହନ ବ୍ୟବସ୍ଥାରେ ଏହି ସମାଗ୍ରୀ ଯୋଗାଣ କରାଯାଏ ।

ଆମ ଦେଶରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଓ ପଞ୍ଜାବରେ ସର୍ବାଧିକ(ଦେଶର ୬୦%) ଶୀତଳଭଣ୍ଡାର ରହିଛି । ଉପରୋକ୍ତ ଚାରି ରାଜ୍ୟରେ ଯଥାକ୍ରମେ ୧୫, ୬.୪, ୩.୯ ଓ ୨.୬ ନିୟୁତ ଟନ୍ ଆଳୁ ପ୍ରାୟ ୩୮୬୭ ଶୀତଳଭଣ୍ଡାରରେ ସାଇତି ରଖିବା କ୍ଷମତା ରହିଛି । ଏହାପରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ତେଲଙ୍ଗାନା ଅଧିକ ସଂଖ୍ୟାରେ ଶୀତଳଭଣ୍ଡାର ସ୍ଥାପନ କରିଛନ୍ତି । ୨୦୨୫ ରିପୋର୍ଟ ଅନୁଯାୟୀ ଓଡ଼ିଶାର ୧୩୩ ଶୀତଳଭଣ୍ଡାର ମଧ୍ୟରୁ ୯୭ ଅଚଳାବସ୍ଥାରେ ଅଛି ଏବଂ ୩୬ ଗୋଟି କାର୍ଯ୍ୟକ୍ଷମ, ଯାହାର ସର୍ବାଧିକ ଭଣ୍ଡାରଣ କ୍ଷମତା ମାତ୍ର ୧, ୭୨, ୧୮୦ ଟନ୍ । ଏଥିମଧ୍ୟରୁ ଘରୋଇ ଶୀତଳଭଣ୍ଡାର ୩୪ ଓ ସମବାୟସଂସ୍ଥାର ମାତ୍ର ଦୁଇଟି । ଆମ ରାଜ୍ୟର ୧୩ ଜିଲ୍ଲାରେ ଆଦୌ ଶୀତଳଭଣ୍ଡାର ନାହିଁ । ଏତଦବ୍ୟତୀତ ଘରୋଇ ଉଦ୍ୟମରେ ଆଳୁ ଛଡ଼ା ଅନ୍ୟାନ୍ୟ ପଚନଶୀଳ ଦ୍ରବ୍ୟ ସଂରକ୍ଷଣ ପାଇଁ ଅଳ୍ପକେତୋଟି ଶୀତଳଭଣ୍ଡାର କାର୍ଯ୍ୟ କରୁଛି । ଆମର ପଡ଼ୋଶୀ ପଶ୍ଚିମବଙ୍ଗରେ ୫୧୭ ଶୀତଳଭଣ୍ଡାର ଥିବା ବେଳେ ଓଡ଼ିଶାରେ ୩୬ କାର୍ଯ୍ୟକ୍ଷମ ଥିବା କି ସନ୍ଦେଶ ଦେଉଛି? ସୁତରାଂ ଶୀତଳୀକରଣ ବ୍ୟବସ୍ଥା ଓଡ଼ିଶାରେ ନୈରାଶ୍ୟଜନକ ବୋଲି ଧରିନେବାକୁ ହେବ । ଏହାର ପରିଣାମ ସ୍ୱରୂପ ଆମ ରାଜ୍ୟ ପନିପରିବା, ଆଳୁ, ଅଣ୍ଡା, ମାଛ ଓ ଫଳ ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଇତ୍ୟାଦି ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ ।

ଓଡ଼ିଶାରେ ଶୀତଳଭଣ୍ଡାର ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କଲା ବେଳେ ପ୍ରଥମରେ ଆଲୋଚନା କରିବା ଗୋଟିଏ ଶୀତଳଭଣ୍ଡାର ପାଇଁ କେଉଁସବୁ ଭିତ୍ତିଭୂମିର ଆବଶ୍ୟକତା ଅଛି । ଶୀତଳଭଣ୍ଡାରର ତାପମାତ୍ରା ଓ ଆପେକ୍ଷିକ ଆର୍ଦ୍ରତା ବିଭିନ୍ନ ଦ୍ରବ୍ୟ ଅନୁସାରେ ଭିନ୍ନ ହୋଇଥାଏ । ବିଭିନ୍ନ ସତେଜ ପନିପରିବା, ଦୁଗ୍ଧ ଜାତ ଦ୍ରବ୍ୟ ଓ ଫାର୍ମାସ୍ୟୁଟିକାଲ ପାଇଁ ୨ ରୁ ୮ ଡିଗ୍ରୀ ସେଲସିୟସ୍ ତାପ ଆବଶ୍ୟକ । ମାଛ ଓ ମାଂସ ସଂରକ୍ଷଣ ପାଇଁ ବିଯୁକ୍ତ ୧ ରୁ ୧ ଡିଗ୍ରୀ ସେଲସିୟସ ତାପ ଆବଶ୍ୟକ । ଏତଦ୍‌ବ୍ୟତୀତ ଅନୁକୂଳ ଆପେକ୍ଷିକ ଆର୍ଦ୍ରତା, ଉତ୍ତମ ବାୟୁ ଚଳାଚଳ ଏବଂ କୋଠାରିଗୁଡ଼ିକର କାନ୍ଥ, ସିଲିଂ ଓ ଚଟାଣ ତାପରୋଧୀ ବା କୁପରିବାହୀ ହେବା ଆବଶ୍ୟକ । କୋଠରିକୁ ଯେପରି ବାହାରୁ ଗରମ ବାୟୁ ପ୍ରବେଶ ନକରେ ସେଥିପାଇଁ କବାଟ ଫାଙ୍କରେ ଗାସ୍କେଟ୍ ଦିଆଯାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅବିରତ ବିଦ୍ୟୁତ ଯୋଗାଣ ଓ ଜେନେରେଟର ସ୍ଥାପନା । ଶୀତଳଭଣ୍ଡାର ନିୟମିତ ପରିଦର୍ଶନ ଓ ମରାମତି ନିହାତି ଆବଶ୍ୟକ । ଶୀତଳଭଣ୍ଡାର ଉପଯୁକ୍ତ ସ୍ଥାନରେ ନିର୍ମିତ ହେବା ସହିତ ଦକ୍ଷପୂର୍ଣ୍ଣ ଶକ୍ତି ବିନିଯୋଗ ଶୀତଳଭଣ୍ଡାର ଅର୍ଥନୀତିକୁ ପ୍ରଭାବିତ କରେ । କେବଳ ବିଲାତି ଆଳୁ ରଖିବାକୁ ଶୀତଳଭଣ୍ଡାର ନିର୍ମାଣ କଲେ ଏହା ବର୍ଷରେ ମାତ୍ର ତିନିମାସ କାର୍ଯ୍ୟକ୍ଷମ ରହେ । ଫଳରେ ଏହା ଲାଭଦାୟକ ହୁଏ ନାହିଁ ।

ଆଜିକାଲି ବିଭିନ୍ନ ମଡେଲର ଶୀତଳଭଣ୍ଡାର ବାହାରିଲାଣି । ଶୀତଳୀକରଣ କ୍ଷୁଦ୍ର କୋଠରି(ୱାକ୍ ଇନ୍ ୟୁନିଟ୍) ମାତ୍ର ୬୪ ବର୍ଗଫୁଟ କୋଠାରି ବିଶିଷ୍ଟ ଏବଂ ଏଥିରେ ତାପମାତ୍ରା ୦ ରୁ ୧୦ ଡିଗ୍ରୀ ସେଲସିୟସ କିମ୍ବା ବିଯୁକ୍ତ ୧୮ ରୁ ବିଯୁକ୍ତ ୨୫ ଡିଗ୍ରୀ ସେଲସିୟସ ହୋଇପାରେ । ଏଗୁଡ଼ିକ ରେଷ୍ଟୁରାଣ୍ଟ, ଫୁଲ ବ୍ୟବସାୟୀଙ୍କ ପାଇଁ ଉପଯୁକ୍ତ । ମଡ୍ୟୁଲାର ଶୀତଳ କୋଠାରି ୫୧୨ ଘନ ଫୁଟ ଆୟତନରୁ ୫୦,୦୦୦ ବର୍ଗ ଫୁଟ ଆକାର ବିଶିଷ୍ଟ ହୋଇପାରେ । ଏଥିରେ ତାପମାତ୍ରା ବିଯୁକ୍ତ ୫୦ ରୁ ୧୫ ଡିଗ୍ରୀ ସେଲସିୟସ ରଖାଯାଇପାରେ । ଶୀତଳୀକୃତ କଣ୍ଟେନର ବା ରିଫର ଭ୍ୟାନ ଫଳ, ପନିପରିବା ଇତ୍ୟାଦି ଦୂର ସ୍ଥାନକୁ ପରିବହନ ପାଇଁ ବ୍ୟବହାର କରାଯାଏ । ଏଥିରେ ୧୦, ୨୦ କିମ୍ବା ୪୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ କୋଠାରି ଟ୍ରକ୍ ଉପରେ ରଖାଯାଏ ।

ବହୁମୁଖୀ ଶୀତଳଭଣ୍ଡାରଗୁଡ଼ିକ ଆଜିକାଲି ବେଶୀ ଜନପ୍ରିୟ । କାରଣ ଏହାର ଆକାର ବଡ଼ ଓ ଏଥିରେ ବିଭିନ୍ନ ଦ୍ରବ୍ୟ ଅଲଗା କୋଠରିରେ ସ୍ୱତନ୍ତ୍ର ପରିବେଶରେ ସାଇତି ରଖାଯାଏ । ଏପରି ଶୀତଳଭଣ୍ଡାରରେ କେବଳ ଗୋଟିଏ ଉତ୍ପାଦ ନରଖି ବିଭିନ୍ନ ଫଳ, ପନିପରିବା, ଦୁଗ୍ଧ ଜାତ ପଦାର୍ଥ ମାଂସ ଓ ଔଷଧ ଇତ୍ୟାଦି ବିଭିନ୍ନ କୋଠାରିରେ ବିଭିନ୍ନ ତାପମାତ୍ରାରେ ବର୍ଷସାରା ସାଇତି ରଖାଯାଏ । ବିଭିନ୍ନ ଉତ୍ପାଦ ପାଇଁ ଆବଶ୍ୟକ ତାପମାତ୍ରା ଓ ଆପେକ୍ଷିକ ଆର୍ଦ୍ରତା ବିଭିନ୍ନ କୋଠାରିରେ ନିୟନ୍ତ୍ରିତ କରାଯିବା ଫଳରେ ଶୀତଳଭଣ୍ଡାର ବର୍ଷସାରା କାର୍ଯ୍ୟକ୍ଷମ ରହେ । ଏହି ଶୀତଳଭଣ୍ଡାରରେ ୫୦୦୦ ଟନ୍ କିମ୍ବା ଅଧିକ ଦ୍ରବ୍ୟ ସାଇତି ରଖାଯାଇପାରେ । ଯାନ୍ତ୍ରିକ ଉପାୟରେ ଲୋଡିଂ ଓ ଅନଲୋଡିଂ କାର୍ଯ୍ୟ କରାଯାଇ ପାରେ ।

ମଧ୍ୟପ୍ରଦେଶର ଇନ୍ଦୋର ସହରରେ ବିଭିନ୍ନ କମ୍ପାନୀ ଏପରି ଶୀତଳଭଣ୍ଡାର ସ୍ଥାପନ ପାଇଁ କାର୍ଯ୍ୟ କରୁଛନ୍ତି । ଯେଉଁ ଅଞ୍ଚଳରେ କୃଷକ ଉତ୍ପାଦନ ଗୋଷ୍ଠୀ ଏବଂ କୃଷକ ଉତ୍ପାଦନ ସଂଗଠନ କାର୍ଯ୍ୟ କରୁଛନ୍ତି, ସେହି ଅଞ୍ଚଳ ପାଇଁ ବହୁମୁଖୀ ଶୀତଳଭଣ୍ଡାର ଅତ୍ୟନ୍ତ ଉପାଦେୟ । ଏପରି ଶୀତଳଭଣ୍ଡାର ପ୍ରଥମେ ରାଜସ୍ଥାନର ପାଲି ଅଞ୍ଚଳରେ ଆରମ୍ଭ ହୋଇଥିଲା । ଏଥିରେ ପନିପରିବା, ଫଳ, କ୍ଷୀର, ଅଣ୍ଡା ପରି ପଚନଶୀଳ କୃଷି ଉତ୍ପାଦ ସାଇତି ରଖାଯାଏ । ବିଶେଷ ଭାବରେ ସ୍ଥାନୀୟ ଅଞ୍ଚଳର ଆମ୍ବ, ତରଭୁଜ, ପନିପରିବା ଓ ଦୁଗ୍ଧଜାତ ଦ୍ରବ୍ୟ ଏହି ଶୀତଳଭଣ୍ଡାରରେ ରଖାଯାଏ । ବିଭିନ୍ନ ଦ୍ରବ୍ୟ ପାଇଁ ବିଭିନ୍ନ ଉତ୍ତାପରେ ଅଲଗା କୋଠାରିରେ ଦ୍ରବ୍ୟଗୁଡ଼ିକ ସାଇତି ରଖାଯାଏ । ଏହାଦ୍ୱାରା ଦ୍ରବ୍ୟଗୁଡ଼ିକର ଗୁଣବତ୍ତା ଅକ୍ଷୁଣ୍ଣ ରହେ ଏବଂ କୃଷକମାନେ ଉପଯୁକ୍ତ ମୂଲ୍ୟ ପାଆନ୍ତି । ଓଡ଼ିଶାରେ ଶୀତଳଭଣ୍ଡାରଗୁଡ଼ିକର ବାସ୍ତବ ସମସ୍ୟା ଓ ଏହାର ପ୍ରତିକାର ମାର୍ଗ ବିଷୟରେ ଆଲୋଚନା ଦ୍ୱିତୀୟ ଭାଗରେ କରାଯିବ ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୮୪୩୭୦୭୧୧୯୦

# ଯୁବଶକ୍ତି ବିଶୃଙ୍ଖଳ କାହିଁକି?

ପ୍ରଦୀପ୍ତ ଆଚାର୍ଯ୍ୟ




ମନୁଷ୍ୟ ଜୀବନର ଚାରିଗୋଟି ଅବସ୍ଥା ମଧ୍ୟରୁ ଯୁବାବସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ଅବସ୍ଥାରେ ଶକ୍ତି, ଶୌର୍ଯ୍ୟ, ଉଦ୍ଦାମତା, ନିଃସ୍ୱାର୍ଥପରତା, ସେବା, ନିଜକୁ ବିଜ୍ଞାପିତ କରିବାର ଆକାଂକ୍ଷା, ଦୁଃସାହସିକ ପଦକ୍ଷେପ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ । ଆଜି ଆମେ ଯେଉଁମାନଙ୍କୁ ମହାମାନବ ଦୃଷ୍ଟିରେ ଅବଲୋକନ କରୁଛେ, ଯେଉଁମାନେ ଆମର ଆଦର୍ଶ, ଯେଉଁମାନଙ୍କ କାର୍ଯ୍ୟଧାରା ଆମ୍ଭମାନଙ୍କୁ ଚମତ୍କୃତ ଓ ବିସ୍ମିତ କରିଛି, ସେମାନେ ଯୁବାବସ୍ଥାରେ ହିଁ ସେମାନଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ । ସର୍ବଶେଷ ସର୍ବେକ୍ଷଣ ଅନୁସାରେ ଆମ ମୋଟ ଜନସଂଖ୍ୟାର ୨୭ ପ୍ରତିଶତ ଯୁବଗୋଷ୍ଠୀ, ଯେଉଁମାନଙ୍କର ଜାତୀୟ ଆୟରେ ୩୪ ପ୍ରତିଶତ ଅବଦାନ ରହିଛି । ଯୁବଶକ୍ତି ଦେଶର ରାଷ୍ଟ୍ରୀୟ ସମ୍ପଦ । ଗୋଟିଏ ରାଷ୍ଟ୍ର ବା ସମାଜର ବିନାଶ କିମ୍ବା ବିକାଶ ନିର୍ଭର କରେ ଯୁବଶକ୍ତି ଉପରେ ।

ଆଜି କିନ୍ତୁ ଦୃଶ୍ୟପଟ୍ଟ ବଦଳିଯାଇଛି । ଯୁବକମାନଙ୍କ ମଧ୍ୟରେ ଶିଥିଳତା, ଆତ୍ମକୈନ୍ଦ୍ରିକତା, ବିଶୃଙ୍ଖଳା ସର୍ବୋପରି ହିଂସ୍ରତାର ମାତ୍ରା ବୃଦ୍ଧି ପାଇଚାଲିଛି । ନିଶାରାକ୍ଷସ କବଳରେ ଯୁବସମାଜ ଆଜି ପଥଭ୍ରଷ୍ଟ, ହୀନବୀର୍ଯ୍ୟ, ଶକ୍ତିହୀନ ଓ ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ । ତେବେ କ'ଣ ପାଇଁ ସେମାନଙ୍କର ଏ ଅଧୋପତନ? ଏଥିପାଇଁ ଦାୟୀ କିଏ? ଏହିସବୁ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଯେଉଁକେତେକ କାରଣ ସାମ୍ନାକୁ ଆସେ ସେଗୁଡ଼ିକ ମଧ୍ୟରୁ ପ୍ରଥମ ଓ ପ୍ରଧାନ ହେଉଛି ବେକାରୀ ସମସ୍ୟା । ଏହାଛଡ଼ା ପ୍ରଚଳିତ ଶିକ୍ଷା ପଦ୍ଧତି, ଯୁବାବସ୍ଥାରେ ଉପଭୋଗ ନିମନ୍ତେ ଅର୍ଥ ରୋଜଗାରର ଅକ୍ଷମତା, ସହଜ ଉପଲବ୍ଧ ନିଶାଦ୍ରବ୍ୟ, ମୋବାଇଲରେ ନଗ୍ନ ତଥା ଅଶ୍ଳୀଳ ଦୃଶ୍ୟ, ଟିଭି ପରଦାରେ ପ୍ରଦର୍ଶିତ ରାହାଜାନୀ, ଛିନତାଇ ପ୍ରଭୃତି ହିଂସାତ୍ମକ ଦୃଶ୍ୟ, ସଂରକ୍ଷଣ ବ୍ୟବସ୍ଥା, ପ୍ରିୟାପ୍ରୀତି ତୋଷଣ, ପରିବାର ସଦସ୍ୟଙ୍କ ହେୟଜ୍ଞାନ ଓ କଟୁକ୍ତି ଯୁବସମାଜର ମାନସିକତା ଉପରେ ଅତ୍ୟନ୍ତ ନକାରାତ୍ମକ ପ୍ରଭାବ ପକାଉଛି । ପରମ୍ପରା ଓ ଆଧୁନିକତା ମଧ୍ୟରେ ସୃଷ୍ଟ ସଙ୍ଘର୍ଷ ଯୋଗୁଁ ବରିଷ୍ଠମାନେ ଯୁବଗୋଷ୍ଠୀଙ୍କୁ ଅପରିପକ୍ୱ ଓ ଅନଭିଜ୍ଞ ବୋଲି ମନେ କରିବା ବେଳେ ଯୁବଗୋଷ୍ଠୀ ବରିଷ୍ଠମାନଙ୍କ ପ୍ରତି ବେଖାତିର ମନୋଭାବ ଓ ଅବଜ୍ଞା ପ୍ରଦର୍ଶନ କରୁଛନ୍ତି । ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ରୋଜଗାର କ୍ଷମ ହୋଇ ନପାରିବାରୁ ଉପଯୁକ୍ତ ପାତ୍ରରେ ବିବାହ ସମ୍ପନ୍ନ ନହୋଇ ପାରିବା, ଆଜିକାଲି ସମାଜରେ ବହୁଳ ଭାବରେ ଦୃଷ୍ଟିଗୋଚର, ଯାହାକି ଯୁବକ/ଯୁବତୀମାନଙ୍କର ନୈରାଶ୍ୟ ବୃଦ୍ଧିର କାରଣ ।

ଏହି ସମସ୍ୟାର ସମାଧାନ ପାଇଁ ସର୍ବପ୍ରଥମେ ଯୁବକମାନଙ୍କୁ ରୋଜଗାରକ୍ଷମ କରାଇବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ଥରେ ରୋଜଗାର କରିବାର ମାର୍ଗ ପାଇଗଲେ ସେମାନେ ଆଉ ଅସାମାଜିକ କାର୍ଯ୍ୟକଳାପରେ ନିଜକୁ ସାମିଲ କରିବେ ନାହିଁ । ଏହା ନିଜର, ନିଜ ପରିବାରର, ରାଜ୍ୟର ଓ ଦେଶର ପ୍ରଗତି ପଥରେ ସହାୟକ ହେବ । ଦ୍ରୁତଗତିରେ ବର୍ଦ୍ଧିତ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ ନକଲେ ବେକାରୀ ସମସ୍ୟାର ସମାଧାନ କେବଳ ସ୍ୱପ୍ନରେ ହିଁ ସୀମିତ ରହିଯିବ । ଶିକ୍ଷା ସମାପ୍ତି ପରେ ଯୁବବର୍ଗ କେବଳ ଚାକିରିର ପଶ୍ଚାତ୍‌ଧାବନ ନକରି କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେଥିନିମନ୍ତେ ଗୁଣାତ୍ମକ, ଆକର୍ଷଣୀୟ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରିବା ସହିତ ଯେଉଁମାନେ କୃଷି, ପଶୁପାଳନ, ବ୍ୟବସାୟ ବା ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନଙ୍କୁ ବିନା ସୁଧରେ ଋଣ ଓ ବୈଷୟିକ ସହାୟତା ପ୍ରଦାନ କରି ପ୍ରୋତ୍ସାହିତ କରିବା ଆବଶ୍ୟକ । ଯୁବକମାନଙ୍କୁ ଶୃଙ୍ଖଳିତ କରି ଦେଶକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ନିଶାଦ୍ରବ୍ୟର ସହଜଲଭ୍ୟତା ଏବଂ ମୋବାଇଲରେ ପ୍ରଦର୍ଶିତ ଅଶ୍ଳୀଳ ୱେବ୍‌ସାଇଟ ଉପରେ ନିୟନ୍ତ୍ରଣ ନିହାତି ଜରୁରୀ । ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ କରି ଅର୍ଥନୈତିକ ସଂରକ୍ଷଣର ପ୍ରଚଳନ ଏବଂ ନିୟୋଜନ କ୍ଷେତ୍ରରେ ସ୍ୱଚ୍ଛତା ଅନେକାଂଶରେ ଯୁବକମାନଙ୍କର ନୈରାଶ୍ୟ ଦୂରୀକରଣରେ ସହାୟକ ହୋଇପାରିବ । ବରିଷ୍ଠମାନେ ଯୁବକମାନଙ୍କ ପ୍ରତି କଟୁକ୍ତି ପ୍ରୟୋଗପୂର୍ବକ ନିରୁତ୍ସାହିତ ନ କରି ସେମାନଙ୍କୁ ଶ୍ରଦ୍ଧା ତଥା ଆନ୍ତରିକତାର ସହିତ ସତ୍‌ମାର୍ଗରେ ପରିଚାଳିତ ହେବା ପାଇଁ ସର୍ବଦା ଉତ୍ସାହିତ କରିବାର ପ୍ରୟାସ ଜାରି ରଖିବା ଦରକାର । ନିଜର କାର୍ଯ୍ୟସିଦ୍ଧି ନିମନ୍ତେ ଦୁର୍ନୀତିଗ୍ରସ୍ତ ରାଜନୈତିକ ବ୍ୟକ୍ତିମାନେ ଯୁବକମାନଙ୍କୁ ଅସତ୍ କାର୍ଯ୍ୟରେ ଅସ୍ତ୍ର ରୂପେ ବ୍ୟବାହାର କରନ୍ତି । କିନ୍ତୁ କୌଣସି କାରଣରୁ ସେମାନେ ଧରା ପଡ଼ିଗଲେ ନିଜର ସମ୍ମାନ ହାନି ଭୟରେ ସାହାଯ୍ୟ କରନ୍ତି ନାହିଁ । ଏଥିପ୍ରତି ଯୁବଶକ୍ତି ଯଥେଷ୍ଟ ସତର୍କ ରହିବା ଆବଶ୍ୟକ । ଆଜିର ଦୁନିଆରେ ନୈତିକତାର ଦ୍ରୁତ ହ୍ରାସ ଯୋଗୁଁ ଆମେମାନେ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛେ । ତେଣୁ ଯୁବକମାନଙ୍କୁ ଶୃଙ୍ଖଳିତ କରି ସତ୍‌ମାର୍ଗରେ ପରିଚାଳିତ କରିବା ପାଇଁ ବିଦ୍ୟାଳୟସ୍ତରରୁ ନୈତିକଶିକ୍ଷା ବାଧ୍ୟତାମୂଳକ କରିବା ଉଚିତ୍ ।

ଦେଶର ଭବିଷ୍ୟତ ଯୁବକମାନଙ୍କ ହାତରେ । ସେମାନେ ଚାହିଁଲେ ଦେଶରୁ ଅନେକ ସମସ୍ୟା ଯଥା- ଦୁର୍ନୀତି, ଭ୍ରଷ୍ଟାଚାର, ଅଶିକ୍ଷା, ଆଞ୍ଚଳିକବାଦ, ଜାତିଆଣବାଦ, ସାଂପ୍ରଦାୟିକତା, ଯୌତୁକ ପ୍ରଥା ଇତ୍ୟାଦି ଦୂର କରାଯାଇପାରିବ । ତେଣୁ ଆସନ୍ତୁ ଆମେ ସମସ୍ତେ ସ୍ନେହ ଆନ୍ତରିକତା ପ୍ରଦର୍ଶନ ଏବଂ ସତ୍‌ଉପଦେଶ ପ୍ରଦାନ ପୂର୍ବକ ଯୁବଶକ୍ତିର ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ଦେଶପ୍ରେମରେ ବ୍ରତୀ କରାଇ ଏ ପତନୋନ୍ମୁଖୀ ସମାଜକୁ ଏକ ଆସନ୍ନ ବିପଦରୁ ରକ୍ଷା କରିବା ।

ଈଶାଣୀବ୍ରହ୍ମପୁର(କଟକ), ମୋ: ୬୩୭୧୫୯୩୨୨୦

# ବକାସୁର ମନ୍ଦିର

ଓଜସ୍ୱିନୀ

ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ସମ୍ପର୍କିତ ପୌରାଣିକ କଥାବସ୍ତୁଗୁଡ଼ିକରେ ବକାସୁର କଂସଙ୍କ ଦ୍ୱାରା ପ୍ରେରିତ ଜଣେ ଅସୁର ଭାବେ ବର୍ଣ୍ଣିତ, ଯାହାକୁ ଶ୍ରୀକୃଷ୍ଣ ବଧ କରିଥିଲେ । କିନ୍ତୁ ମହାଭାରତର କେତେକ ଆଖ୍ୟାନରେ ବନବାସ ସମୟରେ ଭୀମ ବକାସୁରକୁ ବଧ କରିଥିଲେ ବୋଲି ଶୁଣିବାକୁ ମିଳିଥାଏ । ପୌରାଣିକ ଆଖ୍ୟାନିକା ଅନୁସାରେ ବକାସୁର ଜଣେ ପ୍ରଜାବତ୍ସଳ ରାଜା ଥିଲେ ଏବଂ ତାଙ୍କର ରାଜ୍ୟ ସୁଖସମୃଦ୍ଧିରେ ଭରପୂର ଥିଲା; କିନ୍ତୁ ସେ ଅନ୍ୟ ରାଜ୍ୟର ଲୋକମାନଙ୍କୁ ବଧ କରୁଥିଲେ । ତଥାପି ଭାରତର ଅନେକ ସ୍ଥାନରେ ବକାସୁରଙ୍କୁ ସମର୍ପିତ ମନ୍ଦିର ଅଛି ।

ପୁରାଣ କଥା ଅନୁଯାୟୀ ବକାସୁର ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲ୍ଲାର ଦକ୍ଷିଣରେ ଅବସ୍ଥିତ ଦ୍ୱୈତବନରେ ରହୁଥିଲେ । ଏହି ସ୍ଥାନ ବର୍ତ୍ତମାନ ଚକ୍ରନଗରୀର ଚକବଡ଼ ଭାବେ ପରିଚିତ । ଦ୍ୱୈତବନ ଅନ୍ତର୍ଗତ ତିନୋଟି ସ୍ଥାନରେ ବକାସୁରରର ଆଧିପତ୍ୟ ଥିଲା, ଚକ୍ରନଗରୀ, ବକାଗଡ଼ (ବର୍ତ୍ତମାନ ବକାଜଲାଲପୁର) ଓ ଡିହନଗର । ଏହା ପ୍ରତାପଗଡ଼ର ଦକ୍ଷିଣ ଓ ଆହ୍ଲାବାଦର ଉତ୍ତର ଭାଗରେ ବକୁଲାହୀ ନଦୀତଟସ୍ଥ ଅଞ୍ଚଳ । ବର୍ତ୍ତମାନ ଏହା ଉଚ୍ଛଡିହ ଧାମ ଭାବେ ଖ୍ୟାତ ଏବଂ ଜନଶ୍ରୁତି ଅନୁସାରେ ଏହି ସ୍ଥାନରେ ଭୀମ ବକାସୁରକୁ ବଧ କରିଥିଲେ । ତେଣୁ ଉତ୍ତର ପ୍ରଦେଶର

### ବିଚିତ୍ର ବିଶ୍ୱାସ

ପ୍ରତାପଗଡ଼ସ୍ଥିତ ବକାସୁରଙ୍କ ସମ୍ପର୍କିତ ଗୋଟିଏ ମନ୍ଦିର ଅଛି । ବଳଶାଳୀ ଭୀମ ବକାସୁରର ଭୟ ହରଣ କରିବା ସହିତ ଶିବଲିଙ୍ଗ ସ୍ଥାପନା କରିଥିବାରୁ ଉକ୍ତ ସେଠାରେ ଶିବ 'ଭୟହରଣନାଥ' ଭାବେ ପୂଜା ପାଉଛନ୍ତି ଏବଂ ଉକ୍ତ ଶୈବପୀଠକୁ 'ଭୟହରଣନାଥ ଧାମ' କୁହାଯାଉଛି ।

ସେହିପରି ଛତିଶଗଡ଼ର ସୂରଜପୁର ଜିଲ୍ଲା ସ୍ଥିତ ଖୋପା ଗ୍ରାମ ପଞ୍ଚାୟତରେ ଥିବା ରେଣ ନଦୀ କୂଳରେ ଖୋପାଦେବ ମନ୍ଦିରରେ ବକାସୁରଙ୍କ ସହିତ ଛୁରିପାଟ ନାମକ ଜଣେ ଦାନବ ଦେବ, ଖୋପା ଦାଇ ରାଣୀ ଓ ନାଗାବେଗା ଦେବତା ପୂଜା ପାଉଛନ୍ତି । ଏଠାରେ କୌଣସି ମନ୍ଦିର ନାହିଁ । ବକାସୁରଙ୍କ ସହିତ ଅନ୍ୟ ଦେବଦେବୀଙ୍କ ପଥର ନିର୍ମିତ ମୂର୍ତ୍ତି ମୁକ୍ତାକାଶ ତଳେ ପୂଜା ପାଇଥା'ନ୍ତି । ସ୍ଥାନୀୟ ଲୋକଙ୍କ ବ୍ୟତୀତ ଦୂରଦୂରାନ୍ତରୁ ଭକ୍ତମାନେ ଏବଂ ଉଚ୍ଚ ପଦପଦବୀରେ ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ବିଶ୍ୱାସର ସହିତ ଏଠାକୁ ଆସିଥା'ନ୍ତି । କାରଣ ଏଠାରେ କରାଯାଇଥିବା ମନସ୍କାମନା ବର୍ଷେ ଭିତରେ ପୂରଣ ହୋଇଯାଏ ବୋଲି ଅନେକ ପ୍ରମାଣ ରହିଛି । ଶ୍ରଦ୍ଧାଳୁମାନେ ମାନସିକ କରି ନିକଟସ୍ଥ ବୃକ୍ଷରେ ନଡ଼ିଆ ଓ ଚୁନ୍‌ରୀ ବାନ୍ଧିଥା'ନ୍ତି । ମାନସିକ ପୂରଣ ହେବା ପରେ ଲୋକମାନେ ତାହାକୁ ବୃକ୍ଷରୁ ବାହାର କରନ୍ତି ଏବଂ କୁକୁଡ଼ା, ଛେଳି ଆଦି ବଳି ଦେବା ସହ ସୁରା ଅର୍ପଣ କରିଥା'ନ୍ତି । କିନ୍ତୁ ଖୋପା ଦାଇ ରାଣୀଙ୍କ ନିକଟରେ ନଡ଼ିଆ ଭୋଗ କରାଯାଏ । ଏଠାରେ ବେଗା ସମ୍ପ୍ରଦାୟର ଲୋକମାନେ ବଂଶ ପରମ୍ପରା କ୍ରମେ ବକାସୁରଙ୍କୁ ପୂଜା କରିଆସୁଛନ୍ତି ।

ସ୍ଥାନୀୟ ଜନଶ୍ରୁତି ଅନୁଯାୟୀ ହଜାରହଜାର ବର୍ଷ ପୂର୍ବରୁ ରେଣ ନଦୀର ଗଭୀର ଜଳରାଶିରେ ବକାସୁର ବାସ କରୁଥିଲେ, ଯିଏକି ଗ୍ରାମବାସୀଙ୍କ ରକ୍ଷକ ଥିଲେ । ବେଗା ସମ୍ପ୍ରଦାୟର ଜଣେ ବ୍ୟକ୍ତି ପ୍ରତ୍ୟହ ନଦୀ ଭିତରେ ବୁଡ଼ି ତାଙ୍କର ପୂଜାର୍ଚ୍ଚନା କରୁଥିଲେ । ଏକଦା ଗ୍ରାମବାସୀଙ୍କ ଆକୁଳ ପ୍ରାର୍ଥନା ଓ ବେଗାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଦେବତା ନଦୀତଟରେ ଆବିର୍ଭୂତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଅସୁର ଦେବ ବକାସୁର ଭାବେ ପୂଜାର୍ଚ୍ଚନା କରିଥିଲେ । କିନ୍ତୁ ସେ କୌଣସି ମନ୍ଦିର ଭିତରେ ଆବଦ୍ଧ ହୋଇ ରହିବେ ନାହିଁ ଏବଂ କେବଳ ବେଗା ସମ୍ପ୍ରଦାୟର ଲୋକମାନେ ତାଙ୍କର ପୂଜା କରିବେ ବୋଲି ସ୍ୱପ୍ନାଦେଶ ହୋଇଥିଲା । ତେଣୁ ସେବେଠାରୁ ଆଜିପର୍ଯ୍ୟନ୍ତ ବକାସୁରଙ୍କ କୌଣସି ମନ୍ଦିର ନିର୍ମାଣ ହୋଇପାରିନାହିଁ ଏବଂ ବେଗା ସମ୍ପ୍ରଦାୟର ଲୋକମାନେ ହିଁ ସେଠାରେ ପୂଜାରୀ ଭାବେ ଅଛନ୍ତି ।

ଅନ୍ୟ ଏକ ଲୋକକଥା ଅନୁସାରେ ଜଣେ ମହିଳା ଯାଦୁଗର ଯାଦୁବିଦ୍ୟା ଦ୍ୱାରା ପ୍ରବଳପ୍ରତାପୀ ବକାସୁରକୁ ନିଜ ଖୋପା ବା ଜୁଡ଼ାରେ ବାନ୍ଧି ରଖିଦେଇଥିଲେ । ବକାସୁରଠାରୁ ଲୋକମାନଙ୍କ ପ୍ରାଣ ବଞ୍ଚାଇଥିବାରୁ ଲୋକମାନେ ତାଙ୍କୁ ସେବେଠାରୁ ଖୋପାଦେବୀ ଭାବେ ପୂଜା କରି ଆସୁଛନ୍ତି । ପରମ୍ପରା ଅନୁସାରେ ପୂର୍ବରୁ ମହିଳାମାନେ ଏହି ସ୍ଥାନକୁ ଯିବା ପାଇଁ ଅନୁମତି ନଥିଲା । କିନ୍ତୁ ଏବେ ମହିଳାମାନଙ୍କ ପ୍ରବେଶ ଥିଲେ ମଧ୍ୟ ନିକଟରେ ମହିଳାଙ୍କ ପାଇଁ ଏକ ଭିନ୍ନ କୁଣ୍ଡ ରହିଛି, ଯେଉଁଠି ସେମାନେ ବେଗାଙ୍କ ଦ୍ୱାରା ପୂଜାର୍ଚ୍ଚନା କରିପାରିବେ । କିନ୍ତୁ ବକାସୁରଙ୍କ ଭୋଗ ମହିଳାମାନେ ଗ୍ରହଣ କରିପାରିବେ ନାହିଁ । ବକାସୁର ଓ ଅନ୍ୟ ଅସୁରଦେବଦେବୀଙ୍କ ନିକଟରେ ଅର୍ପଣ ହେଉଥିବା ଆମିଷଭୋଗକୁ ଲୋକମାନେ ଘରକୁ ନେଇ ରାନ୍ଧି ପାରିବେ ନାହିଁ । ଆମିଷକୁ କୌଣସି ଖୋଲା ସ୍ଥାନରେ ରାନ୍ଧି ପ୍ରସାଦ ଭାବେ କେବଳ ପୁରୁଷମାନେ ଗ୍ରହଣ କରିପାରିବେ ବୋଲି ପରମ୍ପରା ରହିଛି ।

ଏହାବ୍ୟତୀତ ତେଲେଙ୍ଗାନାର ୱାରାଙ୍ଗଲ୍ ଜିଲ୍ଲା ଅନ୍ତର୍ଗତ ନେନପାକା ନାମକ ଗାଁରେ ବକାସୁରଙ୍କ ଏକ ମନ୍ଦିର ରହିଛି । ଏହି ମନ୍ଦିରରେ ଗୋଲାପୀ ରଙ୍ଗର ଏକ ବିଶାଳ ଶିଳାଖଣ୍ଡ ଅଛି, ଯାହା ଉପରେ ୪ଟି ମୂର୍ତ୍ତି ସ୍ଥାପନା କରାଯାଇଛି । ଏହି ଚାରୋଟି ମୂର୍ତ୍ତି ହେଉଛି - ଯୋଗ ନରସିଂହ, କାଳୀୟମର୍ଦ୍ଦନ କୃଷ୍ଣ, ବଳରାମ ଓ ରାମ, ସୀତା, ଲକ୍ଷ୍ମଣ । ଏହି ବିଶାଳ ଶିଳାଖଣ୍ଡକୁ ବକାସୁର ଭାବେ ପୂଜାର୍ଚ୍ଚନା କରାଯାଉଛି । ଲୋକକଥା ଅନୁସାରେ ଏକଦା ଏଠାରେ ବକାସୁରଙ୍କ ରାଜୁତି ଥିଲା ଏବଂ ସେ ଜଣେ ପ୍ରଜାବତ୍ସଳ ରାଜା ଥିଲେ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଲୋକମାନେ ବକାସୁରଙ୍କ ଉଦ୍ଦେଶ୍ୟରେ ଏହି ମନ୍ଦିର ନିର୍ମାଣ କରିଛନ୍ତି, ଯାହାକି ବର୍ତ୍ତମାନ ଜୀର୍ଣ୍ଣ ଅବସ୍ଥାରେ ଅଛି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଭୋଟ୍ ଚୋରି ପ୍ରକ୍ରିୟାରୁ ନୂଆପଡ଼ା ବାଦ୍ ନୁହେଁ: କଂଗ୍ରେସ

ନୂଆପଡ଼ା/ଭୁବନେଶ୍ୱର, ୨୩।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଚୂଡ଼ାନ୍ତ ଭୋଟର୍ ତାଲିକାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ଗୁରୁବାର ନୂଆପଡ଼ାର ଖୁଣ୍ଟିଆ ଭବନଠାରେ ପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ କହିଲେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭୋଟ ଚୋରିର ପର୍ଦ୍ଦାଫାସ ସାରା ଭାରତରେ ଲୋକଙ୍କୁ ଜାଗ୍ରତ କରିଛି। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡୁଛି। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ବିପୁଳ ବିଜୟ ହେଉଥିବା ଜାଣି ବିଜେପି ଭୟଭୀତ ହୋଇପଡ଼ିଛି। ସରକାର କଂଗ୍ରେସକୁ ହରାଇବା ପାଇଁ ସମସ୍ତ ପ୍ରକାରର କୌଶଳକୁ ଆପଣେଇଛନ୍ତି। ଭୋଟରଙ୍କୁ ନେଇ ଏକ ବିରାଟ ବ୍ୟତିକ୍ରମର ପ୍ରମାଣ ହସ୍ତଗତ ହୋଇଛି। ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ସଂଶୋଧିତ ତଥା ଚୂଡ଼ାନ୍ତ ଭୋଟର୍ ତାଲିକାରେ ୫ ହଜାର ନୂଆ ଭୋଟରଙ୍କୁ ଯୋଡ଼ିଛନ୍ତି। କଂଗ୍ରେସର ପ୍ରଶ୍ନ, ଏହି ୫ ହଜାର ମତଦାତା କୁଆଡ଼ୁ ଆସିଲେ? ଏମାନେ ବାହାରୁ ଆମଦାନୀ ଭୋଟର୍ ନୁହଁନ୍ତି ତ?



କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଡ. ହମିଦ ହୁସେନ କହିଥିଲେ, ବିଜେପି ସରକାର ଆଜି ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଜଣେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦେଇପାରିନି। ଏଥିରୁ ପଶ୍ଚିମ ଓଡ଼ିଶା ପ୍ରତି ବିଜେପିର ଆନ୍ତରିକତା ଜଳଜଳ ଦିଶୁଛି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନୂଆପଡ଼ାର ବିକାଶ ପାଇଁ କଂଗ୍ରେସର ଭିଜନ ଡକ୍ୟୁମେଣ୍ଟ ବର୍ଣ୍ଣନା କରିଥିଲେ। ପିସିସି ପ୍ରବକ୍ତା ବିଭୂତିଭୂଷଣ ମହାପାତ୍ର ଧନ୍ୟବାଦ ଜଣାଇବା ସହ ଭୋଟ୍ ଚୋରି ରୋକିବାକୁ ବାହାରର ନକଲି ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଭୋଟ୍ ପୂର୍ବରୁ ଦୁଇତିନିଦିନ ରେଳଷ୍ଟେସନରେ କଡ଼ା ଯାଞ୍ଚ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବକଂଗ୍ରେସ ନେତା ଗଣେଶ ସାହୁ, ନୂଆପଡ଼ା କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର, ତୁଳେଶ୍ୱର ନାଏକ, ରବି ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବଜଙ୍କ ଗାଁ' ଖୋଜିବାକୁ ମରିସସ୍‌ରୁ ଓଡ଼ିଶା

ଭୁବନେଶ୍ୱର, ୨୩।୧୦(ସମିସ): କଥାରେ ଅଛି ଦୂରତା ଯେତେ ହେଉନା କାହିଁକି ରକ୍ତସମ୍ପର୍କ ଅତୁଟ। ପିଢ଼ି ପରେ ପିଢ଼ି ବିତିଗଲେ ବି ଜନ୍ମମାଟିକୁ ଭୁଲି ହୁଏ ନାହିଁ। ଏଭଳି ଘଟିଛି ରାମରୂପ ଜଗନ୍ନାଥଙ୍କ କ୍ଷେତ୍ରରେ। ରହୁଛନ୍ତି ମରିସସ୍‌ରେ, କିନ୍ତୁ ପ୍ରାଣ ଓଡ଼ିଶାରେ। ଭିଟାମାଟି କେଉଁଠି, ବଂଶଧର ଏବେ କେଉଁଠି, ସେ କଥା ମଧ୍ୟ ସେ ଜାଣିନାହାନ୍ତି। କାରଣ ଏହା ପାଞ୍ଚପିଢ଼ିର କଥା। ତଥାପି ସେ ନିଜ ସମ୍ପର୍କୀୟଙ୍କୁ ଖୋଜି ପାଇବାରେ ଆଶା ହରାଇ ନାହାନ୍ତି। ହାତରେ କିଛି ନଥିପତ୍ର ଓ ପୁରୁଣା ଫଟୋ ଧରି ମରିସସ୍‌ରୁ ଓଡ଼ିଶା ଆସିଛନ୍ତି ରାମରୂପ ଜଗନ୍ନାଥ। ତାଙ୍କ ପୂର୍ବଜମାନେ ଯାଜପୁରର ବୋଲି ଜେଜେବାପାଙ୍କଠାରୁ ଶୁଣିବା ପରେ ପ୍ରାୟ ୪ଥର ଓଡ଼ିଶା ଆସି ନିଜ ବଂଶଧରଙ୍କୁ ଖୋଜୁଛନ୍ତି ରାମରୂପ। ପୂର୍ବରୁ ୩ଥର ନିରାଶ ହେବା ପରେ ଏଥର ସେ ସଫଳ ହେବେ ବୋଲି ଆଶା ନେଇ ଆଜି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି।



**ପାଞ୍ଚପିଢ଼ି ପରେ ଜନ୍ମମାଟିକୁ ବି ଭୁଲି ନାହାନ୍ତି**

ସୂଚନାନୁସାରେ, ୧୮୭୦ ମସିହାରେ ଯାଜପୁରର କିଛି ପରିବାର ଗୋଟି ଶ୍ରମିକ ଭାବେ ମରିସସ୍ ଯାଇଥିଲେ। ଯାଜପୁରରୁ କୋଲକାତା ଯିବା ପରେ ସେଠାରୁ ଜଳଯାତ୍ରା କରି ମରିସସ୍‌ରେ ଶ୍ରମିକ ଭାବେ କାମ କରୁଥିଲେ। ହେଲେ ଫେରିବାକୁ ସମ୍ବଳ ନଥିବାରୁ ସେଠାରେ ସମସ୍ତେ ବସତି ସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ରାମରୂପଙ୍କ ପରିବାରର ସଦସ୍ୟ ଜଗନ୍ନାଥ ଦାସ। ଏହା ମଧ୍ୟରେ ଦେଢ଼ଶ' ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ନିଜ ବଂଶଧରଙ୍କୁ ଖୋଜିବାକୁ ପ୍ରୟାସ ଜାରି ରଖିଛନ୍ତି ଜଗନ୍ନାଥ ଦାସଙ୍କ ବଂଶଜ ରାମରୂପ। ତେବେ ସେ ନିଜ ମିଟାମାଟି ଖୋଜିବା ସନ୍ଧାନରେ ପୂର୍ବର ୩ଟି ଗସ୍ତରେ ବିଫଳ ହେବା ପରେ ୪ର୍ଥ ଥର ଅନେକ ଆଶା ନେଇ ସେ ଓଡ଼ିଶା ଆସିଥିବା କହିଛନ୍ତି। ତାଙ୍କ ସାଙ୍ଗରେ ପୁରୁଣା ନଥିପତ୍ର, ପୂର୍ବଜମାନଙ୍କ କିଛି ଫଟୋ ଏବଂ ତାଙ୍କ ଦାଦାଙ୍କ ଅସ୍ଥି। ଏହାସହ ତାଙ୍କର ଜେଜେବାପା ଏବଂ ତାଙ୍କ ପୂର୍ବ ପିଢ଼ିଙ୍କର ଓଡ଼ିଆରେ ଲେଖାଥିବା ଏକ ଡାଏରୀ ତାଙ୍କ ପାଖରେ ରହିଥିବା ଦେଖିବାକୁ ମିଳିଛି। ସାଙ୍ଗରେ ଆଣିଥିବା ଜେଜେଙ୍କ ଅସ୍ଥିକୁ ବୈତରଣୀ ନଦୀରେ ବିସର୍ଜନ କରିବାକୁ ତାଙ୍କ ଜେଜେଙ୍କର ଶେଷ ଇଚ୍ଛା ଥିବା ରାମରୂପ କହିଛନ୍ତି।

ଆସନ୍ତା ୨୦ ଦିନ ଯାଜପୁରର ବିଭିନ୍ନ ଗାଁରେ ରହି ଲୋକଙ୍କୁ ଭେଟିବା ସହ ନିଜ ବଂଶଧରଙ୍କ ଖୋଜିବେ। ସେ କହିଛନ୍ତି ଯେ ମୁଁ ଓଡ଼ିଶା ବୁଲିବାକୁ ଆସିନି। ପର୍ଯ୍ୟଟକମାନେ ବୁଲିଆସନ୍ତି। ମୁଁ ମୋ ଘରକୁ ଆସିଛି। ମୋ ରକ୍ତ ଓଡ଼ିଶାର, ମୋର ସମ୍ପର୍କୀୟ ଏଠାରେ ରୁହନ୍ତି। ଘରର ଠିକଣା କେଉଁଠି ମୁଁ ଜାଣିନି। ସେଥିପାଇଁ ମୁଁ ମୋ ଭିଟାମାଟି ଓ ସମ୍ପର୍କୀୟଙ୍କୁ ଖୋଜୁଛି। ଯେତେବେଳେ ଯାଜପୁର ମ୍ୟୁନିସିପାଲଟିରେ ପରିଣତ ହୋଇଥିଲା, ସେତେବେଳେ ୫ଟି ୱାର୍ଡ ଏବଂ ୩୨ଟି ଗାଁ ରହିଥିଲା। ମା' ବିରଜା ଏବଂ ବୈତରଣୀ ନଦୀ ମଧ୍ୟରେ ରହିଥିବା ଗାଁରେ ତାଙ୍କର ଘର ବୋଲି ଜେଜେବାପାଙ୍କଠାରୁ ସେ ଶୁଣିଥିଲେ। ଏ ସମ୍ପର୍କରେ ଯଦି କାହା ପାଖରେ କିଛି ସୂଚନା ରହିଛି ସେ ଜଣାଇବାକୁ ଯାଜପୁର ଲୋକଙ୍କୁ ସେ ନିବେଦନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୃଷ୍ଟିଶକ୍ତି ହରାଇଲେ...

ଏହି ବାଣ ବୋମା ଭଳି ବିସ୍ଫୋରଣ କରିଥିଲା। ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର ହେଉଥିବା ବେଳେ ପିଲା ଓ ଅଭିଭାବକମାନେ ଏହାକୁ କିଣି ଘରକୁ ନେଇଥିଲେ। ଅନେକ ଲୋକ ଭିଡିଓ ଦେଖି ନିଜ ଘରେ ଏହା ତିଆରି କରିଥିଲେ। ଜଣେ ଅଭିଭାବକଙ୍କ କହିବା ଅନୁଯାୟୀ ଏହି ବାଣ ବୋମା ଭଳି ଫୁଟିଥିଲା ଏବଂ ତାଙ୍କ ପିଲାର ଆଖି ଜଳିଯାଇଥିଲା। ତାକୁ ସଙ୍ଗେସଙ୍ଗେ ମେଡିକାଲ ନିଆଯାଇଥିଲା। ତାର ଗୋଟିଏ ଆଖି ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ ଆଖିରେ ବି ଗୁରୁତର ଆଘାତ ଲାଗିଛି। ଭୋପାଳ ସମେତ ଜବଲପୁର, ଇନ୍ଦୋର ଓ ଗୱାଲିୟରରୁ ମଧ୍ୟ ଏଭଳି ରିପୋର୍ଟ ଆସିଛି। ତେବେ ଭିଦିସା ଅଞ୍ଚଳରେ ଏହା ଭୟଙ୍କର ରୂପ ନେଇଛି। ଏଠାରେ ସର୍ବାଧିକ ପିଲା କ୍ଷତିଗ୍ରସ୍ତ ହୋଇଛନ୍ତି। ଅନେକ ପିଲାଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୪ ପିଲା ଦୃଷ୍ଟିଶକ୍ତି ହରାଇଥିବା ବେଳେ ଏହି ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି।

ଏହି ଘଟଣା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ୬ ଜଣଙ୍କୁ ଗିରଫ କରିଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ 'ଫାୟରକ୍ରାକର ଗନ୍ ଚାଲେଞ୍ଜ' ନାମରେ ପିଲାମାନେ ୟୁଟ୍ୟୁବ ସର୍ଟ ଭିଡିଓ ଓ ଇନଷ୍ଟାଗ୍ରାମ ରିଲ୍ସ ଜରିଆରେ ପ୍ରତିଯୋଗିତା ଚଳାଇଥିଲେ। ଏଥିରେ ସେମାନେ କାରବାଇଡ୍ ଗନ୍ ବାଣ ଫୁଟାଉଥିବାର ଭିଡିଓ ରେକର୍ଡିଂ କରିଥିଲେ। ଏହି ସମୟରେ ଏଭଳି ଭୟଙ୍କର ବିସ୍ଫୋରଣ ହୋଇଛି।

### ପଣ୍ଡା ପିତାପୁତ୍ରଙ୍କ...

ବାପ-ପୁଅ ଯୋଡ଼ି ଖୋଲା ହୃଦୟରେ ଗ୍ରହଣ କରିପାରୁ ନାହାନ୍ତି। ବିଶେଷକରି ନିଜର ରାଜନୈତିକ ପରିଚୟ ସଂକଟରେ ଥିବାନେଇ ଅନୁମାନ କରି ଉଭୟେ ଏବେ ସୁଚିନ୍ତିତ ଯୋଜନା ସହ ଆଗକୁ ବଢ଼ୁଛନ୍ତି। ପ୍ରଚାରଠାରୁ ଆରମ୍ଭ କରି ଦଳୀୟ ବୈଠକ ଯାଏଁ ବସନ୍ତ-ଅଭିନନ୍ଦନ ସବୁଥିରେ ଅଂଶଗ୍ରହଣ କରୁଛନ୍ତି। ମାତ୍ର ଜୟଙ୍କର ଜୟକାର କରିବାକୁ ତାଙ୍କ ହୃଦୟ ଚାହୁଁନାହିଁ। ନିଜର ପ୍ରତିଟି ଭାଷଣରେ ବସନ୍ତ ମୋଦୀ-ଶାହା, କେନ୍ଦ୍ର ସରକାରଙ୍କୁ ପ୍ରଶଂସାରେ ପୋତୁଛନ୍ତି। ମାତ୍ର ପ୍ରାର୍ଥୀଙ୍କ ପାଇଁ ପଦୁଟିଏ ପାଟି ଫିଟାଉ ନାହାନ୍ତି। ସେହିପରି ଅଭିନନ୍ଦନ ମଧ୍ୟ ପ୍ରଚାର ବେଳେ ଜୟଙ୍କ ଅପେକ୍ଷା ନିଜର ପ୍ରଚାର ପ୍ରସାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଉଭୟଙ୍କର ଗତିବିଧିକୁ ଲକ୍ଷ୍ୟ କଲେ ଏହା ଦଳ ପାଇଁ ଶୁଭ ଲକ୍ଷଣ ନୁହେଁ ବୋଲି ସ୍ଥାନୀୟ ଅଞ୍ଚଳର ବିଜେପି ସମର୍ଥକମାନେ ମତ ଦେଉଛନ୍ତି।

ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସମାବେଶ ଏବଂ ଜୟ ଢୋଲକିଆଙ୍କ ନାମାଙ୍କନ ଦାଖଲ ଦିନ ଦଳର ଆଶାଠାରୁ ଖୁବ୍ କମ ଲୋକେ ଏକତ୍ରିତ ହେଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ହୋଇନଥିବା ବେଳେ ସେମାନଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ବାହାରେ ଫୋପଡ଼ାଯାଇଥିବା ଲକ୍ଷ୍ୟ କରାଯାଇଥିଲା। ଏହା ପଛରେ ବସନ୍ତ-ଅଭିନନ୍ଦନଙ୍କ ନିରବତାକୁ ଦାୟୀ କରିଛନ୍ତି ସ୍ଥାନୀୟ ବିଜେପି କର୍ମୀ। ଜଣେ କର୍ମୀ କହିଛନ୍ତି ଯେ ଆମେ ମୂଳରୁ ବସନ୍ତ ପଣ୍ଡାଙ୍କୁ ସମର୍ଥନ କରିଆସୁଛୁ। ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯିବା ପାଇଁ ଆମକୁ ବସନ୍ତ ବାବୁ କିମ୍ବା ଅଭିନନ୍ଦନ ବାବୁଙ୍କ ପକ୍ଷରୁ କୌଣସି ସୂଚନା ନଥିଲା। ଫଳରେ ଆମେ ସଭାକୁ ଯାଇନଥିଲୁ।

ଅପରପକ୍ଷେ ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ ନୂଆପଡ଼ାରେ ବସନ୍ତ-ଅଭିନନ୍ଦନଙ୍କ ଗୁରୁତ୍ୱକୁ ବେଶ୍ ଭଲ ଭାବେ ଆକଳନ କରିଛନ୍ତି ରାଜ୍ୟ ନେତୃତ୍ୱ। ବସନ୍ତ ନୂଆପଡ଼ାରୁ ଦୁଇଥର ବିଧାୟକ ହୋଇଥିବା ବେଳେ ତାଙ୍କ ପୁଅ ମଧ୍ୟ ଗତ ନିର୍ବାଚନରେ ପ୍ରାୟ ୪୫ ହଜାର ଭୋଟ ପାଇଥିଲେ। ଏପରିକି ନୂଆପଡ଼ା ବ୍ଲକରେ ଅଭିନନ୍ଦନ ପଣ୍ଡାଙ୍କର ଭଲ ସମର୍ଥକ ରହିଛନ୍ତି। ତେଣୁ ଉଭୟଙ୍କୁ ବାଦି ଦେଇ ଦଳୀୟ ରଣନୀତି ପ୍ରସ୍ତୁତ କରିବା ଏକପ୍ରକାର ଅସମ୍ଭବ ହୋଇପଡୁଥିବା ବେଳେ ଉଭୟଙ୍କୁ ସବୁ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଛି। ଏହାସତ୍ତ୍ୱେ ପଣ୍ଡା ପରିବାରର ଓଲଟା ଚାଲି ବିଜେପି ନେତୃତ୍ୱଙ୍କୁ ଚିନ୍ତାରେ ପକାଇଥିବା ଜଣାପଡ଼ିଛି।

### ଭାରତରେ ରହିଛି...

ବ୍ୟାଙ୍କରେ ଜମା ଥିବା ସୁନାର ପରିମାଣ ନୈରାଶ୍ୟଜନକ। ରିଜର୍ଭ ବ୍ୟାଙ୍କରେ ରହିଛି ମାତ୍ର ୮୮୦ ଟନ୍ ସୁନା। ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଯୋଗୁଁ ସେୟାର ବଜାର ଖସୁଥିବା ବେଳେ ସୁନା ଚାହିଦା ବଢ଼ିବାରେ ଲାଗିଛି। ଲୋକମାନେ ସେୟାର ଛାଡ଼ି ସୁନାରେ ଅର୍ଥ ବିନିଯୋଗ କରୁଛନ୍ତି। ଏହି କାରଣରୁ ସୁନା ଚାହିଦା ବଢ଼ିବାରେ ଲାଗିଛି। ତେବେ ଉଲ୍ଲେଖନୀୟ କଥା ହେଉଛି ଯେ ବୁଲିଅନ୍ ବଜାରରେ ସୁନା ଦାମ୍ ବଢ଼ି ଚାଲିଥିବା ବେଳେ ଭାରତରେ ଏହାର ଚାହିଦା ମଧ୍ୟ ବଢ଼ି ଚାଲିଥିଲା। ଭାରତରେ କେବଳ ବ୍ୟବସାୟ ଉଦ୍ଦେଶ୍ୟରେ ସୁନା କିଣୁନଥିଲେ, ବିବାହ ଓ ଅନ୍ୟ କାର୍ଯ୍ୟ ପାଇଁ ମଧ୍ୟ ସବୁଠାରୁ ବେଶି ସୁନା କିଣାଯାଇଛି।

ଇତିମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ସୁନା ଭଣ୍ଡାରରେ ଆଉ ୬ କ୍ୱିଣ୍ଟାଲ ସୁନା ଯୋଡ଼ିଛି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କରେ ୮୮୦.୧୮ ଟନ୍ ସୁନା ଗଚ୍ଛିତ ରହିଛି। ରିଜର୍ଭ ବ୍ୟାଙ୍କ କେବଳ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ପ୍ରାୟ ୬ କ୍ୱିଣ୍ଟାଲ ସୁନା କିଣିଛି। ଏହି ପଦକ୍ଷେପ ଏପରି ସମୟରେ ନିଆଯାଇଛି, ଯେତେବେଳେ ବିଶ୍ୱବ୍ୟାପୀ ଆର୍ଥିକ ଏବଂ ଭୂ-ରାଜନୈତିକ ଅନିଶ୍ଚିତତା ବଢୁଛି।। ନିବେଶକମାନେ ସୁନାକୁ ଏକ ସୁରକ୍ଷିତ ନିବେଶ ମାଧ୍ୟମ ଭାବେ ବିବେଚନା କରୁଛନ୍ତି।

ଆର୍‌ବିଆଇ ବୁଲେଟିନ୍ ଅନୁଯାୟୀ, ବିଶ୍ୱବ୍ୟାପୀ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ସେମାନଙ୍କର ସରକାରୀ ଭଣ୍ଡାରରେ ୧୬୬ ଟନ୍ ସୁନା ଯୋଡିଛନ୍ତି। ଯେତେବେଳେ ବଜାରରେ ଅସ୍ଥିରତା ବୃଦ୍ଧି ପାଏ କିମ୍ବା କୌଣସି ଦେଶର ମୁଦ୍ରା ଚାପରେ ଆସେ, ନିବେଶକମାନେ ସୁନା ଆଡ଼କୁ ମୁହାଁଇଥାନ୍ତି। ଆରବିଆଇର ସୁନା ଭଣ୍ଡାରରେ ବୃଦ୍ଧି ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣର ସ୍ଥିରତା ଏବଂ କ୍ରେଡିଟ୍ ରେଟିଂ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଏ। ଏହା ଦେଶର ଅର୍ଥନୈତିକ ସୁରକ୍ଷା ଏବଂ ବିଶ୍ୱ ବିଶ୍ୱାସକୁ ମଜବୁତ କରେ।

ସୂଚନାଯୋଗ୍ୟ ଯେ ୧୮୦ଟି ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଗୁଡ଼ିକରେ ୪୬ ହଜାର ଟନ୍ ସୁନା ଗଚ୍ଛିତ ଥିବା ବେଳେ ୮ ହଜାର ଟନ୍ ସହିତ ଆମେରିକା ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ରହିଛନ୍ତି ଜର୍ମାନୀ (୩୩୦୦ ଟନ୍), ଫ୍ରାନ୍ସ (୨୪୦୦ ଟନ୍), ଇଟାଲି (୨୪୦୦ ଟନ୍), ରୁଷିଆ (୨୩୦୦ ଟନ୍), ଚୀନ (୨୨୦୦ ଟନ୍), ସୁଇଜରଲାଣ୍ଡ (୧୧୦୦ ଟନ୍) ଏବଂ ଭାରତ (୮୮୦ ଟନ୍)।

### କଟକରୁ ୩୨...

ପୁଲିସ ସୂଚନାନୁସାରେ, କୋଲକାତାର ୨ଜଣ ମାଷ୍ଟରମାଇଣ୍ଡ କ୍ରିପ୍ଟୋ-କରେନ୍ସିରେ ମୋଟା ଅଙ୍କର ଟଙ୍କା ଲଗାଇଥିବା ୩୦ ଜଣ ନିବେଶକାରୀଙ୍କୁ ନେଇ ପ୍ରଥମେ ପୁରୀ ଯାଇଥିଲେ। ସେଠାରେ ବୁଲାବୁଲି କରି କଟକର ଜସ୍ମିନ୍ ହୋଟେଲ୍‌ରେ ଗତକାଲି ବିଳମ୍ବିତ ରାତିରେ ଆସି ପହଞ୍ଚିଥିଲେ। ଏହି ହୋଟେଲ୍‌ରେ ଓଡ଼ିଆ ଲୋକଙ୍କୁ ସେମାନଙ୍କ ଜାଲରେ ଫସାଇବା ପାଇଁ ଚକ୍ରାନ୍ତ କରୁଥିଲେ। ୨ ଦିନ ଏଠାରେ ରହି କଟକ ଓ ଭୁବନେଶ୍ୱରର କେତେକ ଯୁବକଙ୍କୁ ତାଙ୍କ ଜାଲରେ ଫସାଇବା ପାଇଁ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା।

ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ୨ଜଣ ମାଷ୍ଟରମାଇଣ୍ଡ ୧୦୦ କୋଟିରୁ ଅଧିକ ଟଙ୍କା ପଶ୍ଚିମବଙ୍ଗରେ ଠକେଇ କରିସାରିଥିଲେ। ଏବେ ନୂଆ ଏକ କ୍ରିପ୍ଟୋ ଆପ୍ଲିକେସନ୍ 'ଇକୋ ଇନଭେଷ୍ଟ' ଲଞ୍ଚ କରି ଏଥିରେ ବିନିଯୋଗକାରୀଙ୍କୁ ବିନିଯୋଗ କରିବା ପାଇଁ ପ୍ରଲୋଭିତ କରୁଥିଲେ। ସେମାନେ ପୂର୍ବରୁ 'ଜିରୋ-୨ୱାର୍ଲ୍ଡ' ନାମକ ଏକ ଆପ୍ ଲଞ୍ଚ କରି ଠକେଇ କରିସାରିଥିଲେ। ପଶ୍ଚିମବଙ୍ଗର ସାଧାରଣ ଲୋକମାନେ 'ଜିରୋ-୨ୱାର୍ଲ୍ଡ'ରେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗ କରି ସାରିଥିଲେ। ପରେ ସ୍ଥାନୀୟ କାର୍ଯ୍ୟାଳୟରେ ତାଲା ଝୁଲେଇ ୨ଜଣ ମାଷ୍ଟର୍‌ମାଇଣ୍ଡ ଓଡ଼ିଶାମୁହାଁ ହୋଇଥିଲେ। ତେବେ ୨ଜଣ ମାଷ୍ଟରମାଇଣ୍ଡଙ୍କୁ ବାଦ୍ ଦେଲେ ହୋଟେଲ୍‌ରୁ ଗିରଫ ହୋଇଥିବା ଅନ୍ୟ ୩୦ଜଣ ହେଉଛନ୍ତି ଅର୍ଥ ବିନିଯୋଗକାରୀ। ସେମାନେ ପୂର୍ବରୁ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପରେ ନିଜ ଟଙ୍କା ଫେରାଇବାକୁ ଜିଦି ଧରିବାରୁ ସମ୍ପୃକ୍ତ ସଂସ୍ଥାର ଅଭିଯୁକ୍ତମାନେ ସେମାନଙ୍କୁ ସାଙ୍ଗରେ ଆଣି ମିଟିଂ କରାଇବା ପରେ ଟଙ୍କା ଫେରସ୍ତ ଦେବାକୁ କହିଥିଲେ। ମାତ୍ର ସମସ୍ତ ଯୋଜନା ପଣ୍ଡ ହୋଇଥିଲା। ଖବର ପାଇ ଜସ୍ମିନ୍ ହୋଟେଲ୍‌ରେ ପୁଲିସ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି। ଜସ୍ମିନ୍ ହୋଟେଲରେ ଚଢ଼ଉ କରାଯିବା ପରେ ପୁଲିସ ଶିଖରପୁରରେ ଥିବା ଆଉ ୨ଟି ହୋଟେଲ୍‌ରେ ଚଢ଼ଉ କରିଥିଲା। ହେଲେ ସେଠାରୁ ସେମିତି କୌଣସି ବ୍ୟକ୍ତିଙ୍କୁ ଠାବ କରାଯାଇନାହିଁ।

ଡିସିପି ଶ୍ରୀ ଦ୍ୟାନଦେଓଙ୍କୁ ଏ ସମ୍ପର୍କରେ କହିଛନ୍ତି ଯେ କ୍ରିପ୍ଟୋ କାରବାର ନାଁରେ ଠକେଇ ଏବଂ ବିନିଯୋଗକାରୀଙ୍କୁ ଅପହରଣ କରି ହୋଟେଲରେ ରଖିବା ଘଟଣାରେ ୨ଟି ମାମଲା ରୁଜୁ ହୋଇପାରେ। କ୍ରିପ୍ଟୋ-କରେନ୍ସିରେ ଅର୍ଥ ବିନିଯୋଗ କରି ଠକାମିର ଶିକାର ହୋଇଥିବା ୩୦ଜଣ କୋଲକାତା ଲୋକ ୨ଜଣ ଅଭିଯୁକ୍ତଙ୍କ ସହ ହୋଟେଲ୍ ଜସ୍ମିନ୍‌ରେ ମିଟିଂ କରିବାକୁ ଆସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ସେମାନେ କୌଣସି ଦଙ୍ଗାକାରୀ ନୁହଁନ୍ତି। କୌଣସିପ୍ରକାର ଗୁଜବ ସୃଷ୍ଟି ନ କରିବାକୁ ଡିସିପି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ଘଟଣାରେ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି ବୋଲି ଡିସିପି ସୂଚନା ଦେଇଛନ୍ତି।

### ୨ ହଜାର ଲୋକଙ୍କଠାରୁ...

୬୨ଲକ୍ଷ ଟଙ୍କା, ୨ଟି ମୋବାଇଲ ସହ ବିଭିନ୍ନ କାଗଜପତ୍ର ଜବତ କରିଛି। ପଦ୍ମାଳୟା ନାମରେ ଥିବା ଗୋଟାଏ ଟାଟା ମ୍ୟାଜିକ୍ ଭ୍ୟାନ ଓ ରାହୁଲ ନାମରେ ଥିବା କାର୍‌କୁ ମଧ୍ୟ ଜବତ କରିଛି।

ସୂଚନାନୁସାରେ, କିଛି ଦିନ ପୂର୍ବରୁ ସମ୍ବଲପୁର ମହାନଗର ନିଗମ (ଏସଏମସି)ରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ପାଇଁ ଜଣକ ପିଛା ୧୨ହଜାର ଟଙ୍କା ନିଆଯାଉଥିଲା। ଏସଏମସି ଓ ଆରମାକ୍ସ ପ୍ରା. ଲିଃ ନାମକ ଏକ ସଂସ୍ଥା ଲୋକଙ୍କ ପାଖରୁ ଟଙ୍କା ନେଇ ମିଛି ନିଯୁକ୍ତି ଦେଉଥିଲା। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ଥାନାରେ କୌଣସି ମାମଲା ଦାଖଲ ହୋଇ ନଥିଲା। ପୁଲିସ ନିଜଆଡ଼ୁ ଏହି ମାମଲାର ତଦନ୍ତ ଜାରି ରଖିଥିଲା। ଗତକାଲି ଚିପଲିମା ଅଞ୍ଚଳରେ ଏକ ବିରାଟ ସମାବେଶ ହୋଇଥିଲା। ରାହୁଲ ଓ ପଦ୍ମାଳୟା ବିରାଟକାୟ ବୈଠକର ଆୟୋଜନ କରିଥିଲେ। ସମ୍ବଲପୁର, ବରଗଡ଼, ବୌଦ୍ଧ ଓ ସୋନପୁର ଜିଲ୍ଲାରୁ ୨ରୁ ୩ ହଜାର ଲୋକଙ୍କ ସମାବେଶ ହୋଇଥିଲା। ଏକ ପ୍ରକାରର ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା। ପୁଲିସ ଖବର ପାଇ ଉଭୟଙ୍କ ବୁର୍ଲା ଥାନାକୁ ଆଣି ଅଟକ ରଖିଥିଲା। ଏହି ଦୁଇ ଅଭିଯୁକ୍ତ ଲୋକଙ୍କ ଏପରି ଭରସା ଜିତିଥିଲେ ଯେ ସାଧାରଣ ମହିଳାମାନେ ସେମାନଙ୍କୁ ଛାଡ଼ି ଦେବା ପାଇଁ ଥାନା ଘେରାଉ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ମହିଳା ମାନେ ଶାନ୍ତ ପଡ଼ିଥିଲେ।

ଏହି ଦୁଇ ଅଭିଯୁକ୍ତ ନିଯୁକ୍ତି ଆଳରେ ଲୋକଙ୍କ ପାଖରୁ ପ୍ରଥମେ ୧୨ ହଜାର ନେଉଥିଲେ। ଜଣକ ପାଖରୁ ନେଇ ଅନ୍ୟମାନଙ୍କ ଦରମା ଆକାରରେ ମଧ୍ୟ ଦେଉଥିଲେ। ଲୋକଙ୍କ ବିଶ୍ୱାସ ଭରସା ସୃଷ୍ଟି କରିବା ପାଇଁ ଏହି ପ୍ରୟାସ ଜାରି ରଖିଥିଲେ। ରାହୁଲ ପୂର୍ବରୁ ଡେଲିଭରି ବୟ ଭାବେ କାମ କରୁଥିବା ବେଳେ ପଦ୍ମାଳୟା ସହ ସମ୍ପର୍କରେ ଆସିଥିଲେ। ଲୋକଙ୍କୁ ଏଭଳି ନିଯୁକ୍ତି ଦେବା କହି ଯୋଜନା କରିଥିଲେ। କେବଳ ସଫେଇ କର୍ମଚାରୀ ନୁହେଁ, ସୁପରଭାଇଜର୍, ଫିଲ୍ଡ ଅଫିସର ଭାବେ ନିଯୁକ୍ତି ଦେଇ ନୂତନ ଲୋକଙ୍କୁ ମଧ୍ୟ ଯୋଡୁଥିଲେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ କହିଛନ୍ତି।

# ନୂଆପଡ଼ା ଉପନିର୍ବାଚନ: ୮ ଜୋନରେ ୮ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲା ବିଜେପି

ଭୁବନେଶ୍ୱର,୨୩।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ଶାସକ ବିଜେପି ୮ଟି ଜୋନରେ ସାଂଗଠନିକ କାର୍ଯ୍ୟ ତଦାରଖ ପାଇଁ ୮ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛି। ସୂଚନା ଅନୁଯାୟୀ ବଣ୍ଡାରୀ ପାଇଁ ରବି ନାରାୟଣ ନାଏକଙ୍କୁ ଦାୟିତ୍ୱ ମିଳିଥିବାବେଳେ, ସୁନାଦେଶ ପାଇଁ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପାତାଳେଶ୍ୱର ପାଇଁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟଜଂଘା ପାଇଁ କୃଷ୍ଣଚନ୍ଦ୍ର ପାତ୍ର, କୋନାଭଇରା ପାଇଁ ବିଭୂତି ଭୂଷଣ ଜେନା, ଯୋଗେଶ୍ୱର ପାଇଁ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ନୂଆପଡ଼ା ଏନଏସି ଦାୟିତ୍ୱ ଡ. ମୁକେଶ ମହାଲିଙ୍ଗ ଏବଂ ଖରିଆର ରୋଡ୍ ଏନଏସି ପାଇଁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।


**AFFIDAVIT**
I, Sangram Keshori Sahu, S/o- Muralidhar sahu, Resident of Flat No.: B/10, Plot No.: 281, Ghanashyam Enclave, Jayadev Vihar, Regional Reserarch Laboratory, Dist.: Khorda, Odisha, PIN-751013, declared by this Affidavit No.1303/2025 Dated: 23.10.2025. That now onwards I shall be known as **SANGRAM KESHARI SAHU** for all future Purposes.

**AFFIDAVIT**
I, Abutanvir Khan, S/o- Taleb Tajju Khan, Resident of S.No-90,Pavna Nagar, Colony No.: 2, Pune City, PO: Kalewadi, Dist.: Pune, Maharashtra, PIN-411017, declared by this Affidavit No.1305/2025,Dated: 23.10.2025. That now onwards I shall be known as **ABUTANVIR TALEB KHAN** for all future Purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**NAME CHANGE**
By virtue of an affidavit sworn before the Executive Magistrate, Astarang, CF.NO. 2170, dated 23/09/2025, I, **ROHIT KUMAR KANDI**, S/o Sanatan Kandi resident of At: Ananta, Po: Alasahi, Ps - Astaranga, Dist- Puri, State- Odisha declare that I have changed my son's name from **R.LBEDABYASH ROUT** (Old Name) to **RL BEDABYASH ROUT** (New Name). Henceforth, he shall be known as **RL BEDABYASH ROUT** for all future purposes.
(Sd- **ROHIT KUMAR KANDI**)

**AFFIDAVIT**
By virtue of an affidavit before Executive Magistrate on 23.10.2025, Bhubaneswar, I, T. Pratap Patro, S/o. T. Pandab Patro, at Khushi Harmony Apartment, Palasuni, Rasulgarh, Bhubaneswar have changed my minor Son's name from T. Arman Patro to Arman Patro. Henceforth he shall be known **ARMAN PATRO** for all future purposes.

**AFFIDAVIT**
I, Muralidhara Sahu, S/o- Sadhucharan Sahu, Resident of At: Gambharia, PO:Khuntapal, Dist.: Mayurbhanj, Odisha PIN-757020, declared by this Affidavit No.1301/2025 Dated: 23.10.2025. That now onwards I shall be known as **MURALIDHAR SAHU** for all future Purposes.

**AFFIDAVIT**
I, **Mirza Meheboob Alam Baig**, S/o: Mirza Abdul Kalam Baig, Flat No.: 16/8, Block-16, Rangamatia, Gadakan. PS.:Mancheswar, Bhubaneswar-751017 Odisha Declare by this Affidavit No.: 60596 Dated: 23.10.2025,That now onwards I shall be known as **Mirza Mehebub Alam Baig** for all Future Purposes.

**NAME CHANGE**
By virtue of an affidavit sworn before the Executive Magistrate, Astarang, CF.NO. 2080, dated 16/09/2025, I, **SASANKA SEKHAR KANDI**, S/o Siba Kandi resident of At: Ananta, Po: Alasahi, Ps - Astaranga, Dist- Puri, State- Odisha declare that I have changed my son's name from **DEBABRAT KANDI** (Old Name) to **DEBABRAT ROUT** (New Name). Henceforth, he shall be known as **DEBABRAT ROUT** for all future purposes.
(Sd- **SASANKA SEKHAR KANDI**)

**NAME CHANGE**
By virtue of an affidavit sworn before the Executive Magistrate, Bhubaneswar, dated 22nd day of October 2025 I, **SONALIKA SINGH**, Address At: Naragoda, Tamando, Ps - Khandagiri, Dist- Khordha, State- Odisha, Pin- 752054 declare that I have changed my name from **SONALI SINGH** (Old Name) to **SONALIKA SINGH** (New Name). Henceforth, I shall be known as **SONALIKA SINGH** for all future purposes.
(Sd- **SONALIKA SINGH**)

**AFFIDAVIT**
I, Kuntala Kumari Dash, W/O- Late Nrusinha Prasad Das, Resident of At/PO: Old LIC Building, Pujariput, Koraput, Dist.: Koraput, Odisha, PIN-764020, declared by the Affidavit No: 1215/2025 Dated: 16.10.25, that now onwards I shall be known as **KUNTALA KUMARI DAS** for all future purposes."

**AFFIDAVIT**
By virtue of an affidavit sworn before the Notary Public, Bhubaneswar dated 09.10.2025, I, Bishnu Charan Nayak, S/o- Basudev Nayak permanent resident of At: O.S.E.B colony School Campus Gridco Colony, Bhoi Nagar Bhubaneswar, Dist- Khordha, Odisha – 751022 declare that I have changed my Son's name from Punya Sankalp Nayak to Purnya Sankalp Nayak, he shall be known as **Purnya Sankalp Nayak** for all purposes.
**Sd/- Bishnu Charan Nayak**

**AFFIDAVIT**
I **RUCHITA,** D/O.: DHANRAJ JAIN RESIDENT AT FLAT NO.: 301, LAXMI VILLA, MAKERABAGH SAHI, CUTTACK, ODISHA DECLARE BY THIS AFFIDAVIT NO.: 75AA314785 DATED 25/8/25 THAT NOW ONWARDS I SHALL BE KNOWN AS **RUCHITA NABARIA** FOR ALL FURTURE PURPOSE

**AFFIDAVIT**
By virtue of an affidavit sworn before Executive Magistrate, Bargarh, I, Padmini Panda, W/o- Harishankar Panda resident of Mastertikra, Ward no.-14, Bargarh, Po./Ps./Tah./ Dist.- Bargarh, Odisha, PIN-768028 state vide affidavit no. 340 dtd.17.10. 2025 that, I have changed my name from **Asha Panda** to **Padmini Panda**. Henceforth I shall be known as **Padmini Panda** for all future purposes.

**AFFIDAVIT**
By virtue of an Affidavit (SL No. 03, Date- 23.10.2025) Sworn Before the Executive Magistrate, Padampur. I, **Minketan Bhoi** (new name), S/o- Nrupa Bhoi, permanent & current resident of AT- Sankri, PO- Bhubaneswarpur, PS- Jharbandh, Dist- Bargarh, PIN- 768039, Odisha declare that I have changed my name from **Miniketan Bhue** (old name) to **Minketan Bhoi** (new name). Henceforth, I shall be known as **Minketan Bhoi** (new name) for all purposes.
**Minketan Bhoi**

**AFFIDAVIT**
I, Sayad Gulam Yahiya, F/o- Arif Rabbani resident of Plot No. VIM-565, At/Po- Sailashree Vihar, Near Durga Mandap, Chandrasekharpur, Bhubaneswar, Dist- Khordha, PIN- 751021, Odisha declared by this affidavit No. 19, dtd- 03/09/2025 that now onwards I shall be known as **SYED GHOLAM YAHIYA** for all future purposes.

**AFFIDAVIT**
By virtue of an affidavit No. 2466 sworn before the Notary Public, Champua on dated- 23/10/2025, I **Saroj Ranjan Giri,** resident of Vill- Fagu, Po-Raikala, Ps- Ghagarbeda, Dist- Mayurbhanj, Pin- 757035, Odisha declare that I have changed my name from **Bablu Pradhan** (old name) To **Saroj Ranjan Giri** (new name). Henceforth I shall be known as **SAROJ RANJAN GIRI** for all future purposes.
**Saroj Ranjan Giri**

**AFFIDAVIT**
I, Asifa Siddiqua, W/o- Arif Rabbani, resident of Plot No. VIM-565, At/Po- Sailashree Vihar, Near Durga Mandap, Chandrasekharpur, Bhubaneswar, Dist- Khordha, PIN- 751021, Odisha declared by this affidavit No. 18, dtd- 03/09/2025 that now onwards I shall be known as **ASIFA SIDDIQAH** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated- 22/10/2025. I, **Nara Nag** (applicant name), S/o Sishu Nag, permanent & current resident of At- Sanpatrapali (Jadamunda), PO- Lenjha, PS- Titilagarh, Dist- Balangir, (Odisha), PIN- 767033 declare that I have changed my minor son's name from **Prashna Nag** (old name) to **Prasanna Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Prasanna Nag** (new name) for all purposes.
**Nara Nag**

**In The Hon'ble Court of Civil Judge (SD): Barhampur, Dist-Ganjam, Intestate.No-02/2024**

In the Matter Of:
**Bachu Venkata Subhadra** ...Petitioners
Vs
**Choulapalli Soroja & Others** ...Respondents

**PUBLIC NOTICE**

Take notice that the above- named petitioners have applied for succession certificate to the Saving Bank Pass Book having A/c No.10603505561of State Bank of India, Chandikhol Branch, At/PO: Chandikhol, Dist.: Jajpur in the name of Late Choulapalli Srinivas Ranga Rao (Ch S Ranga Rao).If anybody has any claim or interest over the same, he / she may appear personally or through his / her Advocate before this Hon'ble Court on 31.10.2025 at 10:30 am and file objection, if any, failing which the case will be disposed of according to law.
Given under my hand and seal of the Court this 25th day of September of 2025.

Sd/- Civil judge(SD)
Ganjam, Berhampur

**LOST**
ମୁଁ ଶ୍ରୀକୃଷ୍ଣ ସାହୁ (ବୟସ-୬୩) ପିତା - ଜଗବନ୍ଧୁ ସାହୁ, ମୌଜା-ଓଡ଼ିଆମୁଣ୍ଡା, ପୋଷ୍ଟ/ଥାନା- ମ.ରାମପୁର, ଥାନା ନଂ-୧୯, ଜିଲ୍ଲା-କଳାହାଣ୍ଡି, ଗତ ତା୦୫.୦୯.୨୫ରିଖରେ ମୁଁ ଏକ ଜରୁରୀକାର୍ଯ୍ୟ ସମାପ୍ତକରି ବଲାଙ୍ଗୀର ଠାରୁ ଏକ ଘରୋଇ ବସ ଯୋଗେ ମ.ରାମପୁର ଫେରୁଥିଲି, ବସ ଭିତରେ ବହୁତ ଭିଡ଼ ଥିବାରୁ ସେଠାରେ ମୋର ପର୍ଚ୍ଚା (R.O.R) ନଂ-୩୦୦/୧୬୫ ଥିବା ବ୍ୟାଗଟି ହଜିଯାଇଛି, ପରେ ଆସି ଆମ ଅଞ୍ଚଳର ପୋଲିସ ଷ୍ଟେସନରେ ଏ ବିଷୟରେ ଲିଖିତ ଅଭିଯୋଗ ଫର୍ଦ୍ଦ ଦାଖଲ କରିଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ଦୟାକରି ଏହି ନମ୍ବର ରେ ଯୋଗାଯୋଗକରନ୍ତୁ।
ବିକାଶ କୁମାର ପଧାନ
(advocate)-୭୯୭୮୩୭୧୦୬୬
ଶ୍ରୀକୃଷ୍ଣ ସାହୁ-୭୬୮୩୮୨୦୬୯

**AFFIDAVIT**
I, Hasimuddin Khan, S/o- Late Jalo Khan, resident of At- Nahalpur, Po- Benirampur, Ps- Nemalo, Cuttack, Pin- 754134, Odisha declare by this affidavit No- 4066, date- 07/09/2025, that now onwards I shall be known as **HASO KHAN** for all future purposes.

## ଟୁରିଷ୍ଟ ବସ୍‌ରେ ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ

# ଶୋଇଛି ପରିବହନ ଓ ଶ୍ରମ ବିଭାଗ

**କୋକସରା, ୨୩।୧୦(ସମିସ)**

ତୀର୍ଥ ଯାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ଏକାଧିକ ଟୁରିଷ୍ଟ ବସ୍ ସାଧାରଣ ଯାତ୍ରୀବାହୀ ବସ ଭଳି ଟିକେଟ କାଟି ପ୍ରତିଦିନ ଶ୍ରମିକଙ୍କୁ ନେଇ ରାଜ୍ୟ ବାହରକୁ ଚାଲାଣ କରୁଥିବା ନଜରକୁ ଆସୁଛି। ହେଲେ ଜିଲ୍ଲା ଶ୍ରମ ବିଭାଗ କିମ୍ବା ଆଞ୍ଚଳିକ ପରିବହନ ବିଭାଗର ନଜର ପଡୁନାହିଁ। ଯାହା ଫଳରେ ବେଫିକର ହୋଇ ଏହି ବସ୍ ମାଲିକମାନେ ଟୁରିଷ୍ଟ ବସ୍‌ରେ ଦାଦନ ଶ୍ରମିକ ଚାଲାଣ କରି ଆସୁଛନ୍ତି। କଳାହାଣ୍ଡି ଜିଲ୍ଲା ଆମପାଣିଠାରୁ ନୂଆପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସୱେ ଦେଇ କାଁ ଭାଁ ଗୋଟିଏ କି ଦୁଇଟି ବସ୍ ରାଜ୍ୟ ବାହାରକୁ ଯିବା ପାଇଁ ଅନୁମତି ଥିବାବେଳେ ବେଆଇନ୍ ଭାବରେ ୨୫ ରୁ ୩୦ଟି ବସ୍ ଗଡୁଛି। ଯେଉଁ ବସ୍ ଗୁଡ଼ିକ ଗଡୁଛି ତାହା ବି ସାଧାରଣ ଯାତ୍ରୀମାନଙ୍କ ଲାଗି ପରମିଟ୍ ପାଇଁ ନଥିବା ବେଳେ ଟୁରିଷ୍ଟ ପରମିଟ୍‌ରେ ଚାଲୁଥିବା ଜଣାପଡ଼ିଛି। ଏହି ରାସ୍ତା ଦେଇ ପ୍ରତିଦିନ ଦେଭୋଗ, ସିନାପାଲି ଓ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା, ଧର୍ମଗଡ଼, ପର୍ଲା, ବେହେରା, ଗୋତମୁଣ୍ଡା, ଆମପାଣି ବିଜୁ ଏକ୍ସପ୍ରେସୱେ ରାସ୍ତା ଦେଇ ଏକାଧିକ ଟୁରିଷ୍ଟ ବସ୍ ଲୋକ ଲଦି ଚେନ୍ନାଇ, ବିଶାଖାପାଟଣା, ଜଗଦଲପୁର, ହାଇଦ୍ରାବାଦ, ତେଲେଙ୍ଗାନା ଭଳି ଅନ୍ୟ ରାଜ୍ୟକୁ ଗଡୁଛି। ତେବେ ଉକ୍ତ ବସ ଗୁଡ଼ିକରେ ଓଭର ଲୋଡ ସହିତ ଯାତ୍ରୀମାନେ ଠେଲା ପୋଲା ହୋଇ ଯା'ଆସ କରୁଥିବା ମଧ୍ୟ ନଜର କୁ ଆସିଛି। ଏହାକୁ ନେଇ ବସ୍‌ରେ ଯାତାୟାତ କରୁଥିବା ଲୋକେ




ପ୍ରତିବାଦ କଲେ ବିଭିନ୍ନ ସମୟରେ କଣ୍ଡକ୍ଟର ଓ ବସ୍ କର୍ମଚାରୀ ମାନେ ଯାତ୍ରୀ ଓ ଶ୍ରମିକଙ୍କୁ ଦୁର୍ବ୍ୟବହାର କରୁଥିବା ଅନେକ ସମୟରେ ଥାନାକୁ ମଧ୍ୟ ଅଭିଯୋଗ ଆସିଛି। ଧର୍ମଗଡ଼ ବ୍ଲକର ଦଣ୍ଡପାଟ ଓ କୋକସରା ବ୍ଲକର ଗୋତମୁଣ୍ଡା ସମେତ ବିଭିନ୍ନ ଅଞ୍ଚଳରୁ ଶ୍ରମିକ ମାନେ ପ୍ରତ୍ୟହ କାମ ଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବାବେଳେ ଏହି ରାସ୍ତାରେ ଆନ୍ତଃରାଜ୍ୟ ଯାତ୍ରୀବାହୀ ବସ ଚଳାଚଳ କମ୍ ରହିଛି। ତେବେ ଏହାର ଫାଇଦା ନେଇ ବସ୍ ମାଲିକମାନେ ନିଜର ଟୁରିଷ୍ଟ ପରମିଟ ମିଳିଥିବା ବସ୍‌କୁ ଅଧିକ ମୁନାଫା କମେଇବା ଉଦ୍ଦେଶ୍ୟରେ ସରକାରଙ୍କ ନୀତି ନିୟମକୁ ଉଲ୍ଲଙ୍ଘନ କରି ସାଧାରଣ ଯାତ୍ରୀବାହୀ ବସ୍ ଭଳି ଲୋକ ଲଦି ନେଉଛନ୍ତି। ଏହି ରାସ୍ତାରେ ଗୋଟିଏ କି ଦୁଇଟି ନୁହେଁ ଏକାଧିକ ଘରୋଇ ଟୁରିଷ୍ଟ ବସ୍‌ଗଡୁଛି। ପ୍ରତିଦିନ ଧର୍ମଗଡ଼, ବେହେରା, ଗୋତମୁଣ୍ଡା ଓ ଆମପାଣି ଛକରୁ ଶହ ଶହ ଦାଦନ ଶ୍ରମିକ ମାନେ ଏହି ବସ ଯୋଗେ ଚେନ୍ନାଇ, ବିଶାଖାପାଟଣା, ଜଗଦଲପୁର, ହାଇଦ୍ରାବାଦ ଓ ତେଲେଙ୍ଗାନା ଆଦି ରାଜ୍ୟକୁ ଯାଉଥିବା ବେଳେ କିଛି ଦାଦନ ଦଲାଲ୍ ମାନେ କୁଆଡ଼େ ଏହି ଟୁରିଷ୍ଟ ବସ୍‌ମାନଙ୍କୁ ଲିଜ୍ ଆକାରରେ ନେଇ ଚଲେଇଥିବା ଆଲୋଚନା ହେଉଛି। ଏମିତି କି କଛି ସରକାରୀ କର୍ମଚାରୀମାନେ ମଧ୍ୟ ଡିଉଟି ସମୟରେ ଦଲାଲ୍ ସାଜି ମୁଖ୍ୟ ରାସ୍ତାରେ ଠିଆ ହୋଇ ଟିକଟ କାଟୁଥିବା ମଧ୍ୟ ଚର୍ଚ୍ଚା ହୋଉଛି। ପ୍ରତିଦିନ ଏହି ଟୁରିଷ୍ଟ ବସ ଗୁଡ଼ିକ ସାଧାରଣ ଯାତ୍ରୀବାହୀ ବସ୍ ଭଳି ଲୋକ ଲଦି ନେଉଥିବାବେଳେ ଧର୍ମଗଡ଼ ଥାନା, ଆମପାଣି ଥାନା ସମେତ ପଡୋଶୀ ଜିଲ୍ଲାର ମୈଦଲପୁର, ପାପଡ଼ାହାଣ୍ଡି, ନବରଙ୍ଗପୁର, ଜୟପୁର, ବୋରିଗୁମ୍ମା, ବୈପାରିଗୁଡା, ଗୋବିନ୍ଦପାଲି, ମାଥଲି, ମାଲକାନଗିରି, ପୋଟେରୁ, କାଳିମେଳା, ଏମଭି ୭୯, ମୋଟୁ ଭଳି ଏକାଧିକ ଥାନା ଅତିକ୍ରମ କରି ଦୈନନ୍ଦିନ ଯା' ଆସ କରୁଛି। ତଥାପି ଏଠାକାର ପୋଲିସ, ପରିବହନ ବିଭାଗ କିମ୍ବା ଶ୍ରମ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଶୋଇ ପଡ଼ିଛି। କୁଆଡ଼େ ଏହି ଥାନା ଅଞ୍ଚଳର କିଛି ପୋଲିସ ଓ ପରିବହନ ବିଭାଗର କର୍ମଚାରୀ ମାନଙ୍କୁ ଏହି ବସ ମାଲିକ ମାନେ ହାତ ବାରିସ କରି ମାସିକ ମୋଟା ଅଙ୍କର ଚାନ୍ଦା ଦେଉଥିବା ମଧ୍ୟ ଚର୍ଚ୍ଚା ଆଲୋଚନା ହେଉଛି। ତେଣୁ ପୋଲିସ ଓ ପରିବହନ ବିଭାଗ ସବୁ ଜାଣି ଶୁଣି ଚୁପ୍ ରହୁଥିବା କଥା ଏକ ପ୍ରକାର ସ୍ପଷ୍ଟ ବାରିହୋଇ ପଡୁଛି। ଫଳରେ ଏହି ଟୁରିଷ୍ଟ ବସ ଗୁଡ଼ିକ ସାଧାରଣ ଯାତ୍ରୀବାହୀ ବସ୍ ଭଳି ଲୋକ ଲଦି ବେଫିକର ଭାବେ ରାଜ୍ୟ ବାହାରକୁ ଚଳାଚଳ କରି ଚାଲିଛି। ତେଣୁ ଏହା ଉପରେ ସ୍ୱତନ୍ତ୍ର ଭାବେ ରାଜ୍ୟ ପରିବହନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମେଣ୍ଡାରେ ଗିରି ଗୋବର୍ଦ୍ଧନ ପୂଜା

**ତରଭା, ୨୩।୧୦(ସମିସ):** ତରଭା ବ୍ଲକ ମେଣ୍ଡାସ୍ଥିତ ଶ୍ରୀଗୋପାଳଜୀ ମଠରେ ଗିରି ଗୋବର୍ଦ୍ଧନ ପୂଜା ରାମଜୀ ମଠ ପୁରୀର ମହନ୍ତ ଶ୍ରୀଶ୍ରୀ ୧୦୮ଶ୍ରୀ ବଂଶୀଧର ମହାରାଜଙ୍କ ଦିଗଦର୍ଶନ ଏବଂ 'ମଠାଧୀଶ ପୁରୁଷୋତ୍ତମ ଦାସଙ୍କ ତତ୍ତ୍ୱାବଧାନରେ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଲକ୍ଷ୍ମୀ ନାରାୟଣ ପୂଜାହାରୀ ଭାଗବତ ପାରାୟଣ ପଠନ, ଅଜିତ ଯୋଶୀ ଗୋପାଳ ସହସ୍ର ନାମ ପଠନ ଏବଂ ମାନସ ପାଣିଗ୍ରାହୀ ମୁଖ୍ୟ ସେବକ କାର୍ଯ୍ୟ ତୁଲାଇଥିଲେ। ପ୍ରଭୁଙ୍କଠାରେ ଛପନ ଭୋଗ ଅର୍ପଣ କରାଯାଇଥିଲା। ଏହି ବର୍ଷ ନବୀନ ପଣ୍ଡା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ମହା ଆଡମ୍ବରରେ ଗୋବର୍ଦ୍ଧନ ପୂଜା ହୋଇଥିବା ବେଳେ ମେଣ୍ଡା ତଥା ପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏବଂ ବହୁ ଦୂର ଦୂରାନ୍ତରୁ ତଥା ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁରରୁ ସାଧୁ ସନ୍ଥ ଗଣ ଯୋଗ ଦେଇଥିଲେ।



## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

**ଶଗଡ଼ା, ୨୩।୧୦(ସମିସ):** ମନମୁଣ୍ଡା ଶଗଡ଼ା ରାସ୍ତାର ଭୋଇ ସାହି ନିକଟରେ ଆଜି ଅପରାହ୍ନ ୨ଟା ସମୟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୂଚନା ଅନୁସାରେ ବିଳାସପୁର ପଟରୁ ଏକ ବାଇକ ଯୋଗେ ଦୁଇ ଜଣ ଯୁବକ ଆସୁଥିବା ବେଳେ ଭୋଇ ସାହି ନିକଟରେ ବାଇକ ସମ୍ମୁଖକୁ ଗଛରୁ ଏକ ମାଙ୍କଡ଼ ଦୌଡ଼ି ଆସିବାରୁ ବାଇକ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଥିବା ବେଳେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଇଥିଲେ। ଆହତ ଯୁବକମାନେ ହେଲେ ଭୋଇ ସାହି ଗ୍ରାମର କୃଷ୍ଣ ଭୋଇ ଓ ଗୁଡଭେଲି ପଦର ଗ୍ରାମର ଜଗା ମେଣ୍ଡିଲି ବୋଲି ଜଣା ପଡ଼ିଛି।

## ଲୁଇସିଙ୍ଗ ଘାଟି ଦୁର୍ଘଟଣା: ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

**ଶଗଡ଼ା, ୨୩।୧୦(ସମିସ):** ହାଇୱା ନେଲା ୩ଜଣଙ୍କ ଜୀବନ ଓ ଗତକାଲି ବୌଦ୍ଧ କନ୍ଧମାଳ ସୀମା ଘଣ୍ଟାପଡ଼ା ଥାନା ଲୁଇସିଂ ଘାଟିରେ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଛି ଓ ୧୦ ଜଣ ଗୁରୁତର ଆହତ ହୋଇଥିବା ଜଣା ପଡ଼ିଛି। ଗତକାଲି ରାତି ଏକ ପିକଅପ୍ ଗାଡ଼ିରେ କୌଣସି ଏକ ରାସ୍ତା କାମ ପାଇଁ ଶ୍ରମିକ ନେଇ ଆସୁଥିବା ବେଳେ ହାଇୱା ଚାପିଦେଇ ଥିଲା ଓ ଘଟଣା ସ୍ଥଳରେ ବିଏସ୍‌ଏଫ୍ ଯବାନ, ପୁଲିସ ଅଗ୍ନିଶମ ବାହିନୀ ଉଦ୍ଧାର କରି କଣ୍ଟାମାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁଇ ଜଣ ଅଧିକ ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୌଦ୍ଧ ଜିଲ୍ଲା ବଣିଗାଁ ପଞ୍ଚାୟତ ଲମକାନୀ ଗ୍ରାମର ଗାଡ଼ି ଚାଳକ ପ୍ରମୋଦ ସାହୁଙ୍କ ମୃତ୍ୟୁ ହୋଇଛି। ଗତକାଲି କଣ୍ଟାମାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଓ ସେମାନେ ସମ୍ବଲପୁର ଜିଲ୍ଲା ଜମନକିରା ଅଞ୍ଚଳର କଳାବତି ସାଏ ଓ ସୁକୁନୀ କିସାନ ବୋଲି ଜଣାପଡ଼ିଛି।

## ବାଇକ୍ ଧକ୍କାରେ ମହିଳା ଆହତ

**ହରଭଙ୍ଗା, ୨୩।୧୦(ସମିସ):** ହରଭଙ୍ଗା ବ୍ଲକ ପୁରୁଣାକଟକ ବଜାରରେ ଗୁରୁବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣେ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ବାଣୀଭୂଷଣପୁର ପଞ୍ଚାୟତ ଠିଡିକାଯୋର ଗ୍ରାମର ପ୍ରଭାସିନୀ ଦେହୁରୀ (୫୫) ନାମକ ଜନୈକ ମହିଳା ପୁରୁଣାକଟକ ବଜାରରେ ରାସ୍ତା ପାର ହେଉଥିବାବେଳେ ଏକ ଅଜଣା ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମହିଳା ଜଣଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଖବର ପାଇ ଅଗ୍ନିଶମବାହିନୀ ଘଟଣସ୍ଥଳରେ ପହଞ୍ଚି ମହିଳା ଜଣଙ୍କୁ ଚିକିତ୍ସା ପାଇଁ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ।

## ଗାଈକୁ ଧକ୍କା ଦେଲା ବାଇକ୍, ଚାଳକ ଆହତ

**ହରଭଙ୍ଗା, ୨୩।୧୦(ସମିସ):** ହରଭଙ୍ଗା ବ୍ଲକ ପୁରୁଣାକଟକ ଭୈରବୀ ମନ୍ଦିର ଛକ ନିକଟରେ ଗାଈକୁ ଏକ ବାଇକ୍ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।ଏଥିରେ କନ୍ଧମାଳ ଜିଲ୍ଲା ଅଞ୍ଚଳର ବାଇକ୍ ଚାଳକ ବାଟାଂନିଧି କହଁର (୪୫) ଆହତ ହୋଇଥିଲେ। ଦୁର୍ଘଟଣାରେ ତାଙ୍କର ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଚିକିତ୍ସା ପାଇଁ ହରଭଙ୍ଗା ଅଗ୍ନିଶମ ବାହୀନୀ ଘଟଣାସ୍ଥଳରୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

## ଏଣିକି 'ଓସ୍ୱାସ' ମାଧ୍ୟମରେ ହେବ ଫାଇଲ କାମ

**ବୌଦ୍ଧ, ୨୩।୧୦(ସମିସ):** ଏଣିକି 'ଓସ୍ୱାସ' ମାଧ୍ୟମରେ ଫାଇଲ୍ କାମ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଭାସୀ ମାଧ୍ୟମରେ ଆୟୋଜିତ ଏକ ବୈଠକରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଆଜି ସନ୍ଧ୍ୟାରୁ ହିଁ ଏହି କାମ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏହି ଆଭାସୀ ବୈଠକରେ ଯୋଡ଼ି ହୋଇଥିଲେ।

## ନାରାୟଣ ପ୍ରସାଦ ପଞ୍ଚାୟତ ପରିଦର୍ଶନ କଲେ ବିଡିଓ

**ଶଗଡ଼ା, ୨୩।୧୦(ସମିସ):** କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡି ଆଜି ନାରାୟଣ ପ୍ରସାଦ ପଞ୍ଚାୟତ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନାରାୟଣ ପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଅନୁଗୁଭା ଗ୍ରାମ ଗସ୍ତ କରି ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଥିବା ଆବାସ ଗୃହ ଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ହିତାଧିକାରୀଙ୍କୁ କହିଥିଲେ। ପରେ ବିଡିଓ ରେ‡ୀ ନାରାୟଣ ପ୍ରସାଦ ହଷ୍ଟେଲ ପରିଦର୍ଶନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ଜୟ ମହନ୍ତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗ, ନାରାୟଣ ପ୍ରସାଦ ସରପଞ୍ଚ, ସମାଜସେବୀ ସତ୍ୟନାରାୟଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧରେ ସାଇବର୍ ସୁରକ୍ଷା ପ୍ରସ୍ତୁତି



**ବୌଦ୍ଧ, ୨୩।୧୦(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଇବର ସୁରକ୍ଷା ସମ୍ପର୍କୀତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନାଙ୍କ ସମେତ ବିଭିନ୍ନ ଭିଭାଗର ଅଧିକାରୀ ଓ ପୁଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଗତ ୧୮ ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ନଭମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାବ୍ୟାପୀ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସାଇବର ସଚେତନତା ରଥ ଜିଲ୍ଲା ପରିକ୍ରମା କରିବ। ଆସନ୍ତା ୨ ତାରିଖ ଦିନ ଏକ ସଚେତନତା ଶୋଭାଯାତ୍ରା ପରିକ୍ରମା କରି ଟାଉନହଲଠାରେ କାର୍ଯ୍ୟକ୍ରମ ଆୟୋଜନ ହେବ। କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### କାଳୀପୂଜାର ତୃତୀୟ ସନ୍ଧ୍ୟା

# 'ମହିଷାସୁରଙ୍କ ସ୍ୱର୍ଗପୁର ଆକ୍ରମଣ' ମଞ୍ଚସ୍ଥ

**କଣ୍ଟାମାଳ, ୨୩।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କଲରାକୋଠା ୟୁଥ୍ ଫ୍ରେଣ୍ଡସ ଆସୋସିଏସନ ଦ୍ୱାରା ଆୟୋଜିତ ୩୭ତମ ଶାରଦୀୟ କାଳୀପୂଜାର ତୃତୀୟ ସନ୍ଧ୍ୟାରେ ମହିଷାସୁର ଦରବାରର ରଙ୍ଗସଭାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, କମେଡି କିଙ୍ଗ ରୂପେଶ ଜୋଜୋ ଓ ରିୟାଙ୍କ ହସ କଥା ଦର୍ଶକଙ୍କୁ ହସର ଖୋରାକ ଯୋଗାଇଥିଲା। ଏଥିସହ ମହିଷାସୁରଙ୍କ ସ୍ୱର୍ଗପୁର ଆକ୍ରମଣ ଓ ଇନ୍ଦ୍ରଙ୍କ ପଳାୟନ, ଶୁମ୍ଭ ନିଶୁମ୍ଭଙ୍କୁ ଇନ୍ଦ୍ରପଦ ରେ ଅବସ୍ଥାପିତ ଏବଂ ସମୁଦ୍ର ମନ୍ଥନରୁ ଜାତ ସମସ୍ତ ପଦାର୍ଥ ଉଚ୍ଚଶ୍ରବା ହସ୍ତୀ, ଅମୃତ କଳସ ଏବଂ ରମ୍ଭା ମେନକାଙ୍କୁ ବଳପୂର୍ବକ ହାତେଇବା ଆଦି ନାଟକ ମଞ୍ଚସ୍ଥ ହୋଇଛି। ତୃତୀୟ ସନ୍ଧ୍ୟାରେ ଆୟୋଜିତ ମହିଷାସୁର ଦରବାରରେ ରାଜକୀୟ ଅତିଥିଭାବେ ସାମ୍ବାଦିକ ଜୟ କୁମାର ମହାରଣା, ଆଇନଜୀବୀ ମଣ୍ଟୁ ସାହୁ, ପଶ୍ଚିମ ଓଡ଼ିଶାର ହାସ୍ୟକାର ରୂପେଶ ଜୋଜୋ ଓ ରିୟା ପ୍ରମୁଖ ଯୋଗଦେଇଥିଲେ। ରଙ୍ଗସଭାକୁ ଧାରଣୀସେନ ସାହୁ ପରିଚାଳନା କରିଥିବାବେଳେ କମିଟି ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ପ୍ରକାଶ ରଣା ପ୍ରମୁଖ ସହଯୋଗ କରିଥିଲେ। ମହିଷାସୁର ଭୂମିକାରେ ଅଭିନୟ କରିଥିଲେ ସୁଶୀଲ କୁମାର ମେହେର। ମହାମନ୍ତ୍ରୀ ଭୂମିକାରେ ଦଶରଥ ଦନ୍ତା, ସେନାପତି /ଚକ୍ଷୁର - ଭାଗିରଥି ହୋତା, ଶୁମ୍ଭ - ରାମ ଗୋପାଳ ପୁରୋହିତ, ନିଃଶୁମ୍ଭ ସାତ୍ତ୍ୱିକ ମୁଗୁରି, ସୁରେଶ ମେହେର- ନାରଦ ଓ ନରସିଂହ ରଥ -ଇନ୍ଦ୍ର, ଉମାକାନ୍ତ ହାତୀ -ପ୍ରହରୀ, କାଞ୍ଚନ ଲୁହା -ଦୁର୍ଗା, ପାଟରାଣୀ ଇନ୍ଦ୍ରାବତୀ- ବେବିନା ସମେତ ଟୁଇଙ୍କିଲି, ପୂଜା, କୃତିକା ଆଦି ଅଭିନୟ କରିଥିଲେ। ପୋଲିସ ଓ ପୂଜା କମିଟି ସଦସ୍ୟଙ୍କ ଉଦ୍ୟମରେ ଶାନ୍ତିଶୃଙ୍ଖଳାର ସହିତ ଦର୍ଶକ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ।

# ଚମ୍ପାଦେଇପୁର କ୍ଲଷ୍ଟରସ୍ତରୀୟ 'ସୁରଭି'

**ଲାଞ୍ଜିଗଡ଼, ୨୩।୧୦(ସମିସ):** ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯୋଡାବନ୍ଧ ଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ଯୋଗଦେଇ ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜଳଦେବ ମୁଣ୍ଡ, ସମ୍ମାନିତ ଅତିଥିଭାବେ ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀ, କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ, ଗୁଣମଣି ଭୋଇ, ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ, ସନ୍ତୋଷ ତୁଳ ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପଦ୍ମଲୋଚନ ସୁନା, ବରିଷ୍ଠ ଶିକ୍ଷକ ଜି ଶଙ୍କର ଦାସ, ଶୋଭାବନ ଛତର ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ କ୍ଲଷ୍ଟର ସଂଯୋଜକ ଶ୍ରୀ ସାହୁଙ୍କ ଏକ ଅଭିନବ ପ୍ରୟାସ ଦେଖିବାକୁ




ମିଳିଥିଲା। ଅତିଥିଙ୍କୁ ଉତ୍ତରୀୟ ଏବଂ ଫୁଲଗଛ ଦେଇ ସ୍ୱାଗତ କରାଯାଇଥିଲା। ଆୟୋଜିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ମାଝୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ସୁବାଷ ନାୟକ ସଭା ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ କାର୍ତ୍ତିକ ସେଠି, ପ୍ରେମରାଜ ନାୟକ, ତିଲୋତ୍ତମା ଦଲେଇ, ଗଣେଶ ଠେଲା, ରତ୍ନାକର ପାତ୍ର, ମହେନ୍ଦ୍ର ପୋଢ଼, ବିଶିକେଶନ ଦୋରା, ରୁନି ସାହୁ, ଜୟଶ୍ରୀ ସ୍?ଇଁ, ହରିଶ୍ଚନ୍ଦ୍ର ପ୍ରଧାନୀ, ହରି ଚଣ୍ଡି, ଚନ୍ଦନ ସାହୁ, ଅଶୋକ ଦାସ, ରତିକାନ୍ତ ସେଠି, ନରୋତ୍ତମ ନାଗ, ପୁରନ୍ଦର ନାୟକ, ନିର୍ମଳା କାଟରକା, ସମର ବିଶ୍ୱାଳ, ନୀଳାମ୍ବର ବାଗ, କାର୍ତ୍ତିକ ଦାସ, ଧୀରେନ୍ଦ୍ର ପ୍ରଧାନଙ୍କ ସମେତ କ୍ଲଷ୍ଟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଲାଞ୍ଜିଗଡ଼ରୋଡ଼ କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି।

# ଗୋଲାମୁଣ୍ଡା ବ୍ଲକ୍‌ରେ ନୂତନ ଭତ୍ତା ବଣ୍ଟନ




**ଗୋଲାମୁଣ୍ଡା, ୨୩।୧୦ (ସମିସ):** ଗୋଲାମୁଣ୍ଡା ବ୍ଲକ ସଭାଗୃହରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବ୍ଲକର ୨୮ଟି ପଞ୍ଚାୟତର ୩୧୦ ଜଣ ହିତାଧିକାରୀଙ୍କୁ ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି।ଉକ୍ତ କାର୍ଯ୍ୟକ୍ରମରେ ବିଡ଼ିଓ ତ୍ରିପୁରା ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବିହାରୀ, ଖଲିଆପାଲି ସରପଞ୍ଚ ଜିମୂତ ବାହାନ ହରପାଳ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ, କୁହୁରା ସରପଞ୍ଚ ପିଙ୍କି ତାଣ୍ଡି, ଉଦେସୁରୁଙ୍ଗ ସରପଞ୍ଚ ନାରାୟଣ ଅଘରିଆ, ମହାଲିଙ୍ଗ ସମିତି ସଭ୍ୟ କିରଣ ସିଂ, ସମାଜ ସେବୀ ଶାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ। ପୂର୍ବରୁ କଳାହାଣ୍ଡି ଜିଲ୍ଲାରେ ଗୋଲାମୁଣ୍ଡା ବ୍ଲକ ଭତ୍ତା ପ୍ରଦାନରେ ବହୁ ପଛରେ ଥିବାବେଳେ ବ୍ଲକ ଅଧ୍ୟକ୍ଷ ଭାବେ ଶ୍ରୀ ମହାନନ୍ଦ ଯୋଗଦାନ ପରେ ଗାଁ ଗାଁ ବୁଲି ଲୋକଙ୍କ ଅଭିଯୋଗ ଶୁଣି ବହୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ କ୍ରମଶଃ ଭତ୍ତା ପ୍ରଦାନ କରି ଗୋଲାମୁଣ୍ଡା ବ୍ଲକ ଭତ୍ତା ପ୍ରଦାନ କରିଛନ୍ତି। ବ୍ଲକକୁ ଆସି ପାରିନଥିବା ହିତାଧିକାରୀଙ୍କୁ ତାଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରିବାକୁ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରକାଶ ଥାଉକି ସର୍ବ ପ୍ରଥମେ ଦିବ୍ୟାଙ୍ଗ, ପରିତ୍ୟକ୍ତା, ତୃତୀୟ ଲିଙ୍ଗ, ବିଧବା ମାଁ ମାନଙ୍କୁ ଗୁରୁତ୍ୱ ଦେଇ ଭତ୍ତା ଅନୁମୋଦନ କରାଯାଇଛି, ଜିଲ୍ଲାରେ ସର୍ବାଧିକ ଗୋଲାମୁଣ୍ଡା ବ୍ଲକରେ ଅନୁମୋଦନ ହୋଇଛି।

# ଆଶାରେ ରହିଗଲା ଆଶା ଦିଦିଙ୍କ ଆଶା

**କଲମପୁର, ୨୩।୧୦(ସମିସ)**

କାମ ଧନ୍ଦାରେ ମନ ବଳେଇଲେ ନାହିଁ, ଇତସ୍ତତଃ ଭାବେ ଘୁରି ବୁଲିଲେ ସ୍ୱାମୀ ଲଳିତ ମୋହନ ନାଏକ। ରୋଜଗାର କହିଲେ କିଛି ନାହିଁ, ପୁଣି ଘରେ ପଡ଼ି ରହିଛି ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ଶିଶୁ ପୁତ୍ର। ଆର୍ଥିକ ଅନାଟନରୁ ମୁକୁଳିବା ପାଇଁ ବାଧ୍ୟ ହୋଇ ବାହାରି ପଡ଼ିଲେ ସ୍ତ୍ରୀ ସ୍ୱର୍ଣ୍ଣଲତା ନାଏକ, କାମ

## ଭଣ୍ଡାଇ ଦେଲା ନିଜସ୍ୱ ବିଭାଗ
## ପୁଅ, ସ୍ୱାମୀ ପାଇଲେନି ସହାୟତା
## ଦୟନୀୟ ଅବସ୍ଥାରେ କଟୁଛି ଜୀବନ

ଅନ୍ୱେଷଣରେ ବାହାରି ବହୁ କଷ୍ଟରେ ପାଇଲେ କଳାହାଣ୍ଡି ଜିଲ୍ଲା କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶା ଦିଦି ପଦବୀ। ଆଶା ଦିଦି ପଦବୀ ନିଯୁକ୍ତି ହେବା ସହିତ ତାଲିମ ଯାଇ ଫେରିକାମରେ ଯୋଗ ଦେଲେ। କିଛି ମାସ କାମ କରି କୌଣସି ପ୍ରକାରେ ପରିବାର ପ୍ରତିପୋଷଣ କରି ଆସୁଥିବା ବେଳେ ହଠାତ ମାଡି ଆସିଲା କରୋନା ମହାମାରୀ। ସ୍ୱର୍ଣ୍ଣଲତାଙ୍କୁ ଓ ତାଙ୍କ ସହକର୍ମୀଙ୍କୁ ଆଗ ଧାଡିର କରୋନା ଯୋଦ୍ଧା ଭାବେ ନିଜସ୍ୱ ବିଭାଗ ନିୟୋଜିତ କରିଦେଲା। ଅଙ୍ଗନବାଡି କର୍ମୀ ଓ ଆଶା ଦିଦି ମିଶି ଘର ଘର ବୁଲି କରୋନା ସଚେତନତା କରିବା ସହିତ ରିପୋର୍ଟ ସଂଗ୍ରହ କରି ବୁଲିଲେ। ଏଭଳି କାର୍ଯ୍ୟ କରୁଥିବା ବେଳେ ହଠାତ ଆଶା ଦିଦି ସ୍ୱର୍ଣ୍ଣଲତାଙ୍କ ଦେହ ଅସୁସ୍ଥ ହୋଇ ପଡ଼ିଲା। ସ୍ୱର୍ଣ୍ଣଲତା ନିଜେ କାମ କରୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହେଲେ। ଡାକ୍ତର ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତର କରିଦେଲେ। ଚିକିତ୍ସାଧିନ ଅବସ୍ଥାରେ ହିଁ ସେଠାରେ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁ ଘଟିଲା, ଚଡକ



ପଡ଼ିଲା ସ୍ୱାମୀ ଲଳିତ ମୋହନ ନାଏକ ଓ ଶିଶୁପୁତ୍ର ଜିତଙ୍କ ଉପରେ। ମୃତା ସ୍ୱର୍ଣ୍ଣଲତାଙ୍କର ପରିବାର କହିଲେ ସ୍ୱାମୀ ଓ ଶିଶୁପୁତ୍ର ତିନି ପ୍ରାଣୀ କୁଟୁମ୍ବ।ସେଥିରେ ଏକମାତ୍ର ରୋଜଗାର କ୍ଷମ ସ୍ତ୍ରୀ ସ୍ୱର୍ଣ୍ଣଲତା ସ୍ୱାମୀ ଲଳିତ ଓ ଶିଶୁପୁତ୍ରକୁ ଛାଡ଼ି ଆରପାରିକୁ ଚାଲିଗଲେ।ଯେ ଥିଲା ୨୦୨୦ମସିହାର ଘଟଣା, ଲଳିତ କୌଣସି ପ୍ରକାରେ ନିଜକୁ ସମ୍ଭାଳି ନେଇ ବଞ୍ଚିବାକୁ ପ୍ରୟାସ କଲେ, ଲଳିତ ଦାହ ସତ୍କାର ପରେ ଲୋକଙ୍କ ସହାୟତାରେ ସାମାଜିକ ବିଧିବିଧାନ କାର୍ଯ୍ୟ ତୁଟାଇ ସରକାରୀ ସହାୟତା ପାଇଁ ବାରମ୍ବାର ଦୌଡି ବୁଲିଲେ, ବହୁ କାକୁତି ମିନତି ପରେ ବିଭାଗ ଏକଲକ୍ଷ ଟଙ୍କା ସହାୟତା ପ୍ରଦାନ କଲେ। ଏବେ ସେହି ବିଭାଗ ସହାୟତା ପାଇଁ ନିବେଦନ କଲେବି ଧରାଛୁଆଁ ଦେଉ ନାହିଁ। କରୋନା କାର୍ଯ୍ୟକ୍ରମରେ ନିୟୋଜିତ



ଥାଇ କରୋନାରେ ମୃତ୍ୟୁ ବରଣ କରିଥିବା କର୍ମଚାରୀଙ୍କ ପାଇଁ ସରକାର ସେତେବେଳେ ୨୫ ଲକ୍ଷ ସହାୟତା ଘୋଷଣା କରିଥିଲେ। କିନ୍ତୁ ଆଶା ଦିଦି ସ୍ୱର୍ଣ୍ଣଲତାଙ୍କ ବେଳକୁ ଏହି ଯୋଜନା ଅପହଞ୍ଚ ହୋଇ ଯାଇଛି। ଫଳରେ ସ୍ୱାମୀ ଲଳିତ ଓ ଶିଶୁପୁତ୍ର ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ସ୍ୱାଇଁ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶଗଡ଼ିଆ ବାବୁ ସେ କାମ କରୁନଥିଲା ବୋଲି ସଫେଇ ଦେଇଛନ୍ତି। ଯଦି ସେ କାମ କରୁନଥିଲା ତେବେ ତାଙ୍କର ସହକର୍ମୀ ଆଶା ଦିଦିମାନେ ସେ କାମ କରୁଥିଲା ଓ ଆମ ସହିତ ତାଲିମ ନେଇଥିଲା କାହିଁକି କହୁଛନ୍ତି। ତାଙ୍କୁ ବିଭାଗ ଦେଇଥିବା ପରିଚୟପତ୍ର କୌଶଳକ୍ରମେ ଛଡାଇ ନିଆଗଲା କାହିଁକି, ଆଶା ଦିଦି ସ୍ୱର୍ଣ୍ଣଲତାଙ୍କ ପୁଅ ଓ ସ୍ୱାମୀଙ୍କ ବିଭାଗ ଏକଲକ୍ଷ ଟଙ୍କା ଯୋଗାଇ ଦେଲେ କିପରି ଏଭଳି ଅନେକ ସମାହିତ ପ୍ରଶ୍ନର ଉତ୍ତର କାହାରି ପାଖରୁ ମିଳି ପାରୁନାହିଁ। ଏନେଇ ଯଶୋବନ୍ତ ରଣା ନାମକ ଜନୈକ ସ୍ୱେଚ୍ଛାସେବୀ କଳାହାଣ୍ଡି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲାପାଳ ମଧ୍ୟ ଏକ କମିଟି ଗଠିତ ହୋଇ ଏହାର ତଦନ୍ତ କରାଯିବ ବୋଲି କହିଥିବା ଶ୍ରୀ ରଣା ମତ ପ୍ରକାଶ କରିଛନ୍ତି। ତେବେ ଏହାର ତଦନ୍ତ ହୋଇ ଫଳାଫଳ କେବେ ବାହାରିବ ଓ ଆଶା ଦିଦି ସ୍ୱର୍ଣ୍ଣଲତାଙ୍କ ଆତ୍ମାକୁ ଶାନ୍ତି କେବେ ମିଳିବ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ଉଫୁଲା ଶ୍ୟାମାକାଳୀ ପୂଜା ଭସାଣି ଶୋଭାଯାତ୍ରା

**ବୀରମହାରାଜପୁର, ୨୩।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମରେ ହେଉଥିବା ମା' ଶ୍ୟାମାକାଳୀଙ୍କ ଆଜି ଭସାଣି ଉତ୍ସବ ଉଦ୍‌ଯାପିତ ହୋଇଛି। ଯୁବ ଶକ୍ତି କ୍ଲବ୍ ଆନୁକୂଲ୍ୟରେ ଗତ ତିନିଦିନ ଧରି ମା ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ମହିଳା ଦଣ୍ଡ, ଢୋଲ ପ୍ରତିଯୋଗିତା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଫୁଲା ଯୁବଶକ୍ତି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ପୂଜା ଏଥର ୪୨ବର୍ଷ ରେ ପଦାର୍ପଣ କରିଥିବା ବେଳେ ଏ ବର୍ଷ ପୂଜାରେ ଅର୍ଜୁନ ପଣ୍ଡା ପୂଜକ, ଅଚ୍ୟୁତାନନ୍ଦ ସହୁ ଓ ତାଙ୍କ ଧର୍ମ ପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯୁବଶକ୍ତି କ୍ଲବ୍‌ର ସଭାପତି ପ୍ରଫୁଲ୍ଲ ଡାଙ୍ଗ, ସମ୍ପାଦକ ଗୋପୀନାଥ କର୍ଣ୍ଣ, ଉପଦେଷ୍ଟା ଦିଲ୍ଲୀପ ଡାଙ୍ଗ, ଗୁପ୍ତେଶ୍ୱର ପଧାନଙ୍କ ସହ କ୍ଲବ୍‌ର ସମସ୍ତ ସଦସ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭସାଣି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ବେଲପାହାଡ଼ରେ ସମଲେଇ ମନ୍ଦିର ପ୍ରତିଷ୍ଠା ପାଇଁ ସାମ୍ବାଦିକ ସମ୍ମିଳନୀ



ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ସମତା ବଜାରପଡାରେ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମନ୍ଦିରର ସ୍ଥାୟୀ କମିଟି ସହ ମନ୍ଦିର ପ୍ରତିଷ୍ଠା କମିଟି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଧୁମଧାମରେ ମାଁ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ହେବ ବୋଲି କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ନଭେମ୍ବର ୧୧ ମଙ୍ଗଳବାର କଳସ ଯାତ୍ରା ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ, ବୁଧବାର ସୂର୍ଯ୍ୟପୂଜା, ଧାନ୍ୟଭିଷେକ, ଅନ୍ନାଭିଷେକ, ସ୍ନାନମଣ୍ଡପରେ ଦେବତା ସ୍ନାନ, ପ୍ରାଣ ପ୍ରତିଷ୍ଠା, ପାଶ୍ୱର୍ ଦେବତା ଆବାହନ, ଉପସ୍ତର ଏବଂ ଚଣ୍ଡୀପାଠ, ଗୁରୁବାର ସୂର୍ଯ୍ୟପୂଜା, ବିଷ୍ଣୁ ସହସ୍ରନାମ ଏବଂ ଚଣ୍ଡୀପାଠ, ଆରତି ଓ ପୁଷ୍ପାଞ୍ଜଳି, ଶୁକ୍ରବାର ସୂର୍ଯ୍ୟପୂଜା, ଶିଖର ସ୍ନାନ, ଧ୍ୱଜାରୋହଣ ଏବଂ ଚଣ୍ଡୀପାଠ, ଗର୍ଭଗୃହରେ ମାଁଙ୍କ ପ୍ରବେଶ, ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ ହେବ। ପଣ୍ଡିତ ଡ.ପ୍ରଦୀପ ମିଶ୍ର ପୂଜାର୍ଚ୍ଚନା ଏବଂ ମୁଖ୍ୟ କର୍ତ୍ତା ଭାବେ ଗୋପୀନାଥ ବେହେରା ଦାୟିତ୍ୱ ତୁଲାଇବେ। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# କାୟସ୍ଥ କରଣ ସମାଜ ପକ୍ଷରୁ ଭଗବାନ ଚିତ୍ରଗୁପ୍ତଙ୍କ ପୂଜା



ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ପୌରପରିଷଦ ସ୍ଥିତ କାଳୀ ମନ୍ଦିର ପରିସରରେ କାୟସ୍ଥ କରଣ ସମାଜ ପକ୍ଷରୁ ଭଗବାନ ଶ୍ରୀ ଚିତ୍ରଗୁପ୍ତଙ୍କ ପୂଜା ବହୁ ଆଡମ୍ବର ସହିତ ହୋଇଯାଇଛି। ପରେ କାୟସ୍ଥ କରଣ ସମାଜ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଡ.ଦିଲୀପ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକର ମଞ୍ଚରେ କରଣ ସମାଜର ସଭାପତି ଶ୍ରୀ ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ପ୍ୟାରେଲାଲ ଶ୍ରୀବାସ୍ତବ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପୂର୍ବତନ ବିଧାୟିକା ଦିପାଳୀ ଦାଶ, ନେତାଜୀ ପଟ୍ଟନାୟକ, ତାପସରାୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କିଶୋର ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପିଏମ ସ୍କୁଲର ୨ ଛାତ୍ରୀ ରାଜ୍ୟସ୍ତରୀୟ କବାଡ଼ିକୁ ମନୋନୀତ



ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଭଇଁରଖୋଲ ସ୍ଥିତ ବିପିଏମ ହାଇସ୍କୁଲ ଭଇଁରଖୋଲର ୨ ଜଣ ଛାତ୍ରୀ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଦଶମ ଶ୍ରେଣୀର ଛାତ୍ରୀ ମନୀଷା ମୁଣ୍ଡା ଏବଂ ଅନିମା ମୁଣ୍ଡା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଏହି ସଫଳତା ହାସଲ କରିଛନ୍ତି। ତାଙ୍କ ସଫଳତାରେ ବିପିଏମ ହାଇସ୍କୁଲ ସହ ଭଇଁରଖୋଲ ଅଞ୍ଚଳକୁ ଗର୍ବିତ କରିଥିବାରୁ ଆଜି ଉଭୟ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ଶିକ୍ଷକ ଭାବଗ୍ରାହୀ ସାହୁ ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ଆରତି ଡିଗୀ, ଖେଳ ଶିକ୍ଷୟିତ୍ରୀ ସୁମିତା ସେଟଙ୍କ ସହ ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ଦିବ୍ୟରଞ୍ଜନ ବାରିକ, ସିସିମା ବିଶ୍ୱାଳ, ରିତୁ ବିଶ୍ୱାଳ, ସରୋଜ ପ୍ରଧାନ, ହେମକାନ୍ତି ବାରିକ, ପର୍ଶୁରାମ ସା, ବୁଇ ସା, ଦ୍ରୋପଦୀ ଖିଲେଇ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଉଭୟ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା**

# ବିଜେପିର ଅଭିଯୋଗକୁ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଖଣ୍ଡନ



- ମଞ୍ଚ ପକ୍ଷରୁ ଦେବଗଡ଼ବାସୀଙ୍କ ହକ୍‌ର ଲଢ଼େଇକୁ ଦେଖି ବିଜେପି ଛାନିଆ
- ଯୁବ ଏକତା ମଞ୍ଚକୁ ଭାଙ୍ଗିବାର ପ୍ରୟାସକୁ ନିନ୍ଦା କଲା ମଞ୍ଚ

ଦେବଗଡ଼,୨୩।୧୦(ସମିସ):

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠା ସ୍ଥାନାନ୍ତର ହେବା ଦିନ ଠାରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଛି। ଏହି ଦାବିକୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚର ଆହ୍ୱାନ କ୍ରମେ ବିଭିନ୍ନ ସଙ୍ଗଠନ ଏବଂ ରାଜନୈତିକ ଦଳ ସମର୍ଥନ ଦେଉଛନ୍ତି। ବିଜେଡିରୁ ପ୍ରତିନିଧିତ୍ୱ କରୁଥିବା ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଧ୍ୟ ଦୃଢ଼ ସମର୍ଥନ ଦେଇ ଆସୁଛନ୍ତି। ମାତ୍ର ମଙ୍ଗଳବାର ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ବିଜେପି ଏକ ସାମ୍ବାଦିକ ସମ୍ମିଳନୀ କରିଥିଲା। ଏଥିରେ ବିଧାୟକ ଶ୍ରୀ ବିଶ୍ୱାଳ ଶସ୍ତା ଲୋକପ୍ରିୟତା ପାଇଁ ଲୋକଙ୍କୁ ଉସକାଇ ହୀନ ରାଜନୀତି କରୁଥିବା ଅଭିଯୋଗ ହୋଇଥିଲା। ତେବେ ବିଜେପିର ଏଭଳି ଅଭିଯୋଗକୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଖଣ୍ଡନ କରାଯାଇଛି। ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି। ଜିଲ୍ଲାବାସୀଙ୍କୁ ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ଜିଲ୍ଲା ଯୁବ ଏକତା ମଞ୍ଚର ଦାବି। ଏହାକୁ ଯେକୌଣସି ରାଜନୈତିକ ଦଳ କିମ୍ବା ବ୍ୟକ୍ତି ବିଶେଷ ସମର୍ଥନ କଲେ ତାଙ୍କୁ ମଞ୍ଚ ସ୍ୱାଗତ ଜଣାଇବ ବୋଲି ମଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇଛି। କୌଣସି ବ୍ୟକ୍ତି ବିଶେଷଙ୍କର ପ୍ରରୋଚନାରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କାଉନସିଲର ଶ୍ରୀ ଦେବତା ପ୍ରକାଶ କରିଥିଲେ। ଏହାସହ ବିଜେପି ଶସ୍ତା ରାଜନୀତି ପାଇଁ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏଭଳି ହୀନ ମନ୍ତବ୍ୟ ରଖିଥିବା ଅଭିଯୋଗ କରିଥିଲେ। ବିଜେପି ମିଥ୍ୟା ଅପପ୍ରଚାର କରି ଯୁବ ଏକତା ମଞ୍ଚର ମନୋବଳ ଏବଂ ଏକତାକୁ ଭଣ୍ଡୁର କରିବାକୁ ଚେଷ୍ଟା କରୁଥିବା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହର ଠାରୁ ପ୍ରାୟ ୬ କିମି ଦୂରକୁ ସ୍ଥାନାନ୍ତର ହୋଇଥିବା ବେଳେ ବିଜେଡିର ମନମାନି ପାଇଁ ଏଭଳି ହୋଇଥିବା ବିଜେପି ଅଭିଯୋଗ ଆଣିଥିଲା। ତେବେ ସେତେବେଳେ ବିଜେପିର ବିଧାୟକ ଏବଂ ସାଂସଦ ଦେବଗଡ଼ରୁ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ କାହିଁକି ମୁହଁ ଖୋଲିଲେ ନାହିଁ ବୋଲି ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି।

ସେହିପରି ଜିଲ୍ଲା ଯୁବ ଏକତା ମଞ୍ଚ କୌଣସି ଦଳକୁ ଆକ୍ଷେପ କରୁ ନଥିବା ବେଳେ ବିଜେପି କାହିଁକି କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି ପ୍ରକାଶ କରିଥିଲେ। ପୁଣି ଜିଲ୍ଲା ଯୁବ ଏକତା ମଞ୍ଚ ଯେବେ ପୁରୁଣା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ପାଇଁ ଆନ୍ଦୋଳନକୁ ବାହାରିଲା ବିଜେପି ଦଳର ଜିଲ୍ଲା ସଭାପତି ଅରୁଣ ସାହୁ, ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ, ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜଙ୍କ ସମେତ ବହୁ ନେତୃବୃନ୍ଦ ସମର୍ଥନ ଜଣାଇଥିଲେ। ସେହି ଦାବି ନେଇ ଜିଲ୍ଲା ନାଗରିକ କମିଟି ପ୍ରଥମେ ଏକ ବୈଠକ ଆୟୋଜନ କରିଥିଲା। ବୈଠକର ମୁଖ୍ୟ ପୁରୋଧା କମିଟି ସଭାପତି ସୁଶିଲ କପରଦାର ଏବଂ ସମ୍ପାଦକ ସୁଧିର କପରଦାର ରହିଥିଲେ। କିନ୍ତୁ ସୁଧିର କପରଦାର କେଉଁ ସ୍ୱାର୍ଥ ପାଇଁ ଏବେ ଆନ୍ଦୋଳନକୁ ବାରମ୍ବାର ଭଣ୍ଡୁର ପାଇଁ ଚେଷ୍ଟା କରୁଛନ୍ତି ବୋଲି ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି। ଆନ୍ଦୋଳନ କୌଣସି ଦଳର ନୁହେଁ ବରଂ ଦେବଗଡ଼ବାସୀଙ୍କ ହକର ଲଢ଼େଇ। ସେଥିପାଇଁ କାଦୁଅ ଫିଙ୍ଗା ରାଜନୀତି ନକରିବାକୁ ଶ୍ରୀ ଦେବତା ପ୍ରକାଶ କରିଛନ୍ତି।

# ଧନଲକ୍ଷ୍ମୀ ପୂଜାରେ ଜିଲ୍ଲାପାଳ ବାଣ୍ଟିଲେ ଅନ୍ନ ପ୍ରସାଦ





ଦେବଗଡ଼,୨୩।୧୦(ସମିସ): ଦେବଗଡ଼ ପୌରାଞ୍ଚଳ ଗୁରୁସାହି ସ୍ଥିତ ବାପୁଜୀ କ୍ଲବ୍ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଧନଲକ୍ଷ୍ମୀ ପୂଜା ଆୟୋଜନ କରାଯାଇଛି। ଗତ ୨୧ ତାରିଖ ଠାରୁ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେଉଥିବା ପୂଜାରେ ପୂଜକ ଭାବେ ଅମୀୟ ପଣ୍ଡା ଦାୟିତ୍ୱ ତୁଲାଉଥିବା ବେଳେ କର୍ତ୍ତାଭାବେ ପ୍ରଭାସ ଗିରି ଓ ତାଙ୍କ ଧର୍ମପତ୍ନୀ ଦୀପିକା ଗିରି ଦାୟିତ୍ୱ ତୁଲାଉଛନ୍ତି। କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଆଜି ତୃତୀୟ ଦିବସରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ରାସ୍ତା ଓ ଗୃହ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ବନଖଣ୍ଡ ଅଧିକାରୀ ରଶ୍ମି ଜି, ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ, ବରିଷ୍ଠ ନେତା ଉମା ଶଙ୍କର ସାହୁ ଓ ରାଜକିଶୋର ଦାଶ ଯୋଗ ଦେଇ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରିଥିଲେ। ଆସନ୍ତାକାଲି ମଧ୍ୟ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ଅନ୍ନ ଓ କ୍ଷୀରି ପ୍ରସାଦ ବଣ୍ଟନର କାର୍ଯ୍ୟକ୍ରମ ରହିଛି। ଆୟୋଜନରେ କମିଟିର ସଭାପତି ସତ୍ୟ ନାରାୟଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଦାସ, ସମ୍ପାଦକ ତୁଷାର କାନ୍ତ ନନ୍ଦ, ସହ ସମ୍ପାଦକ ପ୍ରଭାତ ଗିରି, କୋଷାଧ୍ୟକ୍ଷ ମଦନ ମୋହନ ବେହେରା ଓ ସହ କୋଷାଧ୍ୟକ୍ଷ ଶୁଭାଂଶୁ ଶେଖର ଗିରି ପ୍ରମୁଖ ସହଯୋଗ କରୁଛନ୍ତି।

## ଭିତରପଦରେ ଧନଲକ୍ଷ୍ମୀ ପୂଜା

ଦେବଗଡ଼: ରିଆମାଳ ବ୍ଲକ୍ ଅଧୀନ ଭିତରପଦ ଠାରେ ମାଁ ଧନଲକ୍ଷ୍ମୀ ପୂଜା ଗତ ମଙ୍ଗଳବାର ଠାରୁ ମହାସମାରୋହରେ ଆଗେଇ ଚାଲିଛି। କମିଟିର ସଭାପତି ଏପୁନ୍ ପ୍ରଧାନ ଓ ସମ୍ପାଦକ ଲିକୁ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଛି। ସମାଜସେବୀ ଲୋକନାଥ ପ୍ରଧାନ ଓ ଧର୍ମପତ୍ନି ମୈଥିଳୀ ପ୍ରଧାନ ପୂଜାର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସୁରିୟା ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନା କରିଥିଲେ। ଦେବିଟୁଆ ଝରଣା ଠାରେ ବରୁଣ ଦେବତାଙ୍କୁ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଦୁଲ୍‌ଦୁଲି ବାଜା ଓ ତେଲିମୁଣ୍ଡା ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଗତକାଲି ସନ୍ଧ୍ୟାରେ ପାତ୍ରପଡା ସହିତ କଙ୍କରପାଲ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ମଧ୍ୟରେ ସଙ୍କୀର୍ତ୍ତନ ବାଦ ହୋଇଥିଲା। ରାତ୍ରୀରେ ତାଲଚେର ସୁଲେଇପାଲର ଦଣ୍ଡ ନୃତ୍ୟ ଦେଖିବାକୁ ମିଳିବ ଓ ଆସନ୍ତା କାଲି ପୂର୍ଣ୍ଣାହୁତି ପୂଜନ ସମାପନ ହେବ। ପ୍ରତ୍ୟେକ ଦିନ ମଧ୍ୟାହ୍ନରେ କମିଟି ପକ୍ଷରୁ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଉଛି। ଉପଦେଷ୍ଟା କମିଟି ସଭାପତି ତ୍ରିପୁରା ଦେହୁରୀ, କୋଷାଧ୍ୟକ୍ଷ ଦେବେନ୍ଦ୍ର ସାହୁ, ମୁନା ମହାରଣା, ଫଣିନ୍ଦ୍ର ପ୍ରଧାନ, ମହେଶ୍ୱର ସାହୁ, ରମେଶ ସାହୁ, ଅନିଲ ମାଝୀ, ମାମୁନ ଦେହୁରୀ, ଅଶୋକ ସାହୁ, ଉତ୍ତମ ପ୍ରଧାନ, ବିଜୟ ମହାରଣା, ଅମୂଲ୍ୟ ପ୍ରଧାନ, ଗଣେଶ୍ୱର ପ୍ରଧାନ, ଦୁଲୁ କୁମୁରା, ଓ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫

ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ସହର ସ୍ଥିତ ଏମ୍‌ସିଏଲ ଅଡିଟୋରିୟମରେ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ରାଘବେନ୍ଦ୍ର ରେଡ୍ଡୀ ଏହାର ଅଧ୍ୟକ୍ଷତା କରିଥିଲେ। ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ସୋସିଆଲ ମିଡିଆ ବ୍ୟବହାର କରିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ ଏବଂ କୌଣସି ସାଇବର



ଠକେଇ ହେଲେ ୧୯୩୦କୁ ତୁରନ୍ତ କଲ କରନ୍ତୁ ବୋଲି ଜିଲ୍ଲାପାଳ କହିଛନ୍ତି। ନିଜ ପାସୱାର୍ଡକୁ ଦୃଢ଼ ରଖିବା ସହ କାହାକୁ ସେୟାର କରନ୍ତୁ ନାହିଁ ବୋଲି ଏସପି କହିଛନ୍ତି। ସେହିପରି ମୋବାଇଲରେ ନିଜ କିମ୍ବା ସମ୍ପର୍କୀୟଙ୍କ ଅନ୍ତରଙ୍ଗ ଫଟୋ ଓ ଭିଡ଼ିଓ ସେୟାର କରନ୍ତୁ ନାହିଁ। କୌଣସି ସାଇବର ଧମକ ଆସିଲେ ପୁଲିସରେ ରିପୋର୍ଟ କରନ୍ତୁ। ଗେମିଂ ଆପ୍ଲିକେସନରୁ ଦୂରେଇ ରହିବା ସହିତ ଅଜଣା ୟୁପିଆଇ ଲିଙ୍କରେ କ୍ଲିକ କରନ୍ତୁ ନାହିଁ ବୋଲି ଏସପି କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଓଏସଏପି କମାଣ୍ଡାଣ୍ଟ ପ୍ରସାଦ ତମଙ୍ଗ, ଅତିରିକ୍ତ ଏସପି ମଧୁସିକ୍ତା ମିଶ୍ର, ଅତିରିକ୍ତ ଏସପି ଜେମ୍ସ ସାମଦ, ଝାରସୁଗୁଡା ଏସଡିପିଓ ଉମା ଶଙ୍କର ସିଂ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପଧାନ, ଏସଡିପିଓ ଜ୍ୟୋତ୍ସ୍ନାମୟୀ ପ୍ରଧାନଙ୍କ ସହ ବିଭିନ୍ନ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହିଳାଙ୍କ ଶବ ବୋହି ଅନ୍ତିମ ସଂସ୍କାର କଲେ ଯୁବ ନେତା



ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଶ୍ରିପୁରା ଗାଁର ଶତାୟୁ ମହିଳା ମୁଗ ଭୋଇଙ୍କ ଗୁରୁବାର ପରଲୋକ ହୋଇ ଯାଇଛି। ଝାରସୁଗୁଡ଼ା ବିଜେପିର ଯୁବନେତା ସୁଧାଂଶୁ ଦୋରା ମହିଳାଙ୍କ ଶବ ବୋହି ଅନ୍ତିମ ସଂସ୍କାର କରିଛନ୍ତି। ଗତ ୨୧ ତାରିଖ ସୁଧାଂଶୁଙ୍କ ସହିତ ବହୁ ଯୁବ ନେତା ଶ୍ରିପୁରାରେ ଥିବା ଶତାୟୁ ମହିଳା ମୁଗ ଭୋଇଙ୍କୁ ଶୀତ ବସ୍ତ୍ର, ମିଷ୍ଟାନ୍ନ ଆଦି ଦେଇ ଆସିଥିଲେ। କିନ୍ତୁ ଗୁରୁବାର ଭୋରରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସୁଧାଂଶୁ, ଅନିଲ ସାହୁ ତଥା ଅନ୍ୟାନ୍ୟ ସମାଜସେବୀ ମାନେ ମିଶି ମୁଗ ଭୋଇଙ୍କ ଶବକୁ ବୋହି ତାଙ୍କରି ଜମିରେ ପୋତି ଅନ୍ତିମ ସଂସ୍କାର କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଗ ଭୋଇଙ୍କୁ ମା' ବୋଲି ମାନୁଥିବାରୁ ଗତ ଏକ ବର୍ଷ ହେବ ସୁଧାଂଶୁ ଏବଂ ଟିମ ମହିଳାଙ୍କ ସେବା କରି ଆସୁଥିଲେ।

# ପିସିସି ସଭାପତିଙ୍କୁ ଅପମାନ ଓ କଂଗ୍ରେସ ଦଳର ସମ୍ମାନହାନି ଅଭିଯୋଗ

## ଜିଲ୍ଲା କଂଗ୍ରେସ ପକ୍ଷରୁ ଦେବଗଡ଼ ଥାନାରେ ଏତଲା





ଦେବଗଡ଼,୨୩।୧୦(ସମିସ):

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଅପମାନିତ ଓ ସର୍ବସାଧାରଣରେ ତାଙ୍କ ସମ୍ମାନ ହାନି କରୁଥିବାରୁ ସୁଧାଂଶୁ ଶେଖର ରାଉତ, ଅଜୟ ପଣ୍ଡା ଓ ଅନନ୍ତ ନାରାୟଣ ଧଳଙ୍କ ନାମରେ ଗୁରୁବାର ଜିଲ୍ଲା କଂଗ୍ରେସ ପକ୍ଷରୁ ଦେବଗଡ଼ ଥାନାରେ ଅଭିଯୋଗ କରାଯାଇଛି। ଉକ୍ତ ୩ ଜଣ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ କଂଗ୍ରେସ ଦଳକୁ ବଦନାମ କରିବା ସହ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସଙ୍କୁ ଅପମାନିତ କରିଥିବା ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆଜି ସଂଧ୍ୟାରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ପୂର୍ବ ମହିଳା କଂଗ୍ରେସ ସଭାପତି ଲିତା ଆଚାର୍ଯ୍ୟ, ପୂର୍ବ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ସୁଶିଲ ଗୁଡିଆ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଶ୍ରୀତମ ସାହୁ, କୃଷକ ରାଜ୍ୟ ସଂଯୋଜକ ଦେବେନ୍ଦ୍ର ଗଡନାୟକ, ପୂର୍ବ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ଆକାଶ ଦାଶ, ଅଲେଖ ଚନ୍ଦ୍ର ନାୟକ, ସନ୍ତୋଷ ଉଦାବର୍, ରାଜେଶ୍ ବାର୍ଲା, ବୁଲୁ ଧଳ, ନାଥକୃଷ୍ଣ ଜାଲ, ଜିତେନ୍ଦ୍ର ବେହେରା, ସୁମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଦେବଗଡ଼ ଥାନାରେ ଏତଲା ଦେଇଥିଲେ।

### ୱେବ ପୋର୍ଟାଲ ବିରୋଧରେ ଝାରସୁଗୁଡ଼ା କଂଗ୍ରେସ ପକ୍ଷରୁ ଅଭିଯୋଗ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ୱେବ ପୋର୍ଟାଲ ବିରୋଧରେ ଗୁରୁତର ଅଭିଯୋଗ କରାଯାଇଛି। ଜିଲ୍ଲା କଂଗ୍ରେସ ନେତାମାନେ ଏହି ପୋର୍ଟାଲ ଓ ଏହାର ସମ୍ପାଦକଙ୍କ ସହିତ ଅନ୍ୟ ୪ ଜଣଙ୍କ ନାମ ଉଲ୍ଲେଖ କରି ଝାରସୁଗୁଡ଼ା ଟାଉନ ପୁଲିସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଏହି ୱେବ ପୋର୍ଟାଲ ୟୁଟ୍ୟୁବ ଓ ଫେସବୁକ ମାଧ୍ୟମରେ ଭୁଲ, ନିରାଧାର ଖବର ପ୍ରସାରଣ କରି ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ଭକ୍ତଚରଣ ଦାସ ଓ ତାଙ୍କ ପୁଅ ସାଗର ଚରଣ ଦାସଙ୍କ ଛବିକୁ ମଳିନ କରିବାକୁ ଚେଷ୍ଟା କରୁଛନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ଏହା ସହିତ ୧୫ ଅକ୍ଟୋବର ୨୦୨୫ ଠାରୁ ଉକ୍ତ ପୋର୍ଟାଲ ଅସତ୍ୟ ସମାଚାର ପ୍ରସାରଣ କରୁଥିବା ଅଭିଯୋଗ କରାଯାଇଛି। ପୋର୍ଟାଲର କାର୍ଯ୍ୟାଳୟ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ ରହିଥିବା ଅଭିଯୋଗରେ କୁହାଯାଇଛି। ଝାରସୁଗୁଡ଼ା କଂଗ୍ରେସ ଦଳ ପକ୍ଷରୁ ଦାଖଲ ହୋଇଥିବା ଅଭିଯୋଗ ପତ୍ରରେ ପୁଲିସକୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ଓ ସୋସିଆଲ ମିଡିଆ ମାଧ୍ୟମରେ ହେଉଥିବା ଏପରି କାର୍ଯ୍ୟକୁ ରୋକିବା ପାଇଁ କଠିନ ବ୍ୟବସ୍ଥା କରିବା ନେଇ ଦାବି କରାଯାଇଛି।

# ଜଙ୍ଗଲ ବିଭାଗ ଆନୁକୂଲ୍ୟରେ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ

ଦେବଗଡ଼,୨୩।୧୦(ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ପାଳିତ ହେଉଥିବା ୭୧ ତମ ବନ୍ୟପ୍ରାଣୀ ସପ୍ତାହ ଆଜି ଉଦ୍‌ଯାପିତ ହୋଇଛି। ଦେବଗଡ଼ ବନ ବିଭାଗ ବାରାକ ସମ୍ମିଳନୀ କକ୍ଷରେ ଦେବଗଡ଼ ବନଖଣ୍ଡ ଅଧିକାରୀଣି ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରଶ୍ମୀ ଜୀଙ୍କ ଅଧ୍ୟକ୍ଷତା ଓ ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧିନତା ସାହାଣୀଙ୍କ ସଂଯୋଜନାରେ ସଚେତନତା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା ଓ ମୁଖ୍ୟବକ୍ତା ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ମଞ୍ଚାସୀନ ଥିଲେ। ବନ୍ୟପ୍ରାଣୀଙ୍କର ସୁରକ୍ଷା ଏବଂ ସଂରକ୍ଷଣ ସହ ଚଳିତ ବର୍ଷର ବିଷୟ ବସ୍ତୁ 'ମନୁଷ୍ୟ-ବନ୍ୟଜନ୍ତୁ ସହାବସ୍ଥାନ' ଉପରେ ସବିଶେଷ ଆଲୋଚନା କରିଥିଲେ। ପୂର୍ବରୁ ଏହି ସପ୍ତାହ ପାଳନ ନିମନ୍ତେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବ୍ୟାଡମିଣ୍ଟନ ପ୍ରତିଯୋଗିତା (ଉଭୟ ମହିଳା ଓ ପୁରୁଷ ବିଭାଗ), ବନ୍ୟପ୍ରାଣୀ ସମ୍ପର୍କୀତ ଫଟୋଗ୍ରାଫି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଗଜସାଥୀ ଓ ବନ ସୁରକ୍ଷା ସମିତି ଗୁଡିକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାମାଜିକ କର୍ମୀ ଅର୍ଣ୍ଣବ ପଣ୍ଡାଙ୍କୁ ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ଏ ବାବଦରେ ତାଙ୍କୁ ମାନପତ୍ର ଓ ଟ୍ରଫି ସହିତ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।



ନୂଆପଡ଼ା ଉପନିର୍ବାଚନ

# ବଞ୍ଜାରୀ ଦେବୀ ମନ୍ଦିରରୁ ବିଜେଡିର ପ୍ରଚାର ଅଭିଯାନ ଆରମ୍ଭ









**ନୂଆପଡ଼ା, ୨୩।୧୦(ସମିସ)**

ନୂଆପଡ଼ାରେ ବିଜେଡିର ବିଶାଳ ଶକ୍ତି ପ୍ରଦର୍ଶନ ପରେ ବିଜୁ ଜନତା ଦଳ ଗୁରୁବାର ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛି। ସ୍ଥାନୀୟ ମା'ବଞ୍ଜାରୀ ଦେବୀ ମନ୍ଦିରରେ ବିଜେଡିର ବରିଷ୍ଠ ନେତାମାନେ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ତଥା ନୂଆପଡ଼ାର ଶାନ୍ତି, ଉନ୍ନତି ଓ ସମୃଦ୍ଧି ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂଜାର୍ଚ୍ଚନା ପରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦଳର ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ତଥା ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଯୋଗ ଦେଇ ବଡ ବ୍ୟବଧାନରେ ବିଜେଡିର ବିଜୟ ପାଇଁ ଆହ୍ୱାନ ଜଣାଇଛନ୍ତି। ବିପୁଳ ଜନସମାଗମକୁ ସମ୍ବୋଧିତ କରି ଛୁରିଆ କହିଥିଲେ ଯେ ନୂଆପଡ଼ାର ସାମଗ୍ରୀକ ବିକାଶ ପାଇଁ ଆଜିଠାରୁ ତାଙ୍କର ଅଭିଯାନ ଆରମ୍ଭ ହେଲା ବିଜୁ ଜନତା ଦଳ ସଦା ସେବା ଓ ଲୋକକଲ୍ୟାଣ ପାଇଁ କାମ କରୁଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆମର ସ୍ୱାର୍ଥ ବିହୀନ ସେବା ଓ ଜନକଲ୍ୟାଣ ଧାରା ଜାରି ରହିଛି। ବିଜୁ ପଟ୍ଟନାୟକଙ୍କ ଶାସନକାଳରେ ନୂଆପଡ଼ା ଏକ ଜିଲ୍ଲାର ମାନ୍ୟତା ପାଇଥିଲା। ତାଙ୍କର ଦୂରଦୃଷ୍ଟି ଓ ନେତୃତ୍ୱକୁ ଆଜି ମଧ୍ୟ ନୂଆପଡ଼ାବାସୀ ସମ୍ମାନର ସହ ସ୍ମରଣ କରି ଆସୁଛନ୍ତି। ସଭାରେ ବକ୍ତବ୍ୟ ରଖି ଦଳର ନେତୃବୃନ୍ଦ ବିଜେପି ନେତୃତ୍ୱର ଡବଲ୍ ଇଞ୍ଜିନ୍ ସରକାର ଉପରେ ତୀବ୍ର ଆକ୍ରମଣ କରି କହିଥିଲେ ଯେ ଗତ ୧୬ ମାସ ଧରି ଏହି ସରକାର ନୂଆପଡ଼ାରେ ଡବଲ୍ ଧ୍ୱଂସ ଲୀଳା ଚଳାଇଛି। ବିଜେପି ସରକାର ଜନସାଧାରଣଙ୍କ ଆକାଂକ୍ଷା ପୂରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଜିଲ୍ଲାବାସୀଙ୍କ ଆଶା ଓ ଆକାଂକ୍ଷା ପ୍ରତି ବିଜେପି ସରକାର କୁଠାରଘାତ କରିବା ସହିତ ମୌଳିକ ଭିତ୍ତିଭୂମି, ଜନକଲ୍ୟାଣ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ଯୋଜନାକୁ ଅଟକାଇଛି। ଜିଲ୍ଲାବାସୀଙ୍କ ଜୀବନଜୀବିକା ଘୋର ବିପଦରେ ପଡ଼ିଛି। ସଭାରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଜୋଷୀ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟିକା ମନୋରମା ମହାନ୍ତି, ମନୋଜ ମିଶ୍ର (ସାଧାରଣ ସମ୍ପାଦକ) ଓ ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଉଦ୍‌ବୋଧନ ଦେଇ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ଲାଗି ଆହ୍ୱାନ ଦେଇଛନ୍ତି। ନୂଆପଡ଼ାର ଲୋକମାନେ ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନତାର ଫଳ ଭୋଗୁଛନ୍ତି।ବରିଷ୍ଠ ବିଜେଡି ନେତା ରମେଶ ମାଝୀ, ମନୋହର ରନ୍ଧାରୀ, ରମେଶ ବେହେରା, ବିଜୟ ନାୟକ, ସରସ୍ୱତୀ ବାଗ ଓ ଶେଫାଳୀ ସଲମା ପ୍ରମୁଖ ଉପସ୍ଥିତ ରହି ଛୁରିଆଙ୍କ ବିଜୟ ନେଇ ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ନୂଆପଡ଼ା ସ୍ଥିତ ଟାଉନ୍‌ହଲ ଆଦିବାସୀ ସମାଜ ଭବନରେ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଠାରେ ଅନେକ ଆଦିବାସୀ ନେତା ଓ ସମୁଦାୟ ନିବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେପି ଓ କଂଗ୍ରେସ ଦଳର ଅନେକ ନେତା ଏବଂ କର୍ମୀମାନେ ବିଜୁ ଜନତା ଦଳରେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି।ସଭାରେ ଦେବୀ ପ୍ରସାଦ ମିଶ୍ର କହିଥିଲେ, ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଆଦିବାସୀ ଲୋକମାନଙ୍କର ଉନ୍ନତି ତଥା କଲ୍ୟାଣ ପାଇଁ ବହୁ ପଦକ୍ଷେପ ନିଆଯାଇଥିଲା। ଆଦିବାସୀ ସମୁଦାୟର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ସାମାଜିକ ନ୍ୟାୟକୁ ନବୀନ ପଟ୍ଟନାୟକ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଏହି ଆଦିବାସୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ଛୁରିଆ କହିଥିଲେ ଯେ ବର୍ତ୍ତମାନର ବିଜେପି ଶାସନକାଳରେ ଆଦିବାସୀ ମାନଙ୍କର ଅଧୋଗତି ଘଟିଛି। ଆଦିବାସୀମାନେ ଆଜି ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଆଦିବାସୀ ହଷ୍ଟେଲରେ ଛାତ୍ରୀମାନେ ଗର୍ଭବତୀ ହେଉଥିବା ବେଳେ ନିର୍ଯାତନା, ବଳାତ୍କାର ସମ୍ପର୍କିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଆଗାମୀ ଦିନରେ ମଧ୍ୟ ଆଦିବାସୀଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ପାଇଁ ବିଜେଡି ନିଜର ସଂଘର୍ଷ ଜାରି ରଖିବ। ଏହି ଅବସରରେ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ରମେଶ ବେହେରା, ଭାନୁ ପ୍ରତାପ ସିଂହ ମାଝୀ, ବିହାରୀଲାଲ ବିଶ୍ୱାଳ, ହରପ୍ରସାଦ ମାଝୀ, ତେଜରାଜ ଶବର, ଲିଲେଶ୍ୱର ମାଝୀ, ପର୍ଶୁରାମ ମାଝୀ, କପୁରଚନ୍ଦ ମାଝୀ, ମାନିକ ମାଝୀ, ହୀରାଲାଲ ମାଝୀ, ଚଗନ ମାଝୀ ଓ ତୀରଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଜନତା ଦଳ ନୂଆପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜର ଦୃଢ଼ ସଂକଳ୍ପକୁ ଦୋହରାଇ ଜିଲ୍ଲାର ଭବିଷ୍ୟତ ନବୀନ ପଟ୍ଟନାୟକଙ୍କ ପ୍ରଗତିଶୀଳ ଶାସନ ଓ ଲୋକକଲ୍ୟାଣମୁଖୀ ଦୃଷ୍ଟିକୋଣରେ ଅନ୍ତର୍ନିହିତ ଅଛି ବୋଲି କହିଥିଲା। ଦଳ ନୂଆପଡ଼ାର ପ୍ରତ୍ୟେକ ବର୍ଗର ଲୋକଙ୍କ ଶାନ୍ତି, ସମୃଦ୍ଧି ଓ ବିକାଶ ପାଇଁ ଏକତାର ସହ ବିଜୁ ଜନତା ଦଳ ପଛରେ ଛିଡା ହେବା ଲାଗି ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ।

## ମା'ଙ୍କ ଆଶିଷ ନେଇ ଗାଁ ମୁଖିଆଙ୍କୁ ଭେଟିଲେ ସ୍ନେହାଙ୍ଗିନୀ








# ମତଦାନ କର୍ମଚାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ



**ନୂଆପଡ଼ା, ୨୩।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପୋଲିଂ ଅଧିକାରୀ ଏବଂ କର୍ମଚାରୀମାନଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଏନଆଇସି କାର୍ଯ୍ୟାଳୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଯାଇଛି। ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିନୟ କୁମାର ତିୱାରୀ ପାୱର ପଏଣ୍ଟ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ପ୍ରକ୍ରିୟା ପ୍ରଦର୍ଶନ କରିଥିଲେ। ବୈଠକରେ ଏଡିଏମ୍ ସୁବାଷ ଚନ୍ଦ୍ର ରଉତ, ଏଡିଏମ ପ୍ରଫୁଲ କୁଜୁର, ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନ, ଡେପୁଟି କଲେକ୍ଟର ଶେଖ ନସିମ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଏନଆଇସି- ବିକଶିତ ପୋଲିଂ କର୍ମଚାରୀ ରାଣ୍ଡମାଇଜେସନ ପାଇଁ ବ୍ୟବହୃତ ଆପ୍ଲିକେସନ, ଏହାର ସଠିକତା ଏବଂ ସ୍ୱଚ୍ଛତାକୁ ପ୍ରଶଂସା କରିଥିଲେ। ସେ ନିରପେକ୍ଷତା ଏବଂ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ସକ୍ରିୟ ଭାବରେ ତଦାରଖ କରିଥିଲେ। ଡିଇଓ ଏବଂ ଜିଲ୍ଲାପାଳ ପ୍ରକାଶ କରିଥିଲେ ଯେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବରେ ସମ୍ପାଦିତ ହୋଇଛି। ଏହାପରେ ପୋଲିଂ କର୍ମଚାରୀଙ୍କ ପାଇଁ ତାଲିମ ବ୍ୟବସ୍ଥା ଶୀଘ୍ର ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ନିର୍ବାଚନ ପରିଚାଳନାରେ ଆଇଟି-ଆଧାରିତ ସମସ୍ୟା ସମାଧାନର ସମନ୍ୱୟରେ ଆଉ ଏକ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି। ଏହା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ପାଇଁ ନିର୍ବାଚନ କମିଶନରଙ୍କ ନିରନ୍ତର ପ୍ରୟାସକୁ ପ୍ରଦର୍ଶନ କରୁଛି।

## ସମ୍ମିଳନୀରେ ହଜାର ହଜାର ଆଦିବାସୀ ସାମିଲ

# ବିଜୁ ଜନତା ଦଳରେ ନୂତନ ଶକ୍ତିର ସଞ୍ଚାର

**ନୂଆପଡ଼ା, ୨୩।୧୦(ସମିସ):** ଶବର ଭବନ ଖୋଲ୍ବାରେ ଆୟୋଜିତ ହୋଇଥିଲା ବିଶାଳ ଆଦିବାସୀ ସମ୍ମିଳନୀ। ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ ଆଦିବାସୀ ନେତା ବିହାରୀ ଲାଲ ବିଶ୍ୱାଳ। ସମ୍ମିଳନୀରେ ପ୍ରାୟ ୨ ହଜାର ଆଦିବାସୀ ଯୋଗଦେଲେ। ସଭାରେ ବିଶିଷ୍ଟ ଅତିଥି ଭାବେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଜେଡି ଉପାଧ୍ୟକ୍ଷ ଓ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ରମେଶ ମାଝି, ଦଶପଲ୍ଲା ବିଧାୟକ ରମେଶ ବେହେରା ଓ ବିଧାୟକ ମନୋହର ରନ୍ଧାରି। ସଭାରେ ନେତାମାନେ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିଭଙ୍ଗୀ ନେତୃତ୍ୱ ଓ ଆଦିବାସୀ, ଶ୍ରମିକ ଓ ଗରିବ ମାନଙ୍କ ପ୍ରତି ମୁଖୀ ଯୋଜନାଗୁଡ଼ିକ ପ୍ରଶଂସା କରିଥିଲେ। ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତି ପ୍ରତି ତୀବ୍ର ଅସନ୍ତୋଷ ବ୍ୟକ୍ତ କଲେ। ସେମାନେ ବିଜେପିକୁ ଗୋ ହତ୍ୟା ପାର୍ଟି ବୋଲି ଅଭିହିତ କରି ୧୬ ଅକ୍ଟୋବର ୨୦୨୫ରେ ନୂଆପଡ଼ାରେ ବିଜେପି ସଭାରେ ବିଷାକ୍ତ ଖାଦ୍ୟ ଖାଇ ୧୩ଟି ଗାଈ ମୃତ୍ୟୁବରଣ କଲେ, ଯାହା ଦୁଃଖଦ ଓ ନିନ୍ଦନୀୟ। ଆହୁରି ଆଦିବାସୀମାନେ ବିକ୍ଷୋଭ କରି କହିଲେ ଯେ ବିଜେପି ସରକାର ମନରେଗାରେ ୨୦୦ ଦିନର କାମ କମାଇ ୧୦୦ ଦିନ କରିଛି ଓ ଦିନକର ମଜୁରୀ ୩୫୨ ଟଙ୍କାରୁ କମାଇ ୨୦୦ ଟଙ୍କା କରିଛି, ଯାହା ଶ୍ରମିକ ଓ ଗରିବ ବିରୋଧୀ ନୀତି। ଏହାର ଫଳରେ ରାଜ୍ୟ ଛାଡ଼ି ଦାଦନ ଶ୍ରମିକ ଓ ବେରୋଜଗାରି ବୃଦ୍ଧି ପାଇଛି।ସଭାରେ ଆଦିବାସୀ ନେତାମାନେ ତେଜରାଜ ଶବର, ଛକନ ମାଝି, ସୁଶିଲ ବିଶ୍ୱାଳ, ହରପ୍ରସାଦ ମାଝି, ତପନ ଶବର, ରୋହିତ ପାଣ୍ଡେ, ଦେବା ଶବର, ବଳେଶ୍ୱର ଦୀପ, ଚିନ୍ତାମ ମାଝି, ମହେନ୍ଦ୍ର ଲୁହାର, ଗୋପବନ୍ଧୁ ପ୍ରଧାନ, ରମେଶ ଶବର, ହରେକୃଷ୍ଣ ଶବର, ରାମଜି ବରିହା, ଚେତନାନନ୍ଦ ଶବର, ସୁରେନ୍ଦ୍ର ଲୁହାର, କାଶୀରାମ ପାଣ୍ଡେ, ମୁରଲି ରାଉତ, ଚନ୍ଦ୍ରମଣି ରାଉତ, ପ୍ରଫୁଲ୍ଲ ଶବର, କହେଁଇ ମାଝି, ରାଜୁ ମାଝି, ଦୁଖନାସନ ମାଝି, ସୁବାଶ ପ୍ରଧାନ, ସୁଦାମ ପ୍ରଧାନ, ଚନ୍ଦ୍ରଶେଖର ଭୋଇ, ରଞ୍ଜିତ ବାରିକ, ଭାସ୍କର ଶବର, ଅଲେଖ ବାରିକ, ରଘୁ ଶବର, ପରମେଶ୍ୱର ଗୌଡ଼, ସୁବନ୍ତ ବାରିକ ଓ ସଞ୍ଜିବ ପ୍ରଧାନ ଉପସ୍ଥିତ ଥିଲେ।








## ଅବକାରୀ ବିଭାଗ ତରଫରୁ ତଲାସୀ ଜୋର୍‌ଦାର୍

# ୪ ବାଇକ୍ ସହ ବିପୁଳ ଅବକାରୀ ସାମଗ୍ରୀ ଜବତ

**ନୂଆପଡ଼ା, ୨୩।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତରଫରୁ ତଲାସୀ ଅଭିଯାନ ଜୋର ସୋରରେ ଚାଲିଛି। ଗତ ୨୧ ତାରିଖରେ ବିଭାଗୀୟ ଅଧିକାରୀ ଯାଞ୍ଚ କରି ୨୨୯ ଲିଟର ହାତ ରନ୍ଧା ମଦ, ୧୮ ଲିଟର ବାହାର ଭାଟି ମଦ, ୫.୪ ଲିଟର ବିଦେଶୀ ମଦ, ୬ ଲିଟର, ବିଅର ଏବଂ ୭୩୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୪ଲକ୍ଷ ୬୨ ହଜାର ଟଙ୍କା ହେବ। ଅଦ୍ୟାବଧି ଅବକାରୀ ବିଭାଗ ୬୯ଲି ବିଅର, ୩୮ ଲିଟର ବିଦେଶୀ ମଦ, ୩୬୩୦ଲି ହାତ ରନ୍ଧା ମଦ, ୫୮୮ ଲିଟର ବାହାର ଭାଟି ମଦ, ୪ କେଜି ଗଞ୍ଜେଇ ଏବଂ ୮୫, ୬୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୫୪ ଲକ୍ଷ ୪୯ ହଜାର ଟଙ୍କା ହେବ। ଏହା ସହିତ ଚାରୋଟି ବାଇକ ମଧ୍ୟ ଅବକାରୀ ବିଭାଗ ଜବତ କରିଛନ୍ତି। ବେଆଇନ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# ଆଶା ଓ ଆଶଙ୍କାରେ ଆଦିବାସୀ ଓ ପାରମ୍ପରିକ ବନବାସୀ

**ସିନାପାଲି, ୨୩।୧୦(ସମିସ)**

ଜଙ୍ଗଲ ଜମି ରେ ପୁରୁଷାନୁକ୍ରମେ ବସତି କରିବା ସହ ଚାଷ କରି ଜୀବିକା ନିର୍ବାହ କରୁଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ଥଇଥାନ କରି ହକ୍ ପ୍ରଦାନ କରିବା ପାଇଁ ତତ୍କାଳୀନ କେନ୍ଦ୍ର ସରକାର ଜଙ୍ଗଲ ଅଧିକାର ଆଇନ - ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ କାର୍ଯ୍ୟକାରୀ କରିଥିଲେ। ଏହି ଆଇନ ବଳରେ ଆଦିବାସୀ ଶ୍ରେଣୀର ବ୍ୟକ୍ତିଙ୍କ କ୍ଷେତ୍ରରେ ୨୫ ବର୍ଷ ଓ ଅଣ ଆଦିବାସୀ କିମ୍ବା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ କ୍ଷେତ୍ରରେ ତିନି ପିଢ଼ି (୭୫ ବର୍ଷ) ଧରି ପୁରୁଷାନୁକ୍ରମେ ଜଙ୍ଗଲ ଜମିରେ ବସବାସ କରିବା ସହ ଚାଷବାସ କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ ଏହି ଜମିର ଅଧିକାର ପ୍ରଦାନ କରିବା ପାଇଁ ନିୟମ ରହିଛି। ସେହିପରି ବସବାସ କରୁଥିବା ଗ୍ରାମରେ ଥିବା ଜଳାଶୟ, ମନ୍ଦିର, ପୋଖରୀ, ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ଗ୍ରାମର ଆବଶ୍ୟକତା ପୂରଣ କରୁଥିବା ସ୍ଥଳୀ ବିଶେଷକୁ 'ଗୋଷ୍ଠିଗତ ଅଧିକାର' ଓ ଗୋଟିଏ ଗ୍ରାମର ପରିସୀମା ଠାରୁ ଅନ୍ୟ ଏକ ଗାଁ ସୀମା ପର୍ଯ୍ୟନ୍ତ ରହିଥିବା ଜଙ୍ଗଲ ଜମିର ପରିମାଣ ଅନୁସାରେ 'ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର' ପ୍ରଦାନ ଦେବା ସହ ଜଙ୍ଗଲରେ ଥିବା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାର ନିୟମ ରହିଛି। ହେଲେ ଏହି ଆଇନକୁ ପାଳନ କରି ସରଳୀକରଣ କରିବା ସହ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ପ୍ରଶାସନିକ କ୍ଷେତ୍ର ରେ ସହଯୋଗ କରି ଜଙ୍ଗଲ ଅଧିକାର ହକ ପ୍ରଦାନ କରିବା ପାଇଁ ନବୀନ ସରକାର 'ମୋ ଜଙ୍ଗଲ ଜମି ଯୋଜନା' ଗତ ୨୦୨୩ ମସିହାରେ କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟ ର ୨୪୭ ତହସିଲ କାର୍ଯ୍ୟାଳୟ ଅଧିନରେ ଜଙ୍ଗଲ ଜମି ମୋ ସେଲ ଖୋଲା ଯାଇଥିଲା। ଏହି ସେଲ ଜରିଆରେ ଜଙ୍ଗଲ ଜମି ମାପ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବିଭିନ୍ନ ସମସ୍ୟାର ସମାଧାନ କରିବା ଓ ଜଙ୍ଗଲ ଜମିର ହକ ପ୍ରଦାନରେ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଯୋଜନା କାର୍ଯ୍ୟକାରୀ କରାଯାଇ କର୍ମଚାରୀ ନିଯୁକ୍ତି କରାଯାଇ ଥିଲା। ଏହାକୁ ପରିଚାଳନା କରିବା ପାଇଁ ଏକ ବେସରକାରୀ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ହେଲେ ବର୍ତ୍ତମାନର ସରକାର ଏହାକୁ ବନ୍ଦ କରିବା ପାଇଁ ଯୋଜନା କରିବା ସହ ଆଦିବାସୀଙ୍କ ହକ ଅଧିକାର ଛଡ଼ାଇ ନେବାର ଯୋଜନା ଆରମ୍ଭ କରି ମୋ ସେଲ୍‌କୁ ବନ୍ଦ କରି ଦିଆଯାଉଛି ବୋଲି ଆଦିବାସୀ ସଂଗଠନ ଓ ଜଙ୍ଗଲ ଜମିମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ କ୍ଷୋଭ ପ୍ରକାଶ କରିଛି।ନୂଆପଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ୫ ଗୋଟି ବ୍ଲକ ରହିଛି। ଅନେକ ଗାଁ ଗଣ୍ଡା ଗୁଡ଼ିକ ଜଙ୍ଗଲ ପରିବେଷ୍ଟିତରେ ରହିଥିବା ବେଳେ ଜଙ୍ଗଲ ଅଧିକାର ଆଇନ ବଳରେ ହକ ପାଇଁ ବ୍ୟକ୍ତି ଗତ ଦାବି, ଗୋଷ୍ଠିଗତ, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବୀ ଫର୍ମ ଗୁଡ଼ିକ ଗ୍ରାମ ସଭାର ସୁପାରିଶ କ୍ରମେ ଦାଖଲ କରାଯାଇଛି। ସୂଚନା ଅନୁଯାୟୀ ସିନାପାଲି ବ୍ଲକର ୧୧୯ ଟି ପଡ଼ା ଓ ରାଜସ୍ୱ ଗ୍ରାମର ୧୦୬୬୯ ଜଣ ବ୍ୟକ୍ତିଗତ, ୧୧୮ ଟି ଗୋଷ୍ଠୀଗତ ଓ ୧୦୭ ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବି ଫର୍ମ ଦାଖଲ କରିଛନ୍ତି। ସେହିପରି ନୂଆପଡ଼ା ବ୍ଲକର ୧୪୮ ଗ୍ରାମର ୧୦୩୮ ଜଣ ବ୍ୟକ୍ତିଗତ, ୪୬ ଟି ଗୋଷ୍ଠୀଗତ, ୪୬ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ପାଇଁ ଦାବୀ ଫର୍ମ ଦାଖଲ କରିଛନ୍ତି। ସେହିପରି କୋମନା ବ୍ଲକର ୧୫୬ଟି ଗ୍ରାମର ୮୫୮୨ଜଣ ବ୍ୟକ୍ତିଗତ, ୭୨ ଟି ଗୋଷ୍ଠୀଗତ, ୫୯ ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ରହିଛି। ଖଡିଆଳ ବ୍ଲକର ୧୦୬ ଗ୍ରାମରୁ ୬୩୩୩ ଜଣ ବ୍ୟକ୍ତିଗତ, ୭୫ ଗୋଷ୍ଠିଗତ, ୫୧ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ, ବୋଡ଼େନ ବ୍ଲକର ୭୮ ଗ୍ରାମରୁ ୯୯୮୧ଜଣ ବ୍ୟକ୍ତିଗତ, ୬୩ ଜଣ ଗୋଷ୍ଠିଗତ ଓ ୬୧ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବୀ ଫର୍ମ ଦାଖଲ କରିସାରିଛନ୍ତି। ହେଲେ ଏବେ ବି ଆହୁରି ଅନେକ ବାକି ରହିଥିବା ବେଳେ ଅନେକ ପଡ଼ା ଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ଦାବି ଜଣାଇଛନ୍ତି। ନୂଆପଡ଼ା ଜିଲ୍ଲା ର ୬୦୭ ଗୋଟି ଗ୍ରାମରୁ ୪୫୮୯୩ ଜଣ ବ୍ୟକ୍ତିଗତ, ୩୭୪ ଟି ଗୋଷ୍ଠୀଗତ ଓ ୩୧୫ ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବୀ ଫର୍ମ ଦାଖଲ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କେବଳ ପ୍ରାୟ ୭ହଜାର ଜଣ ଙ୍କୁ ବ୍ୟକ୍ତିଗତ ପ୍ରଦାନ କରାଯାଇଥିବା ବେଳେ ଅଣ ଆଦିବାସୀଙ୍କୁ କାହାରିକୁ ବ୍ୟକ୍ତିଗତ ପଟ୍ଟା ପ୍ରଦାନ କରାଯାଇ ନାହିଁ। ଏଭଳି ଅନେକ ବାକି ରହିଥିବା ବେଳେ ସରକାର ହଠାତ ମୋ ସେଲ କୁ ବନ୍ଦ କରିବାର ଅସଲ ଉଦ୍ଦେଶ୍ୟ କଣ ହୋଇ ପାରେ ବୋଲି ସଂଗଠନ ତରଫରୁ ପ୍ରଶ୍ନ କରାଯାଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଯେଉଁ ସରକାର ଆଦିବାସୀ ପ୍ରୀତି ଦେଖାଇ ଶାସନକୁ ଆସିଲେ ଏବେ ଏଭଳି ଚକ୍ରାନ୍ତକୁ ନପାସନ୍ଦ୍ କରିବା ସହ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଏ ସମ୍ପର୍କରେ ସିନାପାଲି ମୋ ସେଲରେ ନିୟୋଜିତ କର୍ମଚାରୀ ଚତୁର୍ଭୁଜ ନାଗଙ୍କୁ ପଚାରିବାରୁ ରାଜ୍ୟର ସମସ୍ତ ସେଲ ବନ୍ଦ କରିବାକୁ ନିର୍ଦ୍ଦେଶ ହେଇଛି। ହେଲେ ନୂଆପଡ଼ାରେ ଉପନିର୍ବାଚନ ଆଚରଣ ବିଧି ଲାଗୁ ପାଇଁ ଆମକୁ କୁହାଯାଇ ନାହିଁ। ନିର୍ବାଚନ ସରିଲେ ବନ୍ଦ ହେଇଯିବ ବୋଲି ପ୍ରକାଶ କରିଥିଲେ।



## ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ସେଲ୍ ବନ୍ଦ

## ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ହଟାଇବା ପାଇଁ ଚକ୍ରାନ୍ତ



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୭୭୫- ଭାରତର ଶେଷ ମୋଗଲ ଶାସକ ବାହାଦୁର ଶାହ ଜାଫରଙ୍କ ଜନ୍ମ।
- ୧୯୧୪- ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ସେହଗଲଙ୍କ ଜନ୍ମ।
- ୧୯୪୫- ମିଳିତ ଜାତିସଂଘର ସ୍ଥାପନା।
- ୧୯୮୪- ଭାରତରେ ପ୍ରଥମେ ମେଟ୍ରୋ ରେଳ ସେବା ଆରମ୍ଭ ହେଲା।
- ୨୦୧୭- ପ୍ରସିଦ୍ଧ ଠୁମ୍ରୀ ଗାୟିକା ଗିରିଜା ଦେବୀଙ୍କ ପରଲୋକ।

## ବିଶ୍ୱ ପୋଲିଓ ଦିବସ

ଆଜି ବିଶ୍ୱ ପୋଲିଓ ଦିବସ। ପ୍ରତିବର୍ଷ ଅକ୍ଟୋବର ମାସ ୨୪ ତାରିଖକୁ ବିଶ୍ୱ ପୋଲିଓ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନ ପୋଲିଓ ଟିକାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ପୋଲିଓ ବିରୁଦ୍ଧରେ ପ୍ରଥମ ଟିକା ପ୍ରସ୍ତୁତ କରିଥିବା ଜୋନାସ୍ ସାଲ୍‌କଙ୍କ ସ୍ମୃତିରେ ତାଙ୍କ ଜନ୍ମଦିନ ୨୪ ଅକ୍ଟୋବରକୁ ରୋଟାରୀ ଇଣ୍ଟରନ୍ୟାସନାଲ୍ ଦ୍ୱାରା ବିଶ୍ୱ ପୋଲିଓ ଦିବସ ଭାବେ ପାଳନ କରାଯାଇ ଆସୁଛି। ଏକଦା ପୋଲିଓ ଏକ ମହାମାରୀ ଭାବେ ବ୍ୟାପି ଥିଲା। ପୋଲିଓରେ ଜଣେ ସଂକ୍ରମିତ ହେଲେ ପକ୍ଷାଘାତ ଭଳି ସମସ୍ୟା ହୋଇପାରେ, ଫଳରେ ଜଣେ ବ୍ୟକ୍ତି ଚିରକାଳ ଭିନ୍ନକ୍ଷମ ହୋଇଯାଏ। ଏହା ପ୍ରାୟତଃ ୫ ବର୍ଷରୁ କମ୍ ପିଲାମାନଙ୍କ କ୍ଷେତ୍ରରେ ଦେଖାଯାଏ। ଏହା ଏକ ଭୂତାଣୁଜନିତ ରୋଗ, ଯାହା ଦୂଷିତ ଖାଦ୍ୟ ଏବଂ ଜଳ ଦ୍ୱାରା ବ୍ୟାପିଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ଟିକା ଅଭିଯାନ ଆରମ୍ଭ ହୋଇଥିଲା। ୧୯୫୫ରେ ପ୍ରଥମ ଥର ପାଇଁ ପୋଲିଓ ଟିକା ବାହାର କରାଯାଇଥିଲା। ଟିକା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିଥିଲା। ୧୯୮୦ରେ ପ୍ରଥମ ଥର ପାଇଁ ପୋଲିଓର ସର୍ବାଧିକ ମାମଲା ଦେଖାଯାଇଥିଲା। ଏହି ସମୟରେ ସାରା ବିଶ୍ୱର ଏକ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପୋଲିଓ ଟିକାକରଣ ଆରମ୍ଭ ହୋଇଥିଲା। ଏଥିରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କୁ ପୋଲିଓ ଟିକା ଦିଆଗଲା। ପୋଲିଓ କବଳରୁ ଶିଶୁଙ୍କୁ ରକ୍ଷା କରିବା ପାଇଁ ପୋଲିଓ ଟିକା ଦିଆଯାଏ। ଦୁଇ ପ୍ରକାର ପୋଲିଓ ଟିକା ରହିଛି। ଓପିଭି ଓ ଆଇପିଭି। ଓପିଭି ପିଲାଙ୍କ ପାଟିରେ ଦିଆଯାଏ। ପିଲାଟି ଜନ୍ମ ହେବାର ୬, ୧୦ ଓ ୧୩ ସପ୍ତାହରେ ଏହାର ତିନୋଟି ଡୋଜ ଦିଆଯାଏ। ୧୬-୨୪ ମାସରେ ଗୋଟିଏ ବୁଷ୍ଟର୍ ଡୋଜ୍ ଦିଆଯାଏ। ଆଇପିଭି ଇଞ୍ଜେକ୍ସନ ମାଧ୍ୟମରେ ଦିଆଯାଏ। ୬ରୁ ୧୪ ସପ୍ତାହ ବୟସରେ ପିଲାଙ୍କୁ ଦିଆଯାଇଥାଏ। ଡାହାଣ ହାତ ବାହୁ ଇଣ୍ଟ୍ରାଡର୍ମାଲ ରୁଟରେ ଏହି ଟିକା ଦିଆଯାଏ। ଆଶା, ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ଏବେ ବି ପିଲାମାନଙ୍କୁ ପୋଲିଓର ଦୁଇ ବୁନ୍ଦା ଦିଆଯାଉଛି। ସାରା ବିଶ୍ୱକୁ ପୋଲିଓ ମୁକ୍ତ ପାଇଁ ୧୯୮୮ରେ ଗ୍ଲୋବାଲ ପୋଲିଓ ଏରାଡିକେସନ ଇନିସିଏଟିଭ ଗଠନ ହୋଇଥିଲା। ଏଥିରେ ରୋଟାରୀ, ଡବ୍ଲ୍ୟୁଏଚ୍‌ଓ, ୟୁନିସେଫ୍ ଏବଂ ବିଭିନ୍ନ ଦେଶର ସରକାର ସାମିଲ ହୋଇ ବିଶ୍ୱକୁ ପୋଲିଓ ମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ। ଭାରତରେ ପୋଲିଓ ପ୍ରତିକାର ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକମ କରାଯାଉଛି। ସବୁ ପିଲାଙ୍କୁ ପୋଲିଓ ବୁନ୍ଦା ଓ ଟିକା ଦେବାପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି। ୨୦୧୪ରୁ ଭାରତ ପୋଲିଓ ମୁକ୍ତ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି। ଭାରତ ପୋଲିଓ ମୁକ୍ତ ହୋଇଥିଲେ ବି ବିଶ୍ୱରୁ ଏହି ଜୀବାଣୁର ମୂଳୋତ୍ପାଟନ ହୋଇନାହିଁ। ତେଣୁ ବିପଦ ମୁକ୍ତ ପାଇଁ ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ପୋଲିଓ ଟିକା ଦେବା ଉପରେ ଗୁରୁତ୍ୱ ଦିଆଯାଏ। ଯେପରି କୌଣସି ପିଲା ଏହି ଭୟଙ୍କର ରୋଗର ଶିକାର ନ ହୁଏ ସେଥିପାଇଁ ବିଶ୍ୱ ପୋଲିଓ ଦିବସ ପାଳନ ଗୁରୁତ୍ୱ ବହନ କରେ।



## 'ଧୂମ୍-୪' ଛାଡ଼ିଲେ ଅୟାନ୍


ହୃତିକ୍ ରୋଶନ ଓ ଜୁନିୟର୍ ଏନ୍‌ଟିଆର୍‌ଙ୍କ ଫିଲ୍ମ 'ୱାର୍ ୨'ର ନିର୍ଦ୍ଦେଶନା ଦାୟିତ୍ୱରେ ଅୟାନ୍ ମୁଖାର୍ଜୀ ଥିଲେ। ବିଗ୍ ବଜେଟ୍‌ର ଏହି ଆକ୍ସନ୍ ଫିଲ୍ମଟି କିନ୍ତୁ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। 'ୱାର୍ ୨'ର ବିଫଳତାକୁ ଦେଖି ଅୟାନ୍ ଯଶରାଜ୍ ବ୍ୟାନରର ଆଉ ଏକ ଆକ୍ସନ୍ ଭିତ୍ତିକ ଫିଲ୍ମ 'ଧୂମ୍ ୪'ରୁ ଓହରି ଯାଇଛନ୍ତି। ଏବେ ଯଶରାଜ୍ ବ୍ୟାନର୍ ଏହି ଫିଲ୍ମ ପାଇଁ ଜଣେ ନୂଆ ନିର୍ଦ୍ଦେଶକ ସନ୍ଧାନରେ ଅଛି। ରଣବୀର କପୁର 'ଧୂମ୍ ୪'ରେ ଲିଡ୍ ରୋଲରେ ନଜର ଆସିବେ। ଏନେଇ ଅୟାନ୍‌ଙ୍କ କହିବା କଥା, 'ୱାର୍ ୨', 'ଧୂମ୍ ୪' ଭଳି ଫିଲ୍ମ ତାଙ୍କ ପାଇଁ ନୁହେଁ। ରୋମାନ୍ସ, ଡ୍ରାମା, ଆକ୍ସନ୍ ଛାଡ଼ି ସେ କିଛି ବଡ଼ ଧରଣର କରିବାକୁ ଚାହୁଁଛନ୍ତି। ଅୟାନ୍ ଏବେ 'ବ୍ରହ୍ମାସ୍ତ୍ର ୨' ଉପରେ କାମ କରୁଛନ୍ତି। ଏହାର ସୁଟିଂ ୨୦୨୬ରୁ ଆରମ୍ଭ ହେବ। ଏଥିରେ ଲିଡ୍ ରୋଲରେ ରଣବୀର କପୁର ଓ ଆଲିଆ ଭଟ୍ଟ ନଜର ଆସିବେ।

## ମିଳିତ ଜାତିସଂଘ ଦିବସ

ପ୍ରତିବର୍ଷ ଅକ୍ଟୋବର ୨୪ ତାରିଖକୁ 'ମିଳିତ ଜାତିସଂଘ ଦିବସ' ଭାବେ ପାଳନ କରାଯାଉଛି। ବିଶ୍ୱରେ ଶାନ୍ତି, ସୁରକ୍ଷା, ସୌହାର୍ଦ୍ଦ୍ୟ,ମାନବିକ ସହାୟତା ବୃଦ୍ଧି ଦିଗରେ ଜାତିସଂଘର କାର୍ଯ୍ୟକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ମିଳିତ ଜାତିସଂଘ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ଦିଗରେ ଲୋକଙ୍କୁ ସଚେତନ କରିବା ହେଉଛି ଉକ୍ତ ଦିବସର ଉଦ୍ଦେଶ୍ୟ। ମିଳିତ ଜାତିସଂଘ ଦେଶଗୁଡ଼ିକ ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ବିକଶିତ କରିବା, ଅନ୍ତର୍ଜାତୀୟ ସହଯୋଗ ପ୍ରାପ୍ତ କରିବା, ରାଷ୍ଟ୍ର ଲାଗି ସମନ୍ୱୟ କେନ୍ଦ୍ର ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହାବାଦ୍ ଏହାର ଅନ୍ୟତମ ମୂଳ ଲକ୍ଷ୍ୟ ହେଲା ମାନବିକ ଅଧିକାରର ଅଗ୍ରାଧିକାର, ସାମାଜିକ ଓ ଅର୍ଥନୈତିକ ସନ୍ତୁଳନ ରଖିବା, ପରିବେଶ ସୁରକ୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାନିବକ ସହଯୋଗ ପ୍ରଦାନ କରିବା ତଥା ସାମରିକ ଦ୍ୱନ୍ଦ୍ୱର ସମାଧାନ କରିବା। ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ମିଳିତ ଜାତିସଂଘର ସ୍ଥାପନା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହୋଇଥିଲା। ୨୪ ଅକ୍ଟୋବର ୧୯୪୫ରେ ମିଳିତ ଜାତିସଂଘ ପ୍ରତିଷ୍ଠା ହୋଇଥିଲା। ୧୯୪୭ରେ ଜାତିସଂଘ ସାଧାରଣ ସଭା ଏହି ଦିବସକୁ ପ୍ରତିଷ୍ଠା ଦିବସ ଭାବେ ଘୋଷଣା କରିଥିଲା। ମିଳିତ ଜାତିସଂଘ ପ୍ରତିଷ୍ଠା ସମୟରେ ଏହାର ସଦସ୍ୟ ସଂଖ୍ୟା ୫୧ ଥିଲା, କିନ୍ତୁ ଏବେ ଏଥିରେ ୧୯୩ ଦେଶର ସଦସ୍ୟ ଅଛନ୍ତି। ସେହିପରି ୧୯୭୧ ମସିହାରେ ମିଳିତ ଜାତିସଂଘ ମହାସଭାରେ ଗୃହୀତ ଅନ୍ୟ ଏକ ପ୍ରସ୍ତାବ ଅନୁସାରେ, ଏହି ଦିବସକୁ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ଦେଶଗୁଡ଼ିକ ପାଳନ କରିବେ ଏବଂ ଏହା ସାଧାରଣ ଛୁଟି ଦିବସ ହେବ ବୋଲି ପ୍ରସ୍ତାବ ରଖାଯାଇଥିଲା। ଅନ୍ୟପଟେ ଏହି ସଂଘ ପ୍ରତିଷ୍ଠା ପରଠୁ ଏହାର ଯେତେ ସବୁ ଉପଲବ୍ଧି ଅଛି,ସେସବୁ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ସେହିପରି ସବୁ ବିକଶିତ ଓ ବିକାଶଶୀଳ ଦେଶ ପାଇଁ ଏହା ହେଉଛି ଏକ ମଞ୍ଚ ଏବଂ ଏଠାରେ ବିଶ୍ୱର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରାଯାଇ ତାହାର ସମାଧାନ କରାଯାଏ। ଭାରତରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା, ସମିତି ତଥା ପ୍ରଦର୍ଶନୀର ଆୟୋଜନ ହୋଇଥାଏ।



## ସଞ୍ଜୀବନୀ



### କର୍କଟ ଚିକିତ୍ସାରେ ପ୍ରଭାବୀ ହେବ ଟିକା

କର୍କଟ ଏକ ମାରାତ୍ମକ ରୋଗ। ଅନିୟନ୍ତ୍ରିତ ଜୀବନଶୈଳୀ, ବଂଶାନୁଗତ, ଚିନ୍ତା ଆଦି କର୍କଟ ସୃଷ୍ଟିର ମୂଳ କାରଣ। ପ୍ରାରମ୍ଭିକ ଅବସ୍ଥାରୁ କର୍କଟ ଚିହ୍ନଟ କରି ଚିକିତ୍ସା ଯୋଗାଇଲେ ରୋଗର ତୀବ୍ରତା ହ୍ରାସ ପାଇପାରେ। କର୍କଟ ଚିକିତ୍ସା ପାଇଁ ସର୍ଜରୀ, ଥେରାପି, ଔଷଧ ଆଦି ବ୍ୟବସ୍ଥା ରହିଛି। ହେଲେ ଏବେ ମାସାଚୁସେଟ୍‌ସ ଏମହର୍ଷ୍ଟ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ 'ସୁପର ଟିକା' ବିକଶିତ କରିଛନ୍ତି। ଖୁସିର ବିଷୟ, ମୂଷା ଶରୀରରେ ଏହି ଟିକା ପ୍ରଥମେ ପ୍ରୟୋଗ କରାଯାଇଥିବାବେଳେ ସେଥିରୁ ସକାରାତ୍ମକ ଫଳାଫଳ ମିଳିଛି। ଏହି ଟିକାଟି ଏକ ସ୍ୱତନ୍ତ୍ର ଇମ୍ୟୁନ-ବୁଷ୍ଟିଂ ଫର୍ମୁଲା ଆଧାରିତ। ଏହା ପ୍ରାଣୀମାନଙ୍କର ରୋଗପ୍ରତିରୋଧକ ଶକ୍ତିକୁ କର୍କଟ କୋଷଗୁଡ଼ିକ ଟ୍ୟୁମରରେ ପରିଣତ ହେବା ପୂର୍ବରୁ ଚିହ୍ନଟ କରି ନଷ୍ଟ କରିବାରେ ସାହାଯ୍ୟ କରିଥିଲା। ଟିକାର ପ୍ରଭାବକୁ ବୁଝିବାକୁ ବୈଜ୍ଞାନିକମାନେ ଯେଉଁ ମୂଷାଙ୍କୁ ଟିକା ପ୍ରଦାନ କରିଥିଲେ ସେମାନେ ଏକ ମାସ ଧରି ସୁସ୍ଥ ଥିଲେ। ଯେଉଁ ମୂଷାମାନଙ୍କୁ ଏହି ଟିକା ଦିଆଯାଇ ନ ଥିଲା ସେମାନଙ୍କଠାରେ କର୍କଟ ବୃଦ୍ଧି ପାଇଯାଇଥିଲା। ତେଣୁ ଭବିଷ୍ୟତରେ ଏହି ଟିକା କେବଳ ନିର୍ଦ୍ଦିଷ୍ଟ କର୍କଟ ରୋଗ ଠିକ୍ କରିବ ତାହା ନୁହେଁ, ବରଂ ତ୍ୱଚା କର୍କଟ, ଅଗ୍ନାଶୟ କର୍କଟ, ସ୍ତନ କର୍କଟ ଚିକିତ୍ସା ପାଇଁ ପ୍ରଭାବୀ ହେବ। ଶରୀରର ଅନ୍ୟ ଅଙ୍ଗକୁ କର୍କଟ ବ୍ୟାପିବାକୁ ଏହା ଦେବ ନାହିଁ। ସାମାନ୍ୟ ଟିକା ଫର୍ମୁଲା ତୁଳନାରେ ପ୍ରତିରକ୍ଷା ପ୍ରତିକ୍ରିୟାକୁ ଏହା ଅଧିକ ମଜଭୁତ କରିଥାଏ। ମୂଷା ଉପରେ ଏହି ପରୀକ୍ଷଣ କରାଯାଇଥିବାବେଳେ ମନୁଷ୍ୟ ଶରୀରରେ ଏହି ଟିକା ପ୍ରଭାବୀ ହେଲେ ଆଗାମୀ ଦିନରେ ଚିକିତ୍ସା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିବ।



### ସେଣ୍ଟ୍ରାଲ ଲାଇନ୍


**ଦୀର୍ଘ କାଳୀନ ଚିକିତ୍ସା ଲାଗି ଔଷଧ ବା ପୋଷଣ ଦେବାକୁ ସେଣ୍ଟ୍ରାଲ ଲାଇନ୍ ଏକ ସହଜ ଉପାୟ। ଯେତେବେଳେ ରୋଗୀର ବାହ୍ୟଶିରା ଦୃଶ୍ୟ ହୁଏ ନାହିଁ ସେହି ସ୍ଥିତିରେ ସେଣ୍ଟ୍ରାଲ ଲାଇନ୍ କରାଯାଏ। ଏହା ମୁଖ୍ୟତଃ ବେକ, ଜଙ୍ଘ ଓ ଛାତିର ଉପରପାର୍ଶ୍ୱରେ ଥିବା ମୁଖ୍ୟ ଶିରାରେ ଦିଆଯାଇ ରୋଗୀଙ୍କୁ ଆପାତକାଳୀନ ଚିକିତ୍ସା ଯୋଗାଯାଏ। ଏହି ପ୍ରକ୍ରିୟା କ'ଣ, କେଉଁ ମାନଙ୍କ ପାଇଁ ଏହାର ଆବଶ୍ୟକତା ରହିଛି ତାହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

**ସେଣ୍ଟ୍ରାଲ ଲାଇନ୍‌ର ଆବଶ୍ୟକତା:** ବିପଜ୍ଜନକ ଭାବେ ରକ୍ତଚାପ କମ୍ ବେଶୀ ହେଉଥିବା ସମୟରେ ଯେତେବେଳେ ରକ୍ତଚାପ ଗୁରୁତର ଭାବେ ହ୍ରାସ ପାଇଥାଏ ସେତେବେଳେ ସାଧାରଣ ଶିରାମାନ ସଙ୍କୁଚିତ ହୋଇ ତାହା ମଧ୍ୟରେ କ୍ୟାଥେଟର ଦେବା ସମ୍ଭବ ହୁଏ ନାହିଁ। ସେହିପରି ନର୍ମାଲ ଲାଇନ୍ ପାଖେ ସଂକ୍ରମଣ ହେଲେ ଡାକ୍ତର ରୋଗର ତୀବ୍ରତା, ରୋଗୀର ଶାରୀରିକ ସ୍ଥିତି ଅନୁସାରେ ସେଣ୍ଟ୍ରାଲ ଲାଇନ୍ କରିଥାନ୍ତି। ଆଇସିୟୁରେ ସକ୍‌ରେ ଥିବା ବ୍ୟକ୍ତି, ବହୁ ରୋଗରେ ପୀଡ଼ିତ ବ୍ୟକ୍ତି, ବୃକ୍‌କଜନିତ ରୋଗୀଙ୍କ ଡାଏଲିସିସ୍, ଦୂର୍ଘଟଣାରେ ଗୁରୁତର ଆହତ, ଶରୀରର ଅଧିକାଂଶ ଭାଗ ପୋଡି ଯାଇଥିଲେ, ଦୀର୍ଘକାଳୀନ ଚିକିତ୍ସାରେ ଔଷଧ ଓ ପୋଷଣ ଦେବାକୁ ଏହା ପ୍ରଭାବୀ। କର୍କଟ ପୀଡ଼ିତଙ୍କୁ ଦୀର୍ଘ ସମୟ ଧରି କେମୋଥେରାପି କିମ୍ବା ଆଣ୍ଟିବାୟୋଟିକ୍ସ ଔଷଧ ଦେବାକୁ ସେଣ୍ଟ୍ରାଲ ଲାଇନ୍ କରାଯାଏ। ହୃଦ୍‌ସ୍ପନ୍ଦନ କିମ୍ବା ରକ୍ତବାହୀ ନଳୀ ସଂକୁଚିତ ପାଇଁ ବ୍ୟବହୃତ ଔଷଧ ପାଇଁ ଏହା ଉପଯୋଗୀ ବୋଲି ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଏଣ୍ଡ ହସ୍‌ପିଟାଲ, ହୃଦ୍‌ରୋଗ ବିଭାଗର ଡା. ଦୀପକ ରଞ୍ଜନ ଦାସ କୁହନ୍ତି।

**କେଉଁଠି ଦିଆଯାଏ:** ଏହି ପ୍ରକ୍ରିୟାରେ ବେକ (ଜୁଗୁଲାର), ଜଙ୍ଘ ଉପର ପାଶ୍ୱରେ (ଫେମୋରାଲ), ଛାତିର ଉପରପାର୍ଶ୍ୱ (ସବ୍‌କ୍ଲାଭିଆନ୍) କିମ୍ବା ବାହୁର ବଡ଼ ଶିରାରେ ଏକ ଲମ୍ବା ନମନୀୟ ଟ୍ୟୁବ୍‌କୁ ପ୍ରବେଶ କରାଇ ହୃତ୍‌ପିଣ୍ଡ ପାଖକୁ ପହଞ୍ଚାଯାଏ। ତାହା ଜରିଆରେ ରୋଗୀଙ୍କୁ ତରଳ ପଦାର୍ଥ, ପୋଷଣ ତଥା ଔଷଧ ଆଦି ଦିଆଯାଏ।

**ବାରମ୍ବାର ଛୁଞ୍ଚି ଫୋଡିବାକୁ ପଡ଼େନି:** ସାଧାରଣ ଭାବେ ସାଲାଇନ ବା ଯେଉଁ ଲାଇନ୍ ଦିଆଯାଏ ତାହା ୩ରୁ ୪ ଦିନ ରହିପାରିବ। କାରଣ ଏଥିରୁ ଅଧିକ ଦିନ ହେଲେ ଚାରିପାର୍ଶ୍ୱରେ ପ୍ରଦାହ ବା ସଂକ୍ରମଣ ହୁଏ। ହେଲେ ସେଣ୍ଟ୍ରାଲ ଲାଇନ୍ ଦେଲେ ତାହା ୧୦ରୁ ୧୪ ଦିନ ରଖିହେବ। ଏଥିରେ ପୀଡ଼ିତଙ୍କୁ ବାରମ୍ବାର ଛୁଞ୍ଚି ଫୋଡ଼ିବାକୁ ପଡ଼େନାହିଁ। ଔଷଧ ତଥା ତରଳ ପଦାର୍ଥ ଖୁବ୍ ସହଜରେ ରୋଗୀର ଶରୀରରେ ପହଞ୍ଚାଯାଇପାରେ। ପୀଡ଼ିତଙ୍କୁ କମ୍ ଯନ୍ତ୍ରଣା ଅନୁଭୂତ ହୁଏ।

**ସତର୍କତା ଅବଲମ୍ବନ ଜରୁରି :** ଯେକୌଣସି ଶିରାଭ୍ୟନ୍ତରୀଣ କ୍ୟାଥେଟର ପରି ଜୀବାଣୁ କିମ୍ବା ରୋଗାଣୁ ରକ୍ତପ୍ରବାହରେ ପ୍ରବେଶ କରିପାରେ। ଏହାଦ୍ୱାରା ସଂକ୍ରମଣ ବୃଦ୍ଧି ପାଏ। ସେଣ୍ଟ୍ରାଲ ଲାଇନ୍ ପ୍ରକ୍ରିୟା ଯୋଗୁ ବେଳେ ବେଳେ ରକ୍ତସ୍ରାବ କିମ୍ବା ଆଘାତ ଲାଗିବାର ଆଶଙ୍କା ଅଧିକ ଥାଏ। ତେଣୁ ତାହା ଯେମିତି ସଂକ୍ରମଣ ନହୁଏ ସେନେଇ ଧ୍ୟାନ ଦେବା ଦରକାର। ଡାକ୍ତରଙ୍କ ପରାମର୍ଶରେ ସତର୍କତା ଅବଲମ୍ବନ କରିବା ଜରୁରି।



### ଜୀବନଶୈଳୀଜନିତ ବିକାରରୁ ଆଲଜାଇମର୍

**ଆଲଜାଇମର୍ ଏକ ବୟସାଧିକ୍ୟ ରୋଗ। ଏହା ୬୦ରୁ ୬୫ ବର୍ଷ ପରେ ଆରମ୍ଭ ହୋଇଥାଏ। ପ୍ରଥମେ ସ୍ମରଣଶକ୍ତି କମିଯାଏ। ଧୀରେ ଧୀରେ ଜଣେ ନିତିଦିନିଆ କାମ କରିବାରେ ଅସୁବିଧା ଭୋଗନ୍ତି। ଏହା ମସ୍ତିଷ୍କର ଏକ ଜଟିଳ ପ୍ରକ୍ରିୟାଯୋଗୁଁ ସ୍ନାୟୁ ନଷ୍ଟ ହେଲେ ହୋଇଥାଏ। ତାଛଡ଼ା ମସ୍ତିଷ୍କରେ ଆଘାତ ହୋଇଥିଲେ ମାନସିକ ଅବସାଦ ଓ ଉଚ୍ଚ ରକ୍ତଚାପ ରୋଗର ସମ୍ଭାବନାକୁ ବଢ଼ାଇଦିଏ। ଏବେ କିନ୍ତୁ ୩୦ରୁ ୪୦ ବର୍ଷର ବ୍ୟକ୍ତି ଆଲଜାଇମର୍‌ରେ ପୀଡ଼ିତ ହେଉଛନ୍ତି।**

ଯେଉଁମାନଙ୍କ ପରିବାରରେ କେହି ଆଲଜାଇମର୍‌ରେ ପୀଡ଼ିତ ଥାଆନ୍ତି, ସେମାନଙ୍କୁ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ। କାରଣ ଜେନେଟିକ୍ ମ୍ୟୁଟେସନ୍ ଏହି ରୋଗକୁ କମ୍ ବୟସରୁ ଆରମ୍ଭ କରିପାରେ। ଜୀବନଶୈଳୀଜନିତ ବିକାର ଯଥା- ଚିନ୍ତା, ନିଦ୍ରାହୀନତା, ଭିଟାମିନ୍ ବି- ୧୨ ଅଭାବ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁ ବେଳେ ବେଳେ ଜଣେ କିଛି କଥାକୁ ଭୁଲି ଯାଆନ୍ତି। ଉଚ୍ଚରକ୍ତଚାପ, ମଧୁମେହ, ଧୂମପାନ ଆଦି ଏହି ରୋଗ ଆଶଙ୍କାକୁ ବଢ଼ାଇ ଦିଏ। ଯାହାଫଳରେ ଆଜିକାଲିର ଯୁବପିଢ଼ି ବହୁତ ଛୋଟ ଛୋଟ କଥା ଭୁଲିଯାଆନ୍ତି। ସହଜରେ କାହାକୁ ଚିହ୍ନି ପାରନ୍ତିନି। ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରନ୍ତି।

ଉପରୋକ୍ତ ଲକ୍ଷଣ ଅନୁସାରେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଜରୁରି। ପୀଡ଼ିତଙ୍କୁ ଅଳ୍ପ ଅଳ୍ପ ଖାଇବାକୁ ଦେବା, ପରିବାର ଲୋକଙ୍କ ସହଯୋଗ ଆବଶ୍ୟକ ହୋଇଥାଏ। ଦୈନିକ ବ୍ୟାୟାମ କରିବା ହିତକର। କ୍ରସୱାର୍ଡ ପଜଲ, ସୁଡ଼ୋକୁ ସମାଧାନ କରିପାରିବେ। ଧୂମପାନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଖାଦ୍ୟରେ ଫଳ, ପରିବା ସାମିଲ କରି ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ।

### ଓଜନ ନିୟନ୍ତ୍ରଣକାରୀ ଧନିଆ

**ଧନିଆ ମସଲା ଭାବେ ବ୍ୟବହାର ହୁଏ। ତରକାରି ହେଉ କି ସାଲାଡରେ ଧନିଆ ପତ୍ର ବ୍ୟବହାର କରାଯାଏ। ଧନିଆପତ୍ର ଓ ଏବଂ ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି ଆଦି ଔଷଧୀୟ ଗୁଣ ରହିଛି। ଏହା ନାନା ରୋଗ ଦୂର କରେ। ଓଜନ ନିୟନ୍ତ୍ରଣ ପାଇଁ ଧନିଆ ଏକ ପ୍ରଭାବୀ ବିକଳ୍ପ।**

ଧନିଆରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ନିୟମିତ ଏହାକୁ ଖାଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାରିଯାଏ। ଏଥିରେ ଥିବା ଫାଇବର ଯୋଗୁଁ କମ୍ ଭୋକ ଲାଗେ। ଚର୍ବି କମାଇବାରେ ମୁଖ୍ୟ ଭୂମିକା ନିଭାଇଥାଏ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ପାଚନତନ୍ତ୍ରକୁ ସକ୍ରିୟ ରଖେ ଧନିଆ। ତେଣୁ ଏକ ଗ୍ଲାସ ପାଣିରେ ଧନିଆ ପତ୍ର କିମ୍ବା ମଞ୍ଜିକୁ ଧୋଇ ରାତିସାରା ଭିଜାଇ ସକାଳୁ ଖାଲି ପେଟରେ ତାହାକୁ ଛାଣି ପିଇ ପାରିବେ। ଆଣ୍ଠୁଗଣ୍ଠିଜନିତ ସମସ୍ୟା ଥିଲେ ଧନିଆ ବହୁତ ଉପକାରୀ। ହୃଦୟକୁ ସୁସ୍ଥ ରଖିବାରେ ଏହା ସାହାଯ୍ୟ କରେ। ଧନିଆ ସେବନ ଦ୍ୱାରା କୋଲେଷ୍ଟ୍ରଲ ଓ ରକ୍ତ ଶର୍କରା ନିୟନ୍ତ୍ରଣରେ ରୁହେ। ଦୃଷ୍ଟିଶକ୍ତି ପାଇଁ ଏହା ବହୁତ ଭଲ। ତେଣୁ ଧନିଆ ଚଟଣୀ, ସାଲାଡ଼ରେ ଧନିଆ ପତ୍ର ଆଦି ଖାଇବା ହିତକର।



■ ବର୍ଷାରେ ଧୋଇଲା ୩ୟ ଟି-୨୦

## ସିରିଜ ଜିତିଲା ଇଂଲଣ୍ଡ

ଅକ୍‌ଲାଣ୍ଡ, ୨୩।୧୦ (ଏଜେନ୍ସି): ଘରୋଇ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାର ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ତଥା ୩ୟ ଟି-୨୦ ବର୍ଷା ଯୋଗୁ ବାତିଲ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୩.୪ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୮ ରନ କରିଥିବାବେଳେ ବର୍ଷା ହୋଇଥିଲା। ବର୍ଷା ଲାଗି ରହିବାରୁ ଶେଷରେ ଏହାକୁ ବାତିଲ କରାଯାଇଥିଲା। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ମଧ୍ୟ ବର୍ଷାରେ ଧୋଇଯାଇଥିଲା। ତେବେ ଦ୍ୱିତୀୟ ଟି-୨୦କୁ ୬୫ ରନରେ ଜିତିଥିବା ଭ୍ରମଣକାରୀ ଇଂଲଣ୍ଡ ଶେଷରେ ୧-୦ରେ ସିରିଜ ବିଜୟୀ ହୋଇଛି। ଦୁଇ ଦଳ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୨୬ରୁ ଆରମ୍ଭ ହେବ।

## ବାଂଲାଦେଶଠାରୁ ଦିନିକିଆ ସିରିଜ୍ ହାରିଲା ୱେଷ୍ଟଇଣ୍ଡିଜ୍

ଢାକା,୨୩।୧୦(ଏଜେନ୍ସି): ସୌମ୍ୟ ସରକାର ଓ ସୈଫ ହାସନଙ୍କ ଅର୍ଦ୍ଧଶତକ ପରେ ସ୍ପିନରଙ୍କ ସଫଳତା ଯୋଗୁଁ ଏଠାରେ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆରେ ବାଂଲାଦେଶ ୧୭୯ ରନ୍‌ର ବିରାଟ ବ୍ୟବଧାନରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ନିକଟରେ ଭାରତଠାରୁ ହାରିଥିବା ୱେଷ୍ଟଇଣ୍ଡିଜ୍ ଆଉ ଏକ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ସୌମ୍ୟଙ୍କ ୯୧ ଓ ହାସନଙ୍କ ୮୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୨୯୬ ରନ୍ କରିଥିଲା। ଆକିଲ ହୋସେନ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ବାଂଲା ସ୍ପିନରଙ୍କୁ ଉଚିତ ମୁକାବିଲା କରି ନ ପାରି ୩୦.୧ ଓଭରରେ ମାତ୍ର ୧୧୭ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲେ। ବାଂଲାର ସ୍ପିନରମାନେ ସମସ୍ତ ଓଭର ବୋଲିଂ କରିବା ସହ ୧୦ଟି ଯାକ ୱିକେଟ ନେଇଥିଲେ। ସୌମ ସରକାରଙ୍କୁ ମ୍ୟାଚ୍‌ର ଓ ରିଶାଦ ହୋସେନଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୨୭ରୁ ଦୁଇ ଦେଶ ମଧ୍ୟରେ ଟି-୨୦ ସିରିଜ୍ ଆରମ୍ଭ ହେବ।

## ୧୮ ବର୍ଷ ପରେ ପାକିସ୍ତାନରେ ଟେଷ୍ଟ ଜିତିଲା ଦ.ଆଫ୍ରିକା

ରାୱଲପିଣ୍ଡି, ୨୩।୧୦ (ଏଜେନ୍ସି): ଏଠାରେ ଘରୋଇ ପାକିସ୍ତାନ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚକୁ ବିଶ୍ୱ ଚାମ୍ପିଅନ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ବିଜୟୀ ହୋଇଛି। ଏହି ମ୍ୟାଚରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୬୮ ରନର ଛୋଟିଆ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ଚତୁର୍ଥ ଦିବସରେ ଗୁରୁବାର ଦ୍ୱିତୀୟ ଇନିଂସରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ଅଧିନାୟକ ଆଇଡେନ ମାର୍କରମ ସର୍ବାଧିକ ୪୨ ରନ କରିଥିଲେ। ଏଥିସହ ଦକ୍ଷିଣ ଆଫ୍ରିକା ଦୀର୍ଘ ୧୮ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ମାଟିରେ ଏକ ଟେଷ୍ଟ ମ୍ୟାଚ୍ ଜିତିଛି। ଶେଷଥର ଲାଗି ଦକ୍ଷିଣ ଆଫ୍ରିକା ୨୦୦୭ରେ କରାଚିରେ ୧୬୦ ରନରେ ପାକିସ୍ତାନକୁ ହରାଇଥିଲା। ଏହାପରେ ଦକ୍ଷିଣ ଆଫ୍ରିକା ୨୦୨୧ରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ପାକିସ୍ତାନ ଗସ୍ତରେ ଯାଇଥିଲା। ଏହି ସିରିଜକୁ କିନ୍ତୁ ପାକିସ୍ତାନ ୨-୦ରେ କ୍ଲିନସୁଇପ କରିଥିଲା। ରାୱଲପିଣ୍ଡିରେ ବିଜୟ ସହ ଦକ୍ଷିଣ ଆଫ୍ରିକା ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୧-୧ରେ ଡ୍ର ରଖିଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ପାକିସ୍ତାନ ୯୩ ରନରେ ବିଜୟୀ ହୋଇଥିଲା।

## ୧୭ ବର୍ଷ ପରେ ସାଉଥ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆଜିଠୁ

ରାଞ୍ଚି, ୨୩।୧୦ (ଏଜେନ୍ସି): ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ପୁଣିଥରେ ଆୟୋଜିତ ହେବାକୁ ଯାଉଛି ସାଉଥ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍। ଏହି ସମ୍ମାନଜନକ ପ୍ରତିଯୋଗିତାର ୪ର୍ଥ ସଂସ୍କରଣ ଶୁକ୍ରବାରଠାରୁ ରାଞ୍ଚିର ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଆରମ୍ଭ ହେବ। ଚଳିତ ୪ର୍ଥ ସଂସ୍କରଣରେ ଦକ୍ଷିଣ ଏସିଆର ୬ଟି ଦେଶ (ଭାରତ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ ଓ ମାଳଦୀପ)ର ପାଖାପାଖି ୩୦୦ ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ଯେଉଁଥିରେ ଆୟୋଜକ ଭାରତର ୮୦ଜଣ ପୁରୁଷ ଓ ମହିଳା ଆଥ୍‌ଲେଟ୍ ରହିଛନ୍ତି। ସେହିଭଳି ଓଡ଼ିଶାର ଧାବକ ପ୍ରତୀକ ମହାରଣା ଓ ସରୁନ ପାୟାସିଂ ମଧ୍ୟ ଏଥିରେ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଲକ୍ଷ୍ୟରେ ରହିଛନ୍ତି। ପ୍ରତୀକ ପୁରୁଷ ୨୦୦ ମିଟର ଓ ୪ ଗୁଣା ୧୦୦ ମିଟର ରିଲେ ରେସରେ ଭାଗନେବେ। ସେହିଭଳି ସରୁନ ଲଙ୍ଗଜମ୍ପ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

**ପ୍ରତୀକ, ସରୁନଙ୍କ ଉପରେ ନଜର**

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ମନ୍ଧାନା-ପ୍ରତୀକାଙ୍କ ରେକର୍ଡ ଶତକ

ନବି ମୁମ୍ବାଇ, ୨୩।୧୦ (ଏଜେନ୍ସି):







ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ସାମ୍ନାସାମ୍ନି ହୋଇଛନ୍ତି। ବର୍ଷା ବାଧାପ୍ରାପ୍ତ ୪୯ ଓଭରବିଶିଷ୍ଟ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲଙ୍କ ଦମ୍‌ଦାର ଶତକ ବଳରେ ୩ ୱିକେଟ୍ ହରାଇ ୩୪୦ ରନର ବିଶାଳ ସ୍କୋର କରିଛି। ଏହାପରେ ଡିଏଲ୍ ପଦ୍ଧତିରେ ନ୍ୟୁଜିଲାଣ୍ଡ ସାମ୍ନାରେ ୪୪ ଓଭରରେ ୩୨୫ ରନର ପୁନଃଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ଶେଷ ଖବର ସୁଦ୍ଧା ୩୦ ଓଭରରେ ୫ ୱିକେଟ୍ ହରାଇ ୧୫୯ ରନ ସଂଗ୍ରହ କରିଛି। ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍ ଖେଳି ୪ ପଏଣ୍ଟ ସହ ଟେବଲ୍‌ରେ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚରେ ବିଜୟୀ ଦଳ ଅନ୍ତିମ ତଥା ୪ର୍ଥ ଦଳ ଭାବେ ସେମିଫାଇନାଲ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି।

ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ସୋଫିଙ୍କ ଏହି ନିଷ୍ପତ୍ତିକୁ କିନ୍ତୁ ଦୁଇ ଭାରତୀୟ ଓପନର୍ ପ୍ରତୀକା ଓ ମନ୍ଧାନା ଭୁଲ୍ ପ୍ରମାଣିତ କରିଥିଲେ। ଉଭୟ ବ୍ୟକ୍ତିଗତ ଭାବେ ଶତକ ହାସଲ କରିବା ସହ ଓପନିଂ ୱିକେଟ୍‌ରେ ୨୦୦ ବଲରୁ ୨୧୨ ରନ ସଂଗ୍ରହ କରିଥିଲେ। ତେବେ ୧୦୯ ରନ କରିଥିବାବେଳେ ମନ୍ଧାନାଙ୍କୁ ଆଉଟ୍ କରି ସୁଜି ବେଟ୍ସ ନ୍ୟୁଜିଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ମନ୍ଧାନା ତାଙ୍କ ୯୫ ବଲ୍ ପାଳିରେ ୧୦ ଚୌକା ଓ ୪ ଛକା ମାରିଥିଲେ। ସେହିଭଳି ପ୍ରତୀକା ମଧ୍ୟ କ୍ୟାରିୟରର ପ୍ରଥମ ଶତକ ହାସଲ କରି ୧୩୪ ବଲରେ ୧୨୨ ରନ କରି ଆମେଲିଆ କେର୍‌ଙ୍କ ଶିକାର ବନିଥିଲେ। ବର୍ଷା ଯୋଗୁ ଖେଳ ବନ୍ଦ ରହିବାବେଳକୁ ଜେମିମା ରୋଡ୍ରିଗ୍ସେଜ ୬୯ ଓ ଅଧିନାୟିକା ହରମନପ୍ରୀତ୍ କୌର ୧୦ ରନ କରି ଖେଳୁଛନ୍ତି। ଶୁକ୍ରବାର ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

**ମ୍ୟାଚ୍ ରେକର୍ଡ**

**୧୫୫୭ ରନ:** ଚଳିତ ବର୍ଷ ମନ୍ଧାନା ଓ ପ୍ରତୀକା ଯୋଡ଼ି ଦିନିକିଆରେ ମୋଟ୍ ୧୫୫୭ ରନ ପାର୍ଟନରସିପ୍ କରିଛନ୍ତି। ପୁରୁଷ ଓ ମହିଳା ଦିନିକିଆ କ୍ରିକେଟରେ ଗୋଟିଏ କ୍ୟାଲେଣ୍ଡରରେ ପାର୍ଟନରସିପରୁ ସର୍ବାଧିକ ରନ ସଂଗ୍ରହ ସଚିନ ଓ ଗାଙ୍ଗୁଲି (୧୬୩୫ ରନ, ୧୯୯୮ ମସିହା) ଯୋଡ଼ିଙ୍କ ନାମରେ ରହିଛି।

**୨୧୨ ରନ:** ମନ୍ଧାନା ଓ ପ୍ରତୀକା ଓପନିଂ ୱିକେଟ୍‌ରେ ୨୧୨ ରନ ସଂଗ୍ରହ କରିଥିଲେ। ଯାହାକି ମହିଳା ଦିନିକିଆ ବିଶ୍ୱକପରେ ଭାରତର ଯେକୌଣସି ୱିକେଟ୍‌ରେ ରେକର୍ଡ ପାର୍ଟନରସିପ୍। ପୂର୍ବରୁ ୨୦୨୨ ବିଶ୍ୱକପରେ ମନ୍ଧାନା ଓ ହରମନପ୍ରୀତ୍ ଯୋଡ଼ି ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୮୪ ରନ ସଂଗ୍ରହ କରିଥିଲେ।

**୭ମ:** ମନ୍ଧାନା ଓ ପ୍ରତୀକା ୨୩ଟି ଇନିଂସରେ ଏକାଠି ଓପନିଂ କରି ୭ମଥର ଲାଗି ଶତକୀୟ ଭାଗୀଦାରି କରିଛନ୍ତି। ଯାହାକି ମହିଳା ଦିନିକିଆରେ ଓପନିଂ ଯୋଡ଼ିରେ ଦ୍ୱିତୀୟ ଯୁଗ୍ମ ସର୍ବାଧିକ ଶତକୀୟ ଭାଗୀଦାରି। ୧୦ଟି ଶତକୀୟ ଭାଗୀଦାରି ସହ ବେଲିଣ୍ଡା କ୍ଲାର୍କ-ଲିସା କେଟଲୀ ଯୋଡ଼ି ଏହି ତାଲିକାର ଶୀର୍ଷରେ ରହିଛି।

**୩ୟ:** ମହିଳା ଦିନିକିଆ ବିଶ୍ୱକପ ଇତିହାସରେ କୌଣସି ଦଳର ଉଭୟ ଓପନର୍ ଗୋଟିଏ ମ୍ୟାଚରେ ଶତକ ହାସଲ କରିବାରେ ଏହା ୩ୟ ଘଟଣା। ୧୯୭୩ରେ ଇଂଲଣ୍ଡ ଓପନର୍ ଲିନୀ ଥୋମାସ ଓ ଏନିଡ୍ ବାକୱେଲ ଓ ୧୯୮୮ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଲିଣ୍ଡସେ ରିଲର୍ ଓ ରଥ୍ ବକଷ୍ଟେଇନ ଏହି ସଫଳତା ପାଇଥିଲେ।

**୧୦୦୦ ରନ:** ୨୩ଟି ଇନିଂସରେ ପ୍ରତୀକା ଦିନିକିଆରେ ୧୦୦୦ ରନ ପୂରଣ କରିଛନ୍ତି। ଏଥିସହ ଏକ ହଜାର ରନ ପୂରଣ କରିବାରେ ଅଷ୍ଟ୍ରେଲିଆର ଲିଣ୍ଡସେ ରିଲର୍‌ଙ୍କ ସହ ଯୁଗ୍ମ ଭାବେ ସେ ବିଶ୍ୱର ଦ୍ରୁତତମ ମହିଳା କ୍ରିକେଟର୍ ହୋଇଛନ୍ତି। ଲିଣ୍ଡସେ ମଧ୍ୟ ୨୩ଟି ଇନିଂସରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

**୧୪ତମ:** ଦିନିକିଆରେ ମନ୍ଧାନାଙ୍କ ଏହା ୧୪ତମ ଶତକ ଥିଲା। ମହିଳା ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ସେ ମେଗ୍ ଲାନିଂ (୧୫ଟି) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**୧୭ତମ:** ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ରେ ମନ୍ଧାନାଙ୍କ ଏହା ୧୭ତମ ଶତକୀୟ ପାଳି ଥିଲା। ମହିଳା କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ମନ୍ଧାନା ଏବେ ଲାନିଂ (୧୭ଟି) ସହ ସମକକ୍ଷ ହୋଇଛନ୍ତି। ସୁଜି ବେଟ୍ସ ଓ ବିଉମଣ୍ଟ ୧୪ଟି ଶତକ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ୍‌ରେ ଭାଗନେବ ଓଡ଼ିଶା

କଟକ,୨୩।୧୦(ସମିସ): ଚଳିତମାସ ୨୭ ତାରିଖରୁ ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ପଞ୍ଜାବର ଅମ୍ରିତସରରେ ସମସ୍ତ ଲିଗ୍ ମ୍ୟାଚ୍ ଖେଳିବ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଘୋଷିତ ୨୦ ଜଣିଆ ରାଜ୍ୟ ଦଳ ଆଜି ପଞ୍ଜାବ ଯାତ୍ରା କରିଛି। ଗୋଲକିପର ଭାବେ ଅନୁଗ୍ରହ ଚକ୍ରବର୍ତ୍ତୀ ଓ ଗୁମନ ଭୂମିଜ ଦଳରେ ରହିଛନ୍ତି। ଡିଫେଣ୍ଡର ଓମପ୍ରକାଶ ସାହୁ, ଶୁଭମ ଦେହୁରୀ, ସାଇ ରୁଦ୍ର ନାରାୟଣ ସ୍ୱାଇଁ, ନବୀନ ଏକ୍କା, ଆଦିତ୍ୟ ବରାଳ, ନକୁଳ ଭୂମିଜ, ହାର୍ଦ୍ଦିକ ବରାଳ, ମିଡଫିଲ୍ଡର ସଂଗ୍ରାମ ବେହେରା, ଅମନଜିତ ମାରାଣ୍ଡି, ତ୍ରୟମ୍ବକମ ବେହେରା, ଅଜିତ ମାଝୀ, ସତ୍ୟଜିତ ସିଂହ, ଅଙ୍ଗଦ କଲସେର, ଫରୱାର୍ଡ ସେଖ ତମିମ, ଆୟନ ଖାନ, ଆଶୁତୋଷ ରାଉତ, ତ୍ରିବନ ପୂର୍ତ୍ତି, ଆର୍ୟନ ଓରାମ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍ ହୃଷିକେଶ ବେହେରା, ସହକାରୀ କୋଚ୍ ସାଇ ପ୍ରସାଦ, ମ୍ୟାନେଜର ସେହନୱାଜ ଆଲାମ ଓ ଫିଜିଓ ସେହବାଜ ଅହମ୍ମଦ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ପ୍ରଥମ ମୁକାବିଲାରେ ମିଜୋରାମକୁ ଭେଟିବ।

## ବହୁତୁଲେ ପଞ୍ଜାବ କିଙ୍ଗ୍‌ସ ବୋଲିଂ କୋଚ୍

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ସ୍ପିନର ସାଇରାଜ ବହୁତୁଲେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆସନ୍ତା ସିଜନ ଲାଗି ପଞ୍ଜାବ କିଙ୍ଗ୍‌ର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ରାଜସ୍ଥାନ ରୟାଲ୍ସର ବୋଲିଂ କୋଚ୍ ରହିଥିଲେ। ଏବେ ସୁନିଲ ଯୋଶିଙ୍କ ସ୍ଥାନରେ ବହୁତୁଲେ ଦାୟିତ୍ୱରେ ରହିବେ। ଯୋଶି ୨୦୨୩ରୁ ୨୫ ଯାଏ ପଞ୍ଜାବ କିଙ୍ଗ୍‌ସର ବୋଲିଂ କୋଚ୍ ରହିଥିଲେ। ରିକି ପଣ୍ଟିଂ ଏବେ ପଞ୍ଜାବର ହେଡ୍ କୋଚ୍ ରହିଥିଲାବେଳେ ବ୍ରାଡ ହାଡିନ୍ ଓ ଜେମ୍ସ ହୋପ୍ସ ସହକାରୀ କୋଚ୍ ଦାୟିତ୍ୱ ତୁଲାଉଛନ୍ତି।



୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି

## ରାଜ୍ୟ ଦଳର ଛତିଶଗଡ଼ ଯାତ୍ରା

କଟକ,୨୩।୧୦(ସମିସ): ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଏହି ପରିପ୍ରେକ୍ଷୀରେ ଓସିଏ ଦ୍ୱାରା ଘୋଷିତ ୧୬ଜଣିଆ ରାଜ୍ୟ ଦଳ ଗୁରୁବାର ଛତିଶଗଡ଼ ଅଭିମୁଖେ ଯାତ୍ରା କରିଛି। ପ୍ରିୟଙ୍କାରୀ ମୁଦୁଲିଙ୍କୁ ଦଳର ନେତୃତ୍ୱ ମିଳିଛି। ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ(ୱିକେଟ କିପର), ଅନୁଷ୍କା ମହାନ୍ତି(ୱିକେଟ କିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପସିତା ପରିଡା, ଯଶମୁନି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂହ, ସ୍ୱାତିକା ବେହେରା, ଯୁବଲିପି ପରିଡା ଦଳରେ ସ୍ଥାନ ପାଇଛନ୍ତି। କୋଚ୍ କାଦମ୍ବିନୀ ମହାକୁଡ, ମ୍ୟାନେଜର ତିଳୋତ୍ତମା ସାହୁ, ଫିଜିଓ ସ୍ୱାତୀ ସୁମନ ବେହେରା ଓ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ସସ୍ମିତା ବେହେରା ଦଳ ସହ ଯାତ୍ରା କରିଛନ୍ତି।



**ଭାରତ ୧୭ ବର୍ଷ ପରେ ଆଡିଲେଡ୍‌ରେ ହାରିଲା**

# ଅଷ୍ଟ୍ରେଲିଆର ଆଗୁଆ ସିରିଜ୍ କବ୍‌ଜା

ଆଡିଲେଡ ଓଭାଲ,୨୩।୧୦(ଏଜେନ୍ସି):



ଏଠାରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ୨ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ଦୀର୍ଘ ୧୭ ବର୍ଷ ପରେ ସମସ୍ତ ପ୍ରକାର କ୍ରିକେଟ ଫର୍ମାଟରେ ଭାରତ ଏଠାରେ ପ୍ରଥମଥର ପରାଜିତ ହୋଇଛି। ଏହି ବିଜୟ ପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଘରୋଇ ଦଳ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା କରିଛି। ପର୍ଥରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଅଷ୍ଟ୍ରେଲିଆ ୭ ୱିକେଟରେ ଜିତିଥିଲା। ସେହିପରି ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍ ସିଡ୍‌ନୀରେ ଗୋଟିଏ ଦିନ ପରେ ଅର୍ଥାତ୍ ଶନିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୧୦ ଓଭର ବୋଲିଂ କରି ୬୦ ରନ୍ ବିନିମୟରେ ଭାରତର ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଅଷ୍ଟ୍ରେଲିଆ ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କୁ ଦ୍ୱିତୀୟ ଦିନିକିଆର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୨୦୦୮ରୁ ଏଠାରେ ଭାରତ ୬ଟି ଦିନିକିଆ ମ୍ୟାଚ୍ ଖେଳିବା ପରେ ପ୍ରଥମଥର ପରାଜିତ ହୋଇଛି।

ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ କ୍ରମାଗତ ଦ୍ୱିତୀୟ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲରଙ୍କ ଆଗରେ ଭାରତୀୟ ବ୍ୟାଟର ରନ୍ ସଂଗ୍ରହ କରିବାକୁ ସଂଘର୍ଷ କରିଥିଲେ। ଫଳରେ ପାୱାରପ୍ଲେ ବା ପ୍ରଥମ ୧୦ ଓଭରରେ ଦଳ ୨୯ ରନ୍ କରି ଦୁଇ ତାରକା ଖେଳାଳି ଯଥା ଅଧିନାୟକ ଶୁବମନ ଗିଲ୍ (୮) ଓ ବିରାଟ କୋହଲି (୦)ଙ୍କ ୱିକେଟ ହରାଇଥିଲା। କୋହଲି କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖାତା ଖୋଲିବାକୁ ଅସମର୍ଥ ହୋଇଥିଲେ। ୧୭ ରନ୍‌ରେ ଦଳ ୨ ୱିକେଟ ହରାଇବା ପରେ ସଂଘର୍ଷ କରୁଥିବା ରୋହିତ ଶର୍ମା ଓ ଶ୍ରେୟସ ଆୟର ଦମ୍‌ର ସହ ବ୍ୟାଟିଂ କରି ତୃତୀୟ ୱିକେଟରୁ ୧୧୮ ରନ୍ ଉଠାଇଥିଲେ। ରୋହିତ ୯୭ ବଲ୍‌ରୁ ୭ ଚୌକା ଓ ୨ ଛକା ସହ ୭୪ ଏବଂ କିଛି ସମୟ ପରେ ଆୟର ୭୭ ବଲ୍‌ରୁ ୭ ଚୌକା ସହ ୬୧ ରନ୍‌ରେ ଆଉଟ ହୋଇଥିଲେ। ଏମାନଙ୍କ ବ୍ୟତୀତ ଅକ୍ଷର ପଟେଲ ୪୧ ବଲ୍‌ରେ ୪୪, ଶେଷ ଭାଗରେ ହର୍ଷିତ ରାଣା ୧୮ ବଲ୍‌ରେ ୨୪ ଓ ଅର୍ଶଦୀପ ସିଂହ ୧୪ ବଲ୍‌ରେ ୧୩ ରନ୍ କରିବା ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୬୪ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଲେଗ୍ ସ୍ପିନର ଜାମ୍ପାଙ୍କ ୪ ୱିକେଟକୁ ବାଦ୍ ଦେଲେ ଜାଭିୟର ବାର୍ଟଲେଟ ୩୯ ରନ୍‌ରେ ୩ଟି ଓ ମିଚେଲ ଷ୍ଟାର୍କ ୬୨ ରନ୍‌ରେ ୨ଟି ୱିକେଟ ପାଇଥିଲେ। ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍ ୱିକେଟ ପାଇ ନ ଥିଲେ ମଧ୍ୟ ଅତ୍ୟନ୍ତ କଞ୍ଜୁସ ବୋଲିଂ କରି ୧୦ ଓଭରରେ ୨ଟି ମେଡେନ ସହ ମାତ୍ର ୨୯ ରନ୍ ବ୍ୟୟ କରିଥିଲେ।

ଜବାବରେ ୨୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଆରମ୍ଭରୁ ଶେଷଯାଏ ଖେଳକୁ ନିୟନ୍ତ୍ରଣରେ ରଖି ୪୬.୨ ଓଭରରେ ୮ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ନଂ-୩ ମାଥ୍ୟୁ ସର୍ଟ ସର୍ବାଧିକ ୭୪, କୁପର କନୋଲି ଅପରାଜିତ ୬୧, ମିଚେଲ ଓଏନ ୨୩ ବଲ୍‌ରେ ୩୬, ମ୍ୟାଟ ରେନ୍‌ସା ୩୦ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏଁ ୱିକେଟ ପାଇଥିଲେ। କିନ୍ତୁ ଅଷ୍ଟ୍ରେଲିଆ ଇନିଂସରେ କେହି ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରି ନ ଥିଲେ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ୧୦ ବଲ୍‌ରେ ୮ ରନ୍ ଓ ବୋଲିଂରେ ୩ ଓଭରରେ ୨୪ ରନ୍ ବ୍ୟୟ କରିଥିଲେ। ଭାରତୀୟ ସ୍ପିନର ପ୍ରଭାବଶାଳୀ ହେଉ ନ ଥିଲାବେଳେ କୁଲଦୀପ ଯାଦବଙ୍କୁ ବାହାରେ ବସାଇବାକୁ ନେଇ ସମାଲୋଚନା ତୀବ୍ର ହୋଇଛି। ଏଭଳି ସ୍ଥଳେ ତୃତୀୟ ଦିନିକିଆରେ ଭାରତୀୟ ଦଳରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି ଅଷ୍ଟ୍ରେଲିଆର ଟପ୍ ସ୍କୋରର ମାଥ୍ୟୁ ସର୍ଟଙ୍କୁ ଦୁଇଥର ଡ୍ରପ୍ କରିବା ମଧ୍ୟ ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି।

ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି

## ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି



ଭୁବନେଶ୍ୱର, ୨୩।୧୦ (ସମିସ): ଓମାନର ରାଜଧାନୀ ମସ୍କଟରେ ଚଳିତ ମାସ ୨୫ରୁ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ପ୍ରତିଯୋଗିତା ଖେଳାଯିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ୧୩ ଜଣିଆ ଭାରତୀୟ ସିନିଅର ପୁରୁଷ ରଗ୍‌ବୀ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଯୁଗଳ ମାଝି, ଗଣେଶ ମାଝି, ଆଶିଷ ଶବର ଓ ଶନୱାଜ ଅହମଦ। ଏମାନଙ୍କ ମଧ୍ୟରୁ ଯୁଗଳ, ଗଣେଶ ଓ ଆଶିଷ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ଛାତ୍ର। ନିକଟରେ କୋଲକାତାରେ ଭାରତୀୟ ରଗ୍‌ବୀ ଦଳର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏହି ୪ ଓଡ଼ିଆ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ରାଜ୍ୟ ରଗ୍‌ବୀ ଫୁଟ୍‌ବଲ ସଂଘ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS